EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର

ବର୍ଷ-୨ ସଂଖ୍ୟା-୧୨ ୦୨ ଏପ୍ରିଲ - ୦୮ ଏପ୍ରିଲ, ୨୦୧୮ ଭୁବନେଶ୍ୱର ● Monday Weekly ● VOL-2 ISSUE-12 02nd APRIL - 08th APRIL, 2018 BHUBANESWAR ₹ 5/- (8 Pages)

ସ୍ୱଚ୍ଛ ଭାରତ
ଏକ ପାଦ ସ୍ୱଚ୍ଛତା ଆଡ଼କୁ

ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ
ଭାରତ ସରକାର



"ଇତିହାସ ଓ ପରମ୍ପରାର ଉପଯୁକ୍ତ ସମ୍ମାନ ବିନା ରାଷ୍ଟ୍ରର ବିକାଶ ସମ୍ଭବ ନୁହେଁ । ଯେଉଁ ରାଷ୍ଟ୍ରମାନେ ନିଜର ଗୌରବମୟ ଇତିହାସ ଓ ପରମ୍ପରାକୁ ଅଣଦେଖା କରନ୍ତି, ସେମାନେ ନିଜର ଆତ୍ମ ପରିଚୟ ହରାଇବା ନିଶ୍ଚିତ ।"

- ନରେନ୍ଦ୍ର ମୋଦି

## ବିଶ୍ୱ ଐତିହ୍ୟ ସ୍ଥଳ ପାଇଁ ବିଶ୍ୱମାନର ସୁବିଧା

### ସୂର୍ଯ୍ୟ ମନ୍ଦିର, କୋଣାର୍କଠାରେ ଇଣ୍ଟରପ୍ରିଟେସନ୍ ସେଣ୍ଟର ଓ ପର୍ଯ୍ୟଟକ ସୁବିଧା ସମୂହର

ଶୁଭ ଉଦ୍‌ଘାଟନ

**ଧର୍ମେନ୍ଦ୍ର ପ୍ରଧାନ**
ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ,
ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ, ଭାରତ ସରକାରଙ୍କ
କରକମଳରେ

ଗରିମାମୟ ଉପସ୍ଥିତି

**ଶିଗେରୁ ଆୟୋଗି**
ନିର୍ଦ୍ଦେଶକ ଏବଂ ୟୁନେସ୍କୋ ପ୍ରତିନିଧି,
ଭାରତ, ଭୁଟାନ, ମାଲଦୀପ ଓ ଶ୍ରୀଲଙ୍କା

**ପବିତ୍ର ଉତ୍କଳ ଦିବସ**
**୧ ଏପ୍ରିଲ ୨୦୧୮, ରବିବାର, ସକାଳ ୧୦ ଘଟିକା**
**ଆଇଓଏଫ୍ ମେନ୍ ବସ୍ ପାର୍କିଂ ସ୍ଥଳ, କୋଣାର୍କ**



ଉପଲବ୍ଧ ସୁବିଧା

- ସମ୍ପୂର୍ଣ୍ଣ ରୂପେ ଶୀତତାପ ନିୟନ୍ତ୍ରିତ ଇଣ୍ଟରପ୍ରିଟେସନ୍ ସେଣ୍ଟର
- ଦୃଶ୍ୟ-ଶ୍ରାବ୍ୟ ପ୍ରେକ୍ଷାଳୟ
- ପ୍ରଦର୍ଶନ ଗ୍ୟାଲେରୀ
- ଶ୍ରୀ ରଘୁନାଥ ମହାପାତ୍ରଙ୍କ ସ୍ଥାପତ୍ୟ
- ଲ୍ୟାଣ୍ଡ ସ୍କେପିଂ
- ଯଥେଷ୍ଟ ପାର୍କିଂ ସ୍ଥାନ
- କ୍ୟାଫେଟେରିଆ

## କେମିତି କଟିବ ଏ ସପ୍ତାହ

**ମେଷ** ନୂତନ ଜମି କ୍ରୟ କରି ଠକାମିର ଶିକାର ହେବେ। ଛାତ୍ରଛାତ୍ରୀମାନେ ପ୍ରଶଂସିତ ହେବେ। ଆର୍ଥିକ ସମସ୍ୟାର ସମାଧାନ ସମ୍ଭାବନା। କଳାକାରମାନେ ପ୍ରଶଂସିତ ହେବେ। ବ୍ୟବସାୟୀମାନେ ଅଧିକ ଲାଭାବ ହେବେ। ମାନସିକ ଅଶାନ୍ତି ଲାଗିରହିବ।

**ବୃଷ** କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ପ୍ରଶଂସା ପାଇବେ। ପରିବାରରେ ଲାଗିରହିଥିବା ସମସ୍ୟାର ସମାଧାନ ଘଟିବ। ବ୍ୟବସାୟୀମାନେ ଅଧିକ ଲାଭରୁ ବଞ୍ଚିତ ହେବେ। ବେକାରୀ ସମସ୍ୟା ଦୂର ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ** ଦୀର୍ଘଦିନରୁ ଲାଗି ରହିଥିବା ପୁରୁଣା କାମର ସମାଧାନ ହେବ। ଅତୀତ ଘଟଣାକୁ କେନ୍ଦ୍ରକରି ପଡୋଶୀଙ୍କ ସହ ବିବାଦ ଉପୁଜିପାରେ। ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ହେବେ। ରାଜନୈତିକ ବ୍ୟକ୍ତିମାନେ ସଫଳତା ପାଇବେ।

**କର୍କଟ** ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ମିଳିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ନୂତନ ଯାନ କ୍ରୟ କରିବାର ସମୟ ଆସିବ। ଆୟ ବୃଦ୍ଧିର ନୂଆ ରାସ୍ତା ଖୋଲିବ। ଗୃହରେ ଶାନ୍ତି ବଜାୟ ରହିବ।

**ସିଂହ** ସାମାଜିକ ଉତ୍ସବରେ ସହଯୋଗ କରିବେ। ଜମିଜମା ବିବାଦର ସମାଧାନ ହୋଇପାରେ। ନୂତନ କର୍ମରେ ଯୋଗ ଦେଇ ପ୍ରଶଂସିତ ହେବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ।

**କନ୍ୟା** ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। ଠାକୁରଙ୍କ ସେବାରେ ସମୟ ଅତିବାହିତ କରିବେ। ଧର୍ମ ଚର୍ଚ୍ଚରେ ଅଂଶଗ୍ରହଣ କରିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ।

**ତୁଳା** ଆର୍ଥିକ ପରିସ୍ଥିତିରେ ପରିବର୍ତ୍ତନ ହେବ। ମାତାପିତାଙ୍କ ସେବା କରି ଆନନ୍ଦ ଅନୁଭବ କରିପାରନ୍ତି। ବ୍ୟବସାୟରେ ଅଧିକ ଲାଭବାନ ହେବେ। ରାଜନୈତିକ ବ୍ୟକ୍ତିମାନେ ଚିନ୍ତିତ ରହିବେ।

**ବିଛା** ପରିବାରରେ ଶାନ୍ତିର ବାତାବରଣ ଦେଖାଦେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ବ୍ୟବସାୟୀମାନେ ଆଶାନୁରୂପ ଲାଭ ପାଇବେ। ରାଜନୈତିକ ବ୍ୟକ୍ତିମାନେ ଶୁଭଫଳ ପ୍ରାପ୍ତ କରିବେ।

**ଧନୁ** ନୂତନ କର୍ମକ୍ଷେତ୍ରରେ ଯୋଗଦେବେ। ପରିବାରରେ ଶାନ୍ତି ବଜାୟ ରହିବ। ପୁରୁଣା କରଜ ଆପଣଙ୍କୁ ଫେରସ୍ତ ମିଳିପାରେ। ସ୍ୱାସ୍ଥ୍ୟପ୍ରତି ସଚେତନ ରହନ୍ତୁ। ବିଦ୍ୟାର୍ଥୀମାନେ ପାଠପଢ଼ାରେ ଭଲ ପ୍ରଦର୍ଶନ କରିବେ।

**ମକର** କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ଠାକୁରଙ୍କ ପ୍ରତି ଭକ୍ତିଭାବ ଜାଗ୍ରତ ହେବ। ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳତା ହାସଲ କରିବେ।

**କୁମ୍ଭ** ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ବନ୍ଧୁତା ସ୍ଥାପନ ହୋଇପାରେ। ପାରିବାରିକ ଶାନ୍ତି ବଜାୟ ରହିବ। ଶାରୀରିକ ଅସୁସ୍ଥତା ଲାଭ କରିବେ। ବ୍ୟବସାୟୀମାନେ ଅଧିକ ଲାଭବାନ ହେବେ।

**ମୀନ** ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ଆସିବ। ନୂତନ କର୍ମରେ ଯୋଗ ଦେଇ ଖୁସି ଅନୁଭବ କରିବେ। ଯାନବାହନଠାରୁ ଦୂରେଇ ରହନ୍ତୁ। ବିବାହ ଆଶାୟୀମାନେ ଅସଫଳ ହେବେ। ଛାତ୍ରଛାତ୍ରୀମାନେ କୃତିତ୍ୱ ଲାଭ କରିବେ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ମଧ୍ୟପ୍ରଦେଶରେ ସରକାରୀ କର୍ମଚାରୀଙ୍କ ଅବସର ବୟସ ୬୨କୁ ବୃଦ୍ଧି

**ଭୋପାଳ :** ମଧ୍ୟପ୍ରଦେଶରେ ସରକାରୀ କର୍ମଚାରୀଙ୍କ ଅବସର ବୟସ ୬୦ ବର୍ଷରୁ ୬୨ ବର୍ଷକୁ ବୃଦ୍ଧି କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ ଘୋଷଣା କରିଛନ୍ତି। ଏଠାରେ ସାମ୍ବାଦିକମାନଙ୍କୁ ସେ ଏହି ସୂଚନା ଦେଇଛନ୍ତି। ତେବେ ସରକାରଙ୍କ ଏ ସମ୍ପର୍କିତ ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଅଧିକ କିଛି ପ୍ରକାଶ କରିନାହାନ୍ତି। ରାଜ୍ୟରେ ଏବେ ୫ ଲକ୍ଷ ନିୟମିତ ସରକାରୀ କର୍ମଚାରୀ ଅଛନ୍ତି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧୀ ଦଳ କଂଗ୍ରେସ ବିରୋଧ କରିଛି। ଏହା ଦ୍ୱାରା ବେକାର ଯୁବକ, ଯୁବତୀମାନେ କ୍ଷତିଗ୍ରସ୍ତ ହେବେ ବୋଲି ଦଳ ଅଭିଯୋଗ କରିଛି। ବିଧାନସଭାରେ ବିରୋଧୀ ଦଳର ନେତା ଅଜୟ ସିଂହ କହିଛନ୍ତି, ସରକାରଙ୍କ ନିଷ୍ପତ୍ତି ଦ୍ୱାରା କର୍ମଚାରୀମାନେ ମଧ୍ୟ ବିଶେଷ ଲାଭବାନ ହେବେ ନାହିଁ। ଏହା ଦ୍ୱାରା କନିଷ୍ଠ କର୍ମଚାରୀମାନେ ପଦୋନ୍ନତିରୁ ବଞ୍ଚିତ ହେବେ। ବରଂ ମୁଖ୍ୟମନ୍ତ୍ରୀ ଶିକ୍ଷିତ ବେକାର ଯୁବକ ଯୁବତୀଙ୍କ ପାଇଁ ମାସିକ ୨୦୦୦ ଟଙ୍କା ବେକାରୀ ଭତ୍ତା ଘୋଷଣା କରିବା ଉଚିତ।

# ଜେଲ୍‌ରେ ଥିବା ବିଧାୟକଙ୍କୁ ବିଧାନସଭା ମନା

**ଲକ୍ଷ୍ନୌ :** ଉତ୍ତରପ୍ରଦେଶରେ ଯୋଗୀ ଆଦିତ୍ୟନାଥ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଅପରାଧିକ କାର୍ଯ୍ୟକଳାପରେ ସମ୍ପୃକ୍ତ ଥାଇ ଜେଲ୍‌ରେ ଥିବା ବିଧାୟକମାନେ ଏଣିକି ଆଉ ବିଧାନସଭା ଅଧିବେଶନ କିମ୍ବା ବିଧାନସଭାର କୌଣସି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିପାରିବେ ନାହିଁ। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ରାଜ୍ୟ ଗୃହ ବିଭାଗ ପ୍ରମୁଖ ସଚିବ ଅରବିନ୍ଦ କୁମାର କହିଛନ୍ତି ଯେ, ଆହ୍ଲାବାଦ ହାଇକୋର୍ଟ ଓ ସୁପ୍ରିମକୋର୍ଟଙ୍କ ରୁଲିଂ ଅନୁଯାୟୀ ମୁଖ୍ୟମନ୍ତ୍ରୀ ଏଭଳି ନିଷ୍ପତ୍ତି ନେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ରାଜ୍ୟରେ ୩ ଜଣ ନିର୍ବାଚିତ ବିଧାୟକ ବିଭିନ୍ନ ଅପରାଧରେ ଜଡ଼ିତ ଥାଇ ଜେଲ୍‌ରେ ଅଛନ୍ତି। ସେମାନେ ହେଲେ ବିଏସ୍‌ପିର ମୁଖତାର ଅନ୍‌ସାରୀ, ବିଜେପିର ବ୍ରଜେଶ ସିଂହ ଓ ସମାଜବାଦୀ ପାର୍ଟିର ହରିଓଁ ଯାଦବ। ଏବେ ନିକଟରେ ରାଜ୍ୟସଭା ନିର୍ବାଚନରେ ମତଦାନ କରିବାକୁ ବହୁଜନ ସମାଜ ପାର୍ଟିର ବିଧାୟକ ମୁଖତାରଙ୍କୁ କୋର୍ଟ ଅନୁମତି ଦେଇନଥିଲେ। ସେହିପରି ଉପନିର୍ବାଚନରେ ସମାଜବାଦୀ ପାର୍ଟି ବିଧାୟକ ହରିଓଁଙ୍କୁ ମତଦାନ ପାଇଁ କୋର୍ଟଙ୍କ ଅନୁମତି ମିଳିନଥିଲା।

## ସିବିଏସ୍‌ଇ ପ୍ରଶ୍ନପତ୍ର ଲିକ୍ ଘଟଣା

# ୨୫ରେ ଦ୍ୱାଦଶ ଅର୍ଥନୀତି ପରୀକ୍ଷା

**ନୂଆଦିଲ୍ଲୀ :** ସିବିଏସ୍‌ଇ ପ୍ରଶ୍ନପତ୍ର ଲିକ୍ ଘଟଣାରେ ଆନ୍ଦୋଳନ ଜୋର ଧରିଥିଲା ବେଳେ ସରକାର ଦ୍ୱାଦଶ ଶ୍ରେଣୀ ଅର୍ଥନୀତି ବିଷୟରେ ଆସନ୍ତା ଏପ୍ରିଲ୍ ୨୫ରେ ଦେଶବ୍ୟାପୀ ସାନି ପରୀକ୍ଷା କରାଯିବ ବୋଲି ଘୋଷଣା କରିଛନ୍ତି। ତେବେ ୧୦ମ ଶ୍ରେଣୀ ଗଣିତ ପରୀକ୍ଷା କେବଳ ଦିଲ୍ଲୀ, ଏନ୍‌ସିଆର୍ ଓ ହରିଆଣାରେ କରାଯିବ ଏବଂ ଏହି ପରୀକ୍ଷା ଜୁଲାଇ ମାସରେ କରାଯିବ। ମାନବ ସମ୍ବଳ ବିକାଶ ଅଧୀନସ୍ଥ ସ୍କୁଲ ଶିକ୍ଷା ସଚିବ ଅନୀଲ ସ୍ୱରୂପ ସୂଚନା ଦେଇ କହିଛନ୍ତି, ସିବିଏସ୍‌ଇ ୧୦ମ ଶ୍ରେଣୀ ଗଣିତ ପ୍ରଶ୍ନପତ୍ର କେବଳ ଦିଲ୍ଲୀ ଓ ହରିଆଣାରେ ଲିକ୍ ହୋଇଥିଲା। ଯଦି ପୁନଃପରୀକ୍ଷା ହୁଏ, କେବଳ ଏହି ଦୁଇ ରାଜ୍ୟରେ ତାହା ଜୁଲାଇ ମାସରେ କରାଯିବ। ଏ ସମ୍ପର୍କରେ ୧୫ ଦିନ ମଧ୍ୟରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ତେବେ ଭାରତ ବାହାରେ ଏହି ପ୍ରଶ୍ନପତ୍ର ଲିକ୍ ହେବାର ପ୍ରମାଣ ନାହିଁ। ତେଣୁ ବିଦେଶରେ ସାନି ପରୀକ୍ଷା କରାଯିବ ନାହିଁ। ସେ ଆହୁରି କହିଛନ୍ତି ଯେ, ଦ୍ୱାଦଶ ଶ୍ରେଣୀ ଅର୍ଥନୀତି ପ୍ରଶ୍ନପତ୍ର ସାରା ଦେଶରେ ଲିକ୍ ହୋଇଥିଲା। ତେଣୁ ଦେଶ ବ୍ୟାପୀ ଏହି ବିଷୟରେ ଏପ୍ରିଲ୍ ୨୫ରେ ସାନି ପରୀକ୍ଷା କରାଯିବ। କିନ୍ତୁ ଦେଶ ବାହାରେ ଏହା ଲିକ୍ ହୋଇନଥିବାରୁ ସେଠାରେ ସାନି ପରୀକ୍ଷା କରାଯିବ ନାହିଁ। ସାନି ପରୀକ୍ଷା କରାଗଲେ ବି ଫଳ ପ୍ରକାଶନରେ ବିଳମ୍ବ ହେବ ନାହିଁ ବୋଲି ସେ କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଶିକ୍ଷା ସଚିବଙ୍କୁ ଗୁଡ଼େଇତୁଡ଼େଇ ପ୍ରଶ୍ନ କରାଯାଇଥିଲା। ପ୍ରଶ୍ନପତ୍ର ଲିକ୍ ପାଇଁ କିଏ ଦାୟୀ ? ସିବିଏସ୍‌ଇ ମୁଖ୍ୟ ଅନିତା କରୱାଲଙ୍କୁ ଏଭଳି ତ୍ରୁଟି ପାଇଁ କାହିଁକି ତାଙ୍କ ପଦରୁ ଅପସାରଣ କରାଯିବ ନାହିଁ ? ଏହାର ଉତ୍ତରଦେଇ ଶିକ୍ଷା ସଚିବ ଅନୀଲ ସ୍ୱରୂପ କହିଥିଲେ, ତଦନ୍ତ ଚାଲିଛି। ତଦନ୍ତ ସରିବା ପରେ ଯିଏ ଦାୟୀ, ତାଙ୍କ ବିରୋଧରେ ନିଶ୍ଚିତ ରୂପେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେ ଆହୁରି କହିଛନ୍ତି, ୨ଟି ସ୍ତରରେ ତଦନ୍ତ ଚାଲିଛି। ଗୋଟିଏ ପଟେ ପୋଲିସ୍ ଅନୁସନ୍ଧାନ ଚଳାଇଥିଲା ବେଳେ ଅନ୍ୟ ପଟେ ବିଭାଗୀୟ ତଦନ୍ତ ମଧ୍ୟ ଚାଲିଛି। ତଦନ୍ତ ରିପୋର୍ଟ ନ ମିଳିବା ପର୍ଯ୍ୟନ୍ତ ଦୋଷତ୍ରୁଟି କେଉଁଠି, ତାହା ସଠିକ ଭାବେ କୁହାଯାଇ ପାରିବ ନାହିଁ। ଭୁଲ୍ କେଉଁଠି, ତାହା ବାହାର କରିବାକୁ ଆମେ ଉଦ୍ୟମ ଜାରିରଖିଛୁ। ସାନି ପରୀକ୍ଷା କରାଯିବା ପାଇଁ ନିଷ୍ପତ୍ତି ସମ୍ପର୍କରେ ତାଙ୍କୁ ପ୍ରଶ୍ନ କରାଯିବାରୁ ସ୍ୱରୂପ କହିଥିଲେ, ଏ ସମ୍ପର୍କରେ ଆମଙ୍କୁ କୌଣସି ସ୍ପଷ୍ଟ ତଥ୍ୟ ମିଳି ନାହିଁ। ଯେତିକି ସୂଚନା ମିଳିଛି, ସେହି ଭିତ୍ତିରେ ସାନି ପରୀକ୍ଷା କରିବାକୁ ନିଷ୍ପତ୍ତି ନିଆଯାଇଛି। ହୁଏତ ଏହା ସଠିକ ନିଷ୍ପତ୍ତି ହୋଇନପାରେ। କିନ୍ତୁ ଆମର ମୂଳ ଲକ୍ଷ୍ୟ ହେଉଛି, ପିଲାମାନେ କ୍ଷତିଗ୍ରସ୍ତ ନ ହୁଅନ୍ତୁ। ସର୍ବାଗ୍ରେ ପିଲାମାନଙ୍କ ଭବିଷ୍ୟତ। କେବଳ ଏହି ୨ଟି ବିଷୟରେ ନୁହେଁ, ଅନ୍ୟ କେତେକ ବିଷୟର ପ୍ରଶ୍ନପତ୍ର ଲିକ୍ ହୋଇଥିବା ଗୁଜବ ସମ୍ପର୍କରେ ତାଙ୍କର ଦୃଷ୍ଟି ଆକର୍ଷଣ କରାଯିବାରୁ ସ୍ୱରୂପ କହିଛନ୍ତି, ସୋଶାଲ ମିଡିଆରେ ଅନେକ ଭୁଲ୍ ତଥ୍ୟ ପ୍ରଚାର ପ୍ରସାର କରାଯାଇଛି। କିନ୍ତୁ ଏହାର ସତ୍ୟତାକୁ ପରଖିବା ଆମର ଦାୟିତ୍ୱ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପ୍ରଶ୍ନପତ୍ର ଲିକ୍ ହେବା ଦ୍ୱାରା ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଓ ଅଭିଭାବକ ମାନସିକ ଦୁଶ୍ଚିନ୍ତା ମଧ୍ୟରେ ଗତି କରୁଛନ୍ତି। ଏପରିକି ପାଠପଢ଼ା ବୋଝରୁ ପିଲାଏ ମୁକ୍ତ ହୋଇ ଅବସର ବିନୋଦନ ନିମନ୍ତେ ବାହାରକୁ ଛୁଟି କଟାଇବାକୁ ପୂର୍ବରୁ ମନସ୍ଥ କରିଥିବା ପରିବାରବର୍ଗଙ୍କ ଯୋଜନା ଭଣ୍ଡୁର ହୋଇଯାଇଛି।

# ଅଣୁଅସ୍ତ୍ର ତ୍ୟାଗ କରିବ ଉତ୍ତର କୋରିଆ

**ବେଜିଂ :** ଉତ୍ତରକୋରିଆର ଏକଚ୍ଛତ୍ରବାଦୀ ଶାସକ କିମ୍ ଜଙ୍ଗ୍ ଉନ୍‌ଙ୍କ ଚୀନ୍ ଗସ୍ତକୁ ନେଇ କଳ୍ପନାଜଳ୍ପନା ଲାଗିରହିବାପରେ ଉଭୟ ଚୀନ୍ ଏବଂ ଉତ୍ତରକୋରିଆ ତରଫରୁ ଏହି ଗସ୍ତ ବିଷୟରେ ସ୍ପଷ୍ଟ କରିଦିଆଯାଇଛି। ୨୦୧୧ ମସିହାରେ କିମ୍ ଉତ୍ତରକୋରିଆର କ୍ଷମତା ହାତେଇବା ପରେ ଏହା ତାଙ୍କର ପ୍ରଥମ ବିଦେଶ ଗସ୍ତ ହୋଇଥିବାରୁ ଏହାକୁ ଅନ୍ତର୍ଜାତୀୟ ରାଜନୀତିରେ ଏକ ବଡ଼ ଘଟଣା ବୋଲି ବିଚାର କରାଯାଉଛି। ଚୀନ୍ ଉତ୍ତର କୋରିଆର ପ୍ରମୁଖ ଅର୍ଥନୈତିକ ସହଯୋଗୀ ରାଷ୍ଟ୍ର। ତେଣୁ ମେ ମାସରେ ଦକ୍ଷିଣ କୋରିଆ ଏବଂ ଆମେରିକା ସହିତ ହେବାକୁ ଥିବା ସମ୍ମିଳନୀ ପୂର୍ବରୁ ଚୀନ୍ ଗସ୍ତ କରିବା ନେଇ ଚର୍ଚ୍ଚା ହୋଇଥିଲା। ଏହାର କିଛି ମାସ ପୂର୍ବରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ କିମ୍ ଜଙ୍ଗ୍ ଉନ୍‌ଙ୍କ ମଧ୍ୟରେ ଅଣୁ ଅସ୍ତ୍ର ପରିଆରାକୁ ନେଇ ବାକ୍‌ଯୁଦ୍ଧ ଲାଗି ରହିଥିଲା। ଅନ୍ୟ ରାଷ୍ଟ୍ରଗୁଡ଼ିକର ଆଭ୍ୟନ୍ତରୀଣ ମାମଲାରେ ହସ୍ତକ୍ଷେପ କରିଆସୁଥିବା



ଆମେରିକା ଏବଂ ଏକଚ୍ଛତ୍ରବାଦୀ କୋରିଆ ମଧ୍ୟରେ ଏପ୍ରକାର ଅଣୁ ଉଷ୍ମତା ତୃତୀୟ ବିଶ୍ୱଯୁଦ୍ଧ ପାଇଁ ଦାନା ବାନ୍ଧିବାକୁ ଆରମ୍ଭ କରିଥିବାବେଳେ ଏହାକୁ ପ୍ରଶମିତ କରିବାପାଇଁ ଉଭୟ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟଙ୍କ ସମ୍ମିଳନୀ ଗୁରୁତ୍ୱପୂର୍ଣ୍ଣ ବୋଲି ବିଚାର କରାଯାଉଛି। ଏହାର ଗୋଟିଏ ମାସ ପୂର୍ବରୁ କିମ୍ ଜଙ୍ଗଙ୍କ ଅନୌପଚାରିକ ଏବଂ ଗୁପ୍ତ ଚୀନ୍ ଗସ୍ତ ଉତ୍ତର କୋରିଆ ପାଇଁ ଏକ ବୃହତ ପଦକ୍ଷେପ। ପତ୍ନୀ ସୋ ଜୁଙ୍କ ସହିତ କିମ୍ ଜଙ୍ଗ୍ ଟ୍ରେନ୍‌ରେ ରବିବାର ଦିନ ବେଜିଂ ପହଞ୍ଚିଥିଲେ ଏବଂ ମଙ୍ଗଳବାର ଦିନ ଉପରବେଳା ବେଜିଂ ଛାଡ଼ିଥିଲେ। ଏହି ଗସ୍ତ ସମୟରେ କିମ୍ ଅଣୁ ଅସ୍ତ୍ର ତ୍ୟାଗ କରିବା ନେଇ ସି ଜିନ୍ ପିଙ୍ଗଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏଥିରେ ତାଙ୍କ ଏକ ସର୍ତ୍ତ ରହିଥିବା ନେଇ ସେ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଆଣବିକ ଅସ୍ତ୍ର ବିବାଦର ସମାଧାନ କରାଯାଇପାରିବ। କିନ୍ତୁ ସେଥିପାଇଁ ଉଭୟ ଆମେରିକା ଏବଂ ଦକ୍ଷିଣ କୋରିଆକୁ ଉତ୍ତର କୋରିଆର ପ୍ରୟାସକୁ ସଦିଚ୍ଛାର ସହିତ ଗ୍ରହଣ କରିବାକୁ ହେବ, ଶାନ୍ତି ଏବଂ ସ୍ଥିରତାର ପରିବେଶ ସୃଷ୍ଟି କରିବାକୁ ହେବ ଏବଂ ସମୃଦ୍ଧି ଓ ଶାନ୍ତି ପାଇଁ ସମକାଳୀନ ପଦକ୍ଷେପ ଗ୍ରହଣ କରିବାକୁ ହେବ। ଚୀନ୍ ତରଫରୁ ପରେ କୁହାଯାଇଛି, କିମ୍‌ଙ୍କ ଗସ୍ତ ସମ୍ପୂର୍ଣ୍ଣ ଅନୌପଚାରିକ ଏବଂ ଗୁପ୍ତ ଥିବାରୁ ଏହା ବିଷୟରେ କୌଣସି ପ୍ରାକ୍ ସୂଚନା ଦିଆଯାଇନଥିଲା। ଏପରିକି ଚିରାଚରିତ ପ୍ରୋଟୋକଲ୍ ମଧ୍ୟ ପାଳନ କରାଯାଇନଥିଲା । ଚୀନ୍ ଟ୍ରମ୍ପ ପ୍ରଶାସନକୁ ମଙ୍ଗଳବାର ଦିନ ଏହି ଗସ୍ତ ବିଷୟରେ ଜଣାଇଥିଲା। ଏ ବିଷୟରେ ହ୍ୱାଇଟ୍ ହାଉସ୍ ତରଫରୁ କୁହାଯାଇଛି, ଉଭୟ ଚୀନ୍ ଏବଂ ଉତ୍ତର କୋରିଆ ରାଷ୍ଟ୍ର ମୁଖ୍ୟଙ୍କ ଭେଟ ସୂଚାଇ ଦେଉଛି, ଆମେରିକାର କଟକଣା ଏବଂ ଚାପ ପ୍ରୟୋଗ ସଫଳ ହୋଇଛି। ଯାହାକି ଉତ୍ତର କୋରିଆ ସହିତ ଦ୍ୱିପାକ୍ଷିକ ଆଲୋଚନା ପାଇଁ ଉପଯୁକ୍ତ ପରିବେଶ ପ୍ରସ୍ତୁତ କରୁଛି। ଏବିଷୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି, କିମ୍ ଜଙ୍ଗଙ୍କ ସହିତ ବୈଠକ ସଫଳ ହୋଇଛି ଏବଂ ସେ ମୋତେ ଭେଟିବାକୁ ଇଚ୍ଛୁକ ବୋଲି ସି ଜିନ୍ ପିଙ୍ଗ୍ ମୋତେ ଜଣାଇଥିଲେ। ଯାହାବି ହେଉ, ଉତ୍ତର କୋରିଆ ଉପରେ କଟକଣା ଏବଂ ଚାପ ବଳବତ୍ତର ରହୁ।

# ୬୦ ରୁଷ୍ କୂଟନୀତିଜ୍ଞଙ୍କୁ ବହିଷ୍କାର କଲା ଆମେରିକା

**ୱାଶିଂଟନ୍ :** ବ୍ରିଟେନ୍‌ରେ ପୂର୍ବତନ ରୁଷୀୟ ଗୁପ୍ତଚରଙ୍କୁ ରୁଷ୍ ନିର୍ମିତ ରାସାୟନିକ ଅସ୍ତ୍ରରେ ଆକ୍ରମଣ ପ୍ରସଙ୍ଗ ରୁଷ୍ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ପ୍ରଥମେ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ପରେ ଏବେ ଆମେରିକା ୬୦ ଜଣ ରୁଷ୍ କୂଟନୀତିଜ୍ଞଙ୍କୁ ବହିଷ୍କାର କରିବା ସହିତ ରୁଷ୍ ଦୂତାବାସକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଟ୍ରମ୍ପ ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ ଏହି କୂଟନୀତିଜ୍ଞମାନେ ଆମେରିକାରେ ରହି ଗୁପ୍ତଚର ବୃତ୍ତି କରୁଥିଲେ। ଆମେରିକାରେ ବୃହତ ସଂଖ୍ୟାରେ କୂଟନୀତିଜ୍ଞ ଅନାବଶ୍ୟକଭାବେ କାମ କରୁଥିବାରୁ, ପ୍ରଶାସନ ଏହି ପଦକ୍ଷେପ ନେଇ ରୁଷ୍‌ର ନେତୃତ୍ୱକୁ ଏକ ଦୃଷ୍ଟାନ୍ତମୂଳକ ବାର୍ତ୍ତା ଦେବାକୁ ଚାହୁଁଛନ୍ତି ବୋଲି ସେ ଜଣାଇଛନ୍ତି। ଏହି କୂଟନୀତିଜ୍ଞ ଅଧିକାରୀଙ୍କୁ ୭ ଦିନର ସମୟ ଦିଆଯାଇଛି।

# ବିଦେଶରେ ପାକ୍ ପ୍ରଧାନମନ୍ତ୍ରୀ ହଟହଟା

**ନୂଆଦିଲ୍ଲୀ :** ପାକିସ୍ତାନର ପ୍ରଧାନମନ୍ତ୍ରୀ ସାହିଦ୍ ଖକ୍କନ ଆବାସି ଗତ ସପ୍ତାହରେ ତାଙ୍କ ଅସୁସ୍ଥ ଭଉଣୀଙ୍କୁ ଭେଟିବା ପାଇଁ ଏକ ଘରୋଇ ଗସ୍ତରେ ଆମେରିକା ଯାଇଥିଲେ। ସେଠାରେ ବିମାନବନ୍ଦରରେ ତାଙ୍କୁ ଶାରୀରିକ ଯାଞ୍ଚର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଶାରୀରିକ ଯାଞ୍ଚ ପରେ ପ୍ରଧାନମନ୍ତ୍ରୀ ଆବାସି ତାଙ୍କ ସାର୍ଟ ସଜାଡ଼ି କୋଟ୍‌କୁ ହାତରେ ଧରି ବାହାରୁଥିବା ଫଟୋ ସୋଶାଲ୍ ମିଡିଆରେ ପ୍ରସାରିତ ହୋଇଛି। ଆଣବିକ ଅସ୍ତ୍ର ସମ୍ପନ୍ନ ୨୦କୋଟି ଜନସଂଖ୍ୟା ଥିବା ଏକ ଦେଶର ପ୍ରଧାନମନ୍ତ୍ରୀଙ୍କୁ ଶାରୀରିକ ଯାଞ୍ଚ କରାଯାଇଥିବାରୁ ପାକ୍ ମିଡିଆ ଅତ୍ୟନ୍ତ କ୍ଷୁବ୍ଧ ହୋଇଛି। ପାକ୍ ମିଡିଆ ଏହାକୁ ପ୍ରୋଟକଲ୍ ଭଙ୍ଗର ନଗ୍ନ ନମୁନା ବୋଲି ବର୍ଣ୍ଣନା କରିଛି। ପୁଣି ଆମେରିକା ମିଡିଆରେ ରିପୋର୍ଟ ପ୍ରକାଶିତ ହୋଇଛି ଯେ ପାକିସ୍ତାନ ସରକାରରେ ଥିବା କେତେକ ବ୍ୟକ୍ତିଙ୍କ ପାଇଁ ଆମେରିକା ସରକାର ଭିସା ବ୍ୟାନ୍ କରିବା ନେଇ ଚିନ୍ତା କରୁଛନ୍ତି। ଗତ ସପ୍ତାହରେ ଆମେରିକା ସରକାର ଅଣୁଅସ୍ତ୍ର ପ୍ରସାରରେ ସଂପୃକ୍ତି ଅଭିଯୋଗରେ ୭ଟି ପାକିସ୍ତାନୀ କମ୍ପାନୀ ବିରୋଧରେ କଟକଣା ଜାରି କରିଛନ୍ତି। ଆମେରିକା କହୁଛି ଯେ ପାକିସ୍ତାନୀ ସେନା ଆଫଗାନ୍ ତାଲିବାନ୍, ହକ୍କାନି ନେଟ୍‌ୱର୍କ ଓ ଅନ୍ୟ କୁଖ୍ୟାତ ଆତଙ୍କବାଦୀ ସଂଗଠନଗୁଡ଼ିକର ପୃଷ୍ଠପୋଷକତା କରୁଛି, ଆତଙ୍କବାଦୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଉଛି, ତାଲିମ୍ ଦେଉଛି, ଅର୍ଥ ଦେବା ସାଙ୍ଗକୁ ନିରାପଦ ଆଶ୍ରୟ ଯୋଗାଉଛି। ପୁଣି ସେହି ପାକିସ୍ତାନ ଆତଙ୍କବାଦ ବିରୋଧରେ ଆମେରିକାର ଲଢ଼େଇରେ ସହଯୋଗୀ ହେବାର ପ୍ରତିବଦ୍ଧତା ଦେଖାଇ ଆମେରିକୀୟ ସେନାକୁ ନିଜ ସାମରିକ ଘାଟି, ଏୟାରବେସ୍ ବ୍ୟବହାର କରିବାକୁ ଓ ପାକିସ୍ତାନ ଦେଇ ସଡ଼କ ପଥରେ ଆଫଗାନିସ୍ତାନକୁ ସୈନ୍ୟ, ଯୁଦ୍ଧ ସରଞ୍ଜାମ ପରିବହନ କରିବାକୁ ସୁଯୋଗ ଦେଇ ପ୍ରତିବଦଳରେ ଆମେରିକାଠାରୁ ବିପୁଳ ପରିମାଣର ସାମରିକ ସହାୟତା ଓ ଆର୍ଥିକ ଅନୁଦାନ ନେଉଛି। ପାକିସ୍ତାନର ଏପରି ଦୋମୁହାଁ ନୀତି ଦେଖି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ପାକିସ୍ତାନ ୨୦୧୭ପାଇଁ ପାଇବାକୁ ଥିବା ୧୨୦ କୋଟି ଡଲାର୍‌ର ମିଲିଟାରୀ ସହାୟତା ଓ ଅନ୍ୟ ଆର୍ଥିକ ଅନୁଦାନ ବ୍ଲକ୍ କରିଛି। ଯେଯାଏ ପାକିସ୍ତାନ ଆତଙ୍କବାଦୀ ସଂଗଠନଗୁଡ଼ିକୁ ପୂର୍ଣ୍ଣତଃ ନିଷ୍କ୍ରିୟ କରିବାକୁ ନିର୍ଣ୍ଣାୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିଛି, ସେଯାଏ ସାମରିକ ଅନୁଦାନ ଓ ସହାୟତା ଦେବା ବନ୍ଦ ରଖିବ ବୋଲି ଟ୍ରମ୍ପ୍ ପ୍ରଶାସନ ରୋକଠୋକ୍ ଭାବେ ପାକିସ୍ତାନକୁ ଜଣାଇଦେଇଛି। ପାକିସ୍ତାନରେ ଅଣ-ମୁସଲିମ୍ ସଂଖ୍ୟାଲଘୁମାନେ ସାମ୍ବିଧାନିକ ସୁରକ୍ଷାରୁ ବଞ୍ଚିତ ରହିଥିବାରୁ ଓ ସେଠାରେ ଧର୍ମୀୟ ସ୍ୱାଧୀନତା ବିପନ୍ନ ହୋଇଥିବାରୁ ଟ୍ରମ୍ପ୍ ପ୍ରଶାସନ ଏବେ ପାକିସ୍ତାନକୁ 'ସ୍ପେଶାଲ୍ ୱାଚ୍ ଲିଷ୍ଟ୍'ରେ ରଖିଛି। ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପ୍ ୨୦୧୮ରେ ତାଙ୍କ ପ୍ରଥମ ଟ୍ୱିଟର୍ ବାର୍ତ୍ତାରେ ଲେଖିଥିଲେ, ପାକିସ୍ତାନ ଗତ ୧୫ବର୍ଷରେ ୩୩୦୦କୋଟି ଡଲାର୍‌ର ସହାୟତା, ଅନୁଦାନ ନେଇ ଆତଙ୍କବାଦ ବିରୋଧରେ ଆମେରିକାର ଲଢ଼େଇରେ ସହଯୋଗ ଦେବା ତ ଦୂରର କଥା, ଆତଙ୍କବାଦୀଙ୍କୁ ନିରାପଦ ରହିବା ପାଇଁ ଆଶ୍ରୟ ଯୋଗାଇଦେଇ ଆମକୁ ମିଛ କହୁଛି ଓ ଠକିଚାଲିଛି।

# ମେଣ୍ଟ କରିବେ କଂଗ୍ରେସ-ଜେଡିଏସ୍ !

**ନୂଆଦିଲ୍ଲୀ :** ଆସନ୍ତା ମେ' ୧୨ ତାରିଖରେ ଅନୁଷ୍ଠିତ ହେବାକୁ ଥିବା କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ କଂଗ୍ରେସ ସହ ମେଣ୍ଟ କରି ଜନତା ଦଳ (ସେକ୍ୟୁଲାରର) ଜେଡିଏସ୍ ମଇଦାନକୁ ଓହ୍ଲାଇବ ବୋଲି ଜଣାପଡ଼ିଛି। ଭାରତୀୟ ନିର୍ବାଚନ କମିଶନ କର୍ଣ୍ଣାଟକ ବିଧାନସଭା ପାଇଁ ତାରିଖ ଘୋଷଣା କରିବା ପରେ ଜେଡିଏସ୍ ପକ୍ଷରୁ ଏଭଳି ମେଣ୍ଟ ସଂକ୍ରାନ୍ତ ସୂଚନା ଦିଆଯାଇଛି। ଜେଡିଏସ୍ ମୁଖ୍ୟ ଏଚ୍.ଡି ଦେବ ଗୌଡ଼ା କହିଛନ୍ତି ଆମେ କଂଗ୍ରେସ ସହ ମେଣ୍ଟ କରି କର୍ଣ୍ଣାଟରେ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ଅଛୁ। ଯଦି କଂଗ୍ରେସ ମେଣ୍ଟ ପ୍ରସ୍ତାବ ଦିଏ, ତା'ହେଲେ ଆମେ ତାକୁ ପୂର୍ଣ୍ଣ ସମର୍ଥନ ଦେବୁ। ତେବେ କଂଗ୍ରେସ ପ୍ରଥମେ କହୁ କର୍ଣ୍ଣାଟକରେ ସେ ଆମକୁ କେତୋଟି ଆସନରେ ନିର୍ବାଚନ ଲଢ଼ିବାକୁ ଦେବ। ଏହାପରେ ହିଁ ଆମେ କଂଗ୍ରେସ କେତୋଟି ଆସନରେ ନିର୍ବାଚନ ଲଢ଼ିବ, ତାହା ସ୍ଥିର କରିବୁ। ଆମେ ଏ ସଂକ୍ରାନ୍ତରେ ପ୍ରଥମେ କଂଗ୍ରେସ ଦଳ ସହ ଆଲୋଚନା କରିବା ପରେ ହିଁ ଚୂଡ଼ାନ୍ତ ନିଷ୍ପତ୍ତି ନେବୁ ବୋଲି ଶ୍ରୀ ଗୌଡ଼ା କହିଛନ୍ତି। ସେ ଆହୁରି କହିଛନ୍ତି, ନିର୍ବାଚନ ପରେ କଂଗ୍ରେସ ସହ କୌଣସି ମେଣ୍ଟ କରିବୁ ନାହିଁ। ଯାହା ହେବ ନିର୍ବାଚନ ପୂର୍ବରୁ ହେବ। ହଁ ଦରକାର ପଡ଼ିଲେ ଆମେ କେବଳ ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କ ସହ ନିର୍ବାଚନ ପରେ ମେଣ୍ଟ କରିବୁ।। ଯଦି ସମାଜବାଦୀ ପାର୍ଟି କିଛି ଆସନରେ ଆମ ସହ ମିଶି ନିର୍ବାଚନ ଲଢ଼ିବାକୁ ଚାହେଁ, ତା'ହେଲେ ଦଳ ଏହାକୁ ଦେବାକୁ ପ୍ରସ୍ତୁତ ଅଛି। କଂଗ୍ରେସ ମେଣ୍ଟ ସଂକ୍ରାନ୍ତରେ ସେ ବିସ୍ତୃତ ସୂଚନା ଦେଇ କହିଛନ୍ତି ଯେତେବେଳେ ସିଦ୍ଧରମୈୟା ରାଜ୍ୟର ଉପମୁଖ୍ୟମନ୍ତ୍ରୀ ଓ ଧର୍ମ ସିଂହ ମୁଖ୍ୟମନ୍ତ୍ରୀ ଥିଲେ, ସେତେବେଳେ ଜେଡିଏସ୍ କଂଗ୍ରେସର 'ବି' ଟିମ୍ ଭାବେ କାର୍ଯ୍ୟ କରୁଥିଲା।

# ପାକିସ୍ତାନର ଏନ୍‌ଏସ୍‌ଜି ସଦସ୍ୟତା ଆଶା ମଉଳିଲା

**ନୂଆଦିଲ୍ଲୀ :** ଅଣୁ ଅସ୍ତ୍ର ପ୍ରସାର ଅଭିଯୋଗରେ ଆମେରିକା ପକ୍ଷରୁ ୭ଟି ପାକିସ୍ତାନୀ କମ୍ପାନୀ ବିରୋଧରେ କଟକଣା ଜାରି କରାଯାଇଛି। ଫଳରେ ନ୍ୟୁକ୍ଲିୟର୍ ସପ୍ଲାଏର୍ସ ଗ୍ରୁପ୍ ବା ଏନ୍‌ଏସ୍‌ଜିର ସଦସ୍ୟତା ପାଇବା ପାଇଁ ପାକିସ୍ତାନର ଆଶା ମଉଳିଯାଇଛି। ଭାରତର ଏନ୍‌ଏସ୍‌ଜି ସଦସ୍ୟତାକୁ ଅନେକ ଦେଶ ସମର୍ଥନ କରୁଥିବା ବେଳେ ପାକିସ୍ତାନ ମଧ୍ୟ ଭାରତ ସହ ସମାନତା ଦାବି କରି ଏନ୍‌ଏସ୍‌ଜି ସଦସ୍ୟ ହେବାକୁ ଆଗ୍ରହୀ ହୋଇଛି। ବାସ୍ତବତା ହେଉଛି ଏଯାଏ ଭରତକୁ ଏନ୍‌ଏସ୍‌ଜି ସଦସ୍ୟତା ମିଳିନାହିଁ, କିନ୍ତୁ ଭାରତ ଅଷ୍ଟ୍ରେଲିଆ ଗ୍ରୁପ୍, ମିସାଇଲ୍ ଟେକ୍ନୋଲଜି କଣ୍ଟ୍ରୋଲ୍ ରେଜିମ୍ ଓ ୱାସେନେର୍ ଆରେଞ୍ଜମେଣ୍ଟ୍'ର ସଦସ୍ୟ ହୋଇସାରିଛି। ଅର୍ଥାତ୍ ଏନ୍‌ଏସ୍‌ଜି ସଦସ୍ୟତା ପାଇଁ ଯେଉଁ ଯୋଗ୍ୟତା ଦରକାର ତାହା ଭାରତ ଆପାତତଃ ହାସଲ କରିସାରିଛି। ଉତ୍ତର କୋରିଆର ଆଣବିକ କାର୍ଯ୍ୟକ୍ରମକୁ ୭ଟି ପାକିସ୍ତାନୀ କମ୍ପାନୀ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସହଯୋଗ କରୁଥିବା ନେଇ ଆମେରିକା ସରକାର କିଛି ପ୍ରମାଣ ପାଇଛନ୍ତି। ତେଣୁ ସେହି ୭ କମ୍ପାନୀ ଉପରେ କଟକଣା ଜାରି କରାଯାଇଛି। ଏଥିପୂର୍ବରୁ ପାକିସ୍ତାନର ମିସାଇଲ୍ କାର୍ଯ୍ୟକ୍ରମରେ ସଂପୃକ୍ତ ଥିବା ଅଭିଯୋଗରେ ଆମେରିକା ସରକାର ଅନ୍ୟ ୭ଟି ପାକିସ୍ତାନୀ କମ୍ପାନୀ ଉପରେ କଟକଣା ଜାରି କରିଥିଲେ। ମନି ଲଣ୍ଡରିଂ, ଟେରର୍ ଫାଇନାନ୍ସିଂ ରୋକିବା ଲକ୍ଷ୍ୟରେ ୧୯୮୯ରୁ କାର୍ଯ୍ୟ କରୁଥିବା ଅନ୍ତର୍ଜାତୀୟ ସଂସ୍ଥା ଫିନାନ୍ସିଆଲ୍ ଆକ୍ସନ୍ ଟାସ୍କ ଫୋର୍ସ ବା ଏଫ୍‌ଏଟିଏଫ୍ ପାକିସ୍ତାନକୁ ଧୂସର ତାଲିକାଭୁକ୍ତ ବା 'ଗ୍ରେ' ଲିଷ୍ଟେଡ୍ କରିବାର ୧ମାସ ନବିତୁଣୁ ଆମେରିକାର ଟ୍ରମ୍ପ୍ ପ୍ରଶାସନ ଅଣୁ ଅସ୍ତ୍ର ପ୍ରସାରରେ ସଂପୃକ୍ତି ଅଭିଯୋଗରେ ୭ଟି ପାକିସ୍ତାନୀ କମ୍ପାନୀ ଉପରେ କଟକଣା ଲଗାଇଛି। ଏଫ୍‌ଏଟିଏଫ୍ କୌଣସି ଦେଶକୁ 'ଗ୍ରେ' ଲିଷ୍ଟେଡ୍ କରାଯିବା ଅର୍ଥ ହେଉଛି ମନି




ଲଣ୍ଡରିଂ ଓ ଟେରର୍ ଫାଇନାନ୍ସିଂ ଭଳି ଅର୍ଥନୀତିକ ଅପରାଧ ରୋକିବାକୁ ଯାହାସବୁ କରାଯିବା କଥା ତାହା ସେ ଦେଶର ସରକାର କରୁନାହାନ୍ତି ବା ଯାହା କରୁଛନ୍ତି ତାହା ଆଦୌ ଯଥେଷ୍ଟ ନୁହେଁ। ଏଫ୍‌ଏଟିଏଫ୍‌ର 'ଗ୍ରେ' ଲିଷ୍ଟ୍‌ରେ ଥିବା ଦେଶକୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍‌ଏଫ୍), ବିଶ୍ୱ ବ୍ୟାଙ୍କ, ଏସିଆନ୍ ଡେଭ୍‌ଲପ୍‌ମେଣ୍ଟ୍ ବ୍ୟାଙ୍କ(ଏଡିବି) ଭଳି ଅନ୍ତର୍ଜାତୀୟ ଆର୍ଥିକ ପ୍ରତିଷ୍ଠାନ ଋଣ ଦେବାକୁ କୁଣ୍ଠିତ ହୋଇଥାନ୍ତି। ପୁଣି ମୁଡିଜ୍, ଷ୍ଟାଣ୍ଡାର୍ଡ ଆଣ୍ଡ୍ ପୁଅର୍, ଫିଚ୍ ଭଳି ଅନ୍ତର୍ଜାତୀୟ ରେଟିଂ ସଂସ୍ଥାଗୁଡ଼ିକ 'ଗ୍ରେ' ଲିଷ୍ଟ୍‌ରେ ଥିବା ଦେଶର ରିସ୍କ ରେଟିଂ କମାଇଥାନ୍ତି ଅର୍ଥାତ୍ ସେ ଦେଶରେ ନିବେଶ ସୁରକ୍ଷିତ ନୁହେଁ ବା କମ୍ ସୁରକ୍ଷିତ ବୋଲି ଅନ୍ତର୍ଜାତୀୟ ନିବେଶକମାନଙ୍କୁ ସତର୍କ କରଇଥାନ୍ତି। ଆଇଏମ୍‌ଏଫ୍, ବିଶ୍ୱ ବ୍ୟାଙ୍କ ଓ ଏଡିବି ଭଳି ଅନ୍ତର୍ଜାତୀୟ ଆର୍ଥିକ ପ୍ରତିଷ୍ଠାନରୁ ଋଣ ପାଇବାରେ ଅସୁବିଧା ଦେଖାଦେଲେ ଓ ପାକିସ୍ତାନର ସଭରେନ୍ ତଥା କ୍ରେଡିଟ୍ ରେଟିଂ କମିଲେ ଅର୍ଥାତ୍ ରିସ୍କ ଡାଉନ୍‌ଗ୍ରେଡ୍ ହେଲେ ବିଦେଶୀ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ପାକିସ୍ତାନକୁ କୋହଳ ସୁଧରେ ଋଣ ଦେବେନାହିଁ। ବିଦେଶୀ ଦେଣନେଣ କମିବ ଓ ବୈଦେଶିକ ମୁଦ୍ରା ପ୍ରବାହ କ୍ଷୀଣ ହେବ। ଫଳରେ ପାକିସ୍ତାନର ଚଳନ୍ତି ଜମା ନିଅଣ୍ଟ(କରେଣ୍ଟ୍ ଆକାଉଣ୍ଟ୍ ଡେଫିସିଟ୍ ବା ସିଏଡି) ଯାହା ଏବେ ବହୁତ ଅଧିକ ରହିଛି ତାହା ଆହୁରି ଅଧିକ ବଢ଼ିବ। ପାକିସ୍ତାନ ଏଫ୍‌ଏଟିଏଫ୍'ର 'ଗ୍ରେ' ଲିଷ୍ଟ୍‌ରେ ରହିବାରୁ ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ, ଡଚେସ୍ ବ୍ୟାଙ୍କ ଓ ସିଟି ବ୍ୟାଙ୍କ ଭଳି ଅନ୍ତର୍ଜାତୀୟ ବ୍ୟାଙ୍କ ପାକିସ୍ତାନରେ ସେମାନଙ୍କ ଶାଖାଗୁଡ଼ିକୁ ବନ୍ଦ କରିଦେବାକୁ ମଧ୍ୟ ନିଷ୍ପତ୍ତି ନେଇପାରନ୍ତି।

EKAMAATRA

RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର

READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews




ବର୍ଷ-୨ ସଂଖ୍ୟା-୧୨ ୦୨ ଏପ୍ରିଲ - ୦୮ ଏପ୍ରିଲ, ୨୦୧୮ ଭୁବନେଶ୍ୱର ● Monday Weekly ● VOL-2 ISSUE-12 02nd APRIL - 08th APRIL, 2018 BHUBANESWAR ₹ 5/- (8 Pages)

### ଦେଶର ୧୦୦ ପ୍ରଭାବଶାଳୀ ବ୍ୟକ୍ତିଙ୍କ ତାଲିକାରେ ଓଡ଼ିଶାରୁ ୪ଜଣ

## ୩୦ରେ ନବୀନ, ୩୨ରେ ଧର୍ମେନ୍ଦ୍ର



**ନୂଆଦିଲ୍ଲୀ :** 'ଇଣ୍ଡିଆନ ଏକ୍ସପ୍ରେସ୍' ପକ୍ଷରୁ ପ୍ରସ୍ତୁତ ଦେଶର ୧୦୦ ପ୍ରଭାବଶାଳୀ ବ୍ୟକ୍ତିଙ୍କ ତାଲିକାରେ ଓଡ଼ିଶାରୁ ୪ଜଣ ସ୍ଥାନ ପାଇଛନ୍ତି। ଏହି ତାଲିକାରେ ୪ଜଣ ଓଡ଼ିଆ ଭାବେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ର, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରଧାନମନ୍ତ୍ରୀଙ୍କ ଅତିରିକ୍ତ ପ୍ରମୁଖ ସଚିବ ପିକେ ମିଶ୍ରଙ୍କ ନାମ ରହିଛି। ତାଲିକାର ଶୀର୍ଷ ୧୦ଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ମଧ୍ୟରେ ଓଡ଼ିଆ ଭାବେ ଏକମାତ୍ର ଜଷ୍ଟିସ୍ ମିଶ୍ର ରହିଛନ୍ତି। ତାଲିକାର ଶୀର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରହିଥିବାବେଳେ ଦ୍ୱିତୀୟରେ ବିଜେପି ସଭାପତି ଅମିତ୍ ଶାହ ଓ ତୃତୀୟରେ ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ଦୀପକ ମିଶ୍ରଙ୍କୁ ସ୍ଥାନିତ କରାଯାଇଛି। ପୂର୍ବ ବର୍ଷ ଆରଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ୍ ତୃତୀୟ ସ୍ଥାନରେ ଥିବାବେଳେ ତାଙ୍କୁ ୪ର୍ଥ ସ୍ଥାନକୁ ଠେଲି ଦେଇ ଜଷ୍ଟିସ୍ ମିଶ୍ର ସେହି ସ୍ଥାନ ଦଖଲ କରିଛନ୍ତି। ୬୪ବର୍ଷୀୟ ଜଷ୍ଟିସ୍ ମିଶ୍ରଙ୍କୁ ଦେଶର ସବୁଠୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ତାଲିକାର ତୃତୀୟ ସ୍ଥାନରେ ସ୍ଥାନିତ କରି 'ଇଣ୍ଡିଆନ୍ ଏକ୍ସପ୍ରେସ୍' କହିଛି ଯେ, କାଲିଖୋ ପଲ୍ ବିବାଦଠୁ ଆରମ୍ଭ କରି ମେଡିକାଲ କଲେଜ ଲାଞ୍ଚ ଦୁର୍ନୀତି ପର୍ଯ୍ୟନ୍ତ ସେ ପ୍ରତ୍ୟେକ ଝଡ଼ର ମୁକାବିଲା କରିଛନ୍ତି। ତାଙ୍କର ୪ଜଣ ବରିଷ୍ଠ ସହଯୋଗୀ ଅପ୍ରତ୍ୟାଶିତ ଭାବେ ସାମ୍ବାଦିକ ସମ୍ମିଳନୀ କରି ତାଙ୍କୁ ତୀବ୍ର ସମାଲୋଚନା କରିବା ତାଙ୍କ ପାଇଁ ସବୁଠୁ ବଡ଼ ପରୀକ୍ଷା ଥିଲା। ତଥାପି ପ୍ରଧାନ ବିଚାରପତି ଜଷ୍ଟିସ୍ ମିଶ୍ର ଦୃଢ଼ ଭାବେ ନିଜ ସ୍ଥାନ ବଜାୟ ରଖିଛନ୍ତି। ସେ ଅକ୍ଟୋବର ୨ତାରିଖରେ ଅବସର ନେବେ। ସାହିତ୍ୟ ଓ କବିତା ପ୍ରତି ତାଙ୍କର ଅଧିକ ରୁଚି ରହିଛି। କୋର୍ଟରୁମ୍‌ରେ ଏସବୁ ବିଷୟରେ ଯେତେବେଳେ ଆଲୋଚନା ହୁଏ ସେ ସକ୍ରିୟ ଭାବେ ଭାଗ ନେଇଥାନ୍ତି। ସେହିପରି ଦ୍ୱିତୀୟ ଓଡ଼ିଆ ଭାବେ ୭୧ବର୍ଷୀୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ସର୍ବାଧିକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ତାଲିକାରେ ୩୦ତମ ସ୍ଥାନରେ ରହିଛନ୍ତି। ଶ୍ରୀ ପଟ୍ଟନାୟକଙ୍କ ସମ୍ପର୍କରେ ଇଣ୍ଡିଆନ୍ ଏକ୍ସପ୍ରେସ୍ କହିଛି ଯେ, ଦୁର୍ନୀତି ପାଇଁ ଜିରୋ ଟଲରାନ୍ସ ଭାବମୂର୍ତ୍ତି ରଖିଥିବା ଶ୍ରୀ ପଟ୍ଟନାୟକ ଏବେ ବି ରାଜ୍ୟର ସବୁଠୁ ଉତ୍ତୁଙ୍ଗ ନେତା। ତାଙ୍କ ଦଳ ବିଜେଡି ଫେବୃଆରୀ ମାସରେ ବିଜେପୁର ଉପନିର୍ବାଚନରେ ବିପୁଳ ଜନମତ ହାସଲ କରିଛି, ଯାହାକି ତାଙ୍କ ଦଳ ପାଇଁ ଅଗ୍ନି ପରୀକ୍ଷା ସଦୃଶ ଥିଲା। ଦୀର୍ଘ ୧୭ବର୍ଷର ମୁଖ୍ୟମନ୍ତ୍ରିତ୍ୱ କାଳରେ ସେ ୪୪ଜଣ ମନ୍ତ୍ରୀଙ୍କୁ ଆର୍ଥିକ ବା ବ୍ୟକ୍ତିଗତ ବିଶୃଙ୍ଖଳା ଅଭିଯୋଗରେ ମନ୍ତ୍ରିମଣ୍ଡଳରୁ ବିଦା କରିଛନ୍ତି। ରାଜ୍ୟରେ ବିଜେପି ସ୍ଥାନୀୟ ନିର୍ବାଚନରେ ଭଲ ପ୍ରଦର୍ଶନ କରିବା ପରେ ଏହାକୁ ମୁକାବିଲା କରିବା ପାଇଁ ଏକଦା ଏକାନ୍ତ ରହୁଥିବା ମୁଖ୍ୟମନ୍ତ୍ରୀ ଏବେ ସାଧାରଣ ଲୋକ ଓ ଗଣମାଧ୍ୟମ ସହ ନିଜର ଭାବବିନିମୟକୁ ବୃଦ୍ଧି କରିଛନ୍ତି। ଜଣେ ଦକ୍ଷ ଲେଖକ ଭାବେ ନିଜର ପୁସ୍ତକ 'ଦି ସେକେଣ୍ଡ ପାରାଡାଇଜ୍: ଇଣ୍ଡିଆନ୍ କଣ୍ଟ୍ରିଲାଇଫ୍ ୧୫୯୦-୧୯୪୭' ଲେଖିଛନ୍ତି ଯାହାକୁ ତାଙ୍କର ଘନିଷ୍ଠ ବନ୍ଧୁ ଜ୍ୟାକ୍‌ଲିନ୍ କେନେଡି ଓନାସିସ୍ ସମ୍ପାଦନା କରିଛନ୍ତି। ସେହିପରି ତୃତୀୟ ଓଡ଼ିଆ ଭାବେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ୪୯ବର୍ଷୀୟ ଧର୍ମେନ୍ଦ୍ର ପ୍ରଧାନ ସର୍ବାଧିକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ତାଲିକାରେ ୩୨ତମ ସ୍ଥାନରେ ରହିଛନ୍ତି।

### କୃଷିଋଣ ଛାଡ ପ୍ରସଙ୍ଗ

## ମନ୍ତ୍ରୀ କହିଲେ ଛାଡ ହେବନି



**ଭୁବନେଶ୍ୱର :** ରାଜ୍ୟରେ କୃଷିଋଣ ଛାଡ଼ କରିବା ନିମନ୍ତେ ଏବେ କୌଣସି ଯୋଜନା ନାହିଁ ବୋଲି ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି। ଅବଶ୍ୟ ବିଭିନ୍ନ ରାଜ୍ୟରେ କୃଷିଋଣ ଛାଡ଼ କରାଯିବା ପରେ ଓଡ଼ିଶାରେ ଏହି ପ୍ରସଙ୍ଗ ଉପରେ ସରକାର ନିଶ୍ଚିତ ଭାବେ ବିଚାର କରିବେ ବୋଲି ଗତବର୍ଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଣମାଧ୍ୟମକୁ ସୂଚନା ଦେବାପରେ ଚାଷୀଙ୍କ ମଧ୍ୟରେ ଆଶାର ସଞ୍ଚାର ହୋଇଥିଲା। କିନ୍ତୁ ସମବାୟ ମନ୍ତ୍ରୀଙ୍କ ଆଜିର ଏହି ବୟାନ ରାଜ୍ୟ ସରକାରଙ୍କ ଆଶ୍ୱାସନାରେ ଚାଷୀ ଆନ୍ଦୋଳନକୁ ମେ' ୫ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଥିବା ନବ ନିର୍ମାଣ କୃଷକ ସଂଗଠନ ନିମନ୍ତେ ଏହା ଏକ ଶକ୍ତ ଧକ୍କା ସଦୃଶ ହୋଇଛି। କୃଷକଙ୍କ ଆତ୍ମହତ୍ୟା ରୋକିବାକୁ ଓ ସେମାନଙ୍କ ଦାରିଦ୍ର୍ୟ ଦୂର କରିବା ପାଇଁ ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ସରକାରଙ୍କ ଭଳି ଓଡ଼ିଶା ସରକାର ମଧ୍ୟ କୃଷିଋଣ ଛାଡ଼ କରିବାକୁ ପଦକ୍ଷେପ ନେବେ କି ବୋଲି ବିଜେଡି ବିଧାୟକ ପ୍ରିୟଦର୍ଶୀ ମିଶ୍ରଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ରାଜ୍ୟ ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି ଯେ ରାଜ୍ୟରୁ କୃଷିଋଣ ଛାଡ଼ କରିବା ନିମନ୍ତେ ବର୍ତ୍ତମାନ ସରକାରଙ୍କର କୌଣସି ପ୍ରସ୍ତାବ ନାହିଁ। ତେବେ ସପ୍ତାହକ ପୂର୍ବରୁ ଚାଷୀଙ୍କ ବିଭିନ୍ନ ଦାବି ହାସଲ ନିମନ୍ତେ ଆନ୍ଦୋଳନରତ ନବ ନିର୍ମାଣ କୃଷକ ସଂଗଠନର ଦାବି ଉପରେ ବିଚାର କରିବାକୁ ରାଜ୍ୟ ସରକାର ୩ ମାସ ସମୟ ନେଇଥିବା ବେଳେ କୃଷିଋଣ ଛାଡ଼ ପ୍ରସଙ୍ଗରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଥିବାରୁ ଏହାକୁ ବେଶ୍ ଗୁରୁତ୍ୱ ଦିଆଯାଉଛି। ନବ ନିର୍ମାଣ କୃଷକ ସଂଗଠନର ସଂଯୋଜକ ଅକ୍ଷୟ କୁମାର ଏହା ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି ମନ୍ତ୍ରୀଙ୍କ ବୟାନ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଏହା ରାଜ୍ୟର ଚାଷୀଙ୍କ ପ୍ରତି ଧୋକା। କୃଷିଋଣ ସମ୍ପୂର୍ଣ୍ଣ ଛାଡ଼ କରିବା ଆମର ପ୍ରମୁଖ ଦାବି ମଧ୍ୟରୁ ଗୋଟିଏ ଥିଲା। ରାଜ୍ୟ ସରକାର ସ୍ୱୀକାର କରୁନଥିଲେ ମଧ ଚାଷୀ ଆତ୍ମହତ୍ୟା ଘଟଣା ବୃଦ୍ଧି ପାଇବା ପଛରେ ଋଣ ଏକ ପ୍ରମୁଖ କାରଣ। ରାଜ୍ୟ ସରକାରଙ୍କ ଏଭଳି ଅହଙ୍କାରପୂର୍ଣ୍ଣ ଆଚରଣର ଯଥାର୍ଥ ଜବାବ ଚାଷୀକୁଳ ଦେବ ବୋଲି ସେ ସତର୍କ କରାଇ ଦେଇଛନ୍ତି। ଅନ୍ୟପକ୍ଷରେ ସମବାୟ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟର ବିଭିନ୍ନ ସମବାୟ ବ୍ୟାଙ୍କଠୁ ଫସଲ ଋଣ ନେଇଥିବା ରାଜ୍ୟର ପ୍ରାୟ ୩୫ ଲକ୍ଷ ଚାଷୀଙ୍କ ଉପରେ ପାଖାପାଖି ୧୪ହଜାର କୋଟି ଟଙ୍କାର ଫସଲ ଋଣ ବକେୟା ରହିଛି। ଉଭୟ ବାଣିଜ୍ୟିକ, ସମବାୟ ଓ ଘରୋଇ ବ୍ୟାଙ୍କର କୃଷିଋଣକୁ ଆକଳନ କଲେ ପ୍ରାୟ ୪୦ ଲକ୍ଷ ଚାଷୀଙ୍କ ଉପରେ ୨୬ ହଜାର କୋଟି ଟଙ୍କାର ଋଣ ବକେୟା ରହିଛି। ତେବେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ରିପୋର୍ଟ ଅନୁସାରେ ୨୦୧୭ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ୫୪.୨୪ ଲକ୍ଷ ଚାଷୀଙ୍କ ଉପରେ ମୋଟ ୨୬,୬୦୬ କୋଟି ୯୮ ଲକ୍ଷ ଟଙ୍କା ଋଣ ବାକି ରହିଛି। ସୂଚନାଯୋଗ୍ୟ, ୨୦୦୮ ମସିହାରେ ୟୁପିଏ ସରକାର ଦ୍ୱାରା ଋଣ ଛାଡ଼ ଘୋଷଣାବେଳେ ରାଜ୍ୟରେ ୨୬୧୫ କୋଟି ୨୩ ଲକ୍ଷ ଟଙ୍କାର କୃଷିଋଣ ଛାଡ଼ ହୋଇଥିଲା। ଏହି ଋଣ ଛାଡ଼ ଯୋଗୁ ରାଜ୍ୟର ୧୯.୭୯ ଲକ୍ଷ ଚାଷୀ ଉପକୃତ ହୋଇଥିଲେ।

### ପିସିସି ପ୍ରଭାରୀ ପରିବର୍ତ୍ତନ

## ଗଲେ ହରି, ଆସିଲେ ଜିତେନ୍ଦ୍ର



**ଭୁବନେଶ୍ୱର :** ଗଞ୍ଜାମରେ କଂଗ୍ରେସର ପତନ ଘଟିଥିଲା ବେଳେ ଓଡ଼ିଶା କଂଗ୍ରେସ ପ୍ରଭାରୀ ପରିବର୍ତ୍ତନ ହୋଇଛନ୍ତି। ବିକେ ହରିପ୍ରସାଦଙ୍କ ସ୍ଥାନରେ ଜିତେନ୍ଦ୍ର ସିଂହଙ୍କୁ ଓଡ଼ିଶା ଦାୟିତ୍ୱ ନେଇଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହଙ୍କୁ ଏହି ଦାୟିତ୍ୱ ଦେଇଥିବା ନେଇ ଏକ ପ୍ରେସ୍ ରିଲିଜ୍ ପ୍ରକାଶ ପାଇଛି।




ଖଣି ପାଣି ଜମି ସଇଲା
ଭୋଅଟ ବେଳ ବି ଆସିଲା
ଚାଲ ଏବେ କିଛି ଖାଇବା ନୂଆ
ଭଣ୍ଡାର ଘରକୁ ଖୋଲିବା।
ଯୋଜନା ପଛକୁ ଯୋଜନା
ଦେଇ ଚାଲିଥିବା ମାଗଣା
ଚାଲ ଏବେ କିଛି ବାଣ୍ଟିବା ନୂଆ
ଚାଳିଶରେ ଆଳୁ ବିକିବା।
ଲୋକଙ୍କୁ ଚତୁରେ ଠକିବା
ମିଡିଆବାଲାଙ୍କୁ କିଣିବା
ଚାଲ ଏବେ କିଛି କରିବା ନୂଆ
ଚନ୍ଦରଭାଇକୁ ଆଣିବା।
ଶୁଖୁଆ, କଦଳୀ, ବାଦାମ
ନାଁରେ ଖୋଲିବା ନିଗମ
ଚାଲ ଏବେ କିଛି ଗଢ଼ିବା ନୂଆ
ଶାସନ ଆହୁରି କରିବା।
କହିବାନି ଆମେ ଓଡ଼ିଆ
ତଥାପି ଶାସନ ବଢ଼ିଆ
ଚାଲ ଆଉ କିଛି ଲୁଟିବା ନୂଆ
ସବୁ ପୁରସ୍କାର କିଣିବା।

ଟୁଟୁ

## ମମତାଙ୍କୁ ଭେଟିଲେ ବିଜେଡି ସାଂସଦ

**ନୂଆଦିଲ୍ଲୀ :** ତୃଣମୂଳ କଂଗ୍ରେସ ସୁପ୍ରିମୋ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଦ୍ୱାରା ତୃତୀୟ ମୋର୍ଚ୍ଚା ଗଠନ ପାଇଁ ପ୍ରୟାସ ଚାଲିଥିବାବେଳେ ବିଜେଡିର ୩ଜଣ ସାଂସଦ ତାଙ୍କୁ ସାକ୍ଷାତ କରିବାକୁ ନେଇ ଏବେ ରାଜନୀତି ସରଗରମ ହୋଇଛି। ତେବେ ଦଳୀୟ ସାଂସଦମାନେ ମମତାଙ୍କୁ ସାକ୍ଷାତ କରିବା ଏବଂ ବରିଷ୍ଠ ନେତା ଡାକ୍ତର ଦାମୋଦର ରାଉତ ତୃତୀୟ ମୋର୍ଚ୍ଚା ସପକ୍ଷରେ ମତ ଦେବା ପରେ ବିଜେଡିର ପରବର୍ତ୍ତୀ ରଣନୀତି କ'ଣ ହେବ ତାକୁ ନେଇ ଏବେ ଚର୍ଚ୍ଚା ଲାଗି ରହିଛି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ନୂଆଦିଲ୍ଲୀରେ ମଙ୍ଗଳବାର ବିଜେଡି ସାଂସଦ ଅନୁଭବ ମହାନ୍ତି ଓ ତାଙ୍କ ପତ୍ନୀ ବର୍ଷା ପ୍ରିୟଦର୍ଶିନୀ ସାକ୍ଷାତ କରିବା ପରେ ସାଂସଦ କଳିକେଶ ସିଂହଦେଓ ମଧ ଭେଟିଥିଲେ। ମମତା ରହୁଥିବା ସ୍ଥାନକୁ ଯାଇ ଏହି ଦୁଇ ସାଂସଦ ସାକ୍ଷାତ କରିଥିବାବେଳେ ସଂସଦର ସେଣ୍ଟ୍ରାଲ ହଲ୍‌ରେ ବିଜେଡି ସାଂସଦ ପିନାକୀ ମିଶ୍ର ମଧ ମମତାଙ୍କୁ ଭେଟିଛନ୍ତି। ମମତାଙ୍କ ସହ ଭେଟ୍‌ଘାଟକୁ ବିଜେଡିର ଏହି ୩ ସାଂସଦ ସୌଜନ୍ୟମୂଳକ ବୋଲି କହିଛନ୍ତି। ବିଜେପିର କ୍ରମବର୍ଦ୍ଧିଷ୍ଣୁ ପ୍ରଭାବକୁ ରୋକିବା ପାଇଁ ମମତା ଏବେ ଅଣବିଜେପି ଦଳଗୁଡ଼ିକୁ ଏକଜୁଟ କରି ତୃତୀୟ ମୋର୍ଚ୍ଚା ଗଠନ ନିମନ୍ତେ ପ୍ରୟାସ କରିଛନ୍ତି। ଏହି କ୍ରମରେ ବିଜେଡିର ସାଂସଦମାନେ ତାଙ୍କୁ ଭେଟିବାକୁ ନେଇ ଜାତୀୟ ରାଜନୀତି ମଧ୍ୟ ସରଗରମ ରହିଛି। ଏପଟେ ବିଜେଡିର ବରିଷ୍ଠ ନେତା ଡାକ୍ତର ଦାମୋଦର ରାଉତ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ପିନାକୀ ମିଶ୍ର କଂଗ୍ରେସରୁ ଆସି ବିଜେଡିରେ ଯୋଗ ଦେଇଛନ୍ତି। ତାଙ୍କୁ ଦିଲ୍ଲୀରେ ଦଳ ପ୍ରସଙ୍ଗରେ କିଛି ନୀତି ଓ ନିଷ୍ପତ୍ତି ନେବାର ଅଧିକାର ବିଜେଡି ଦେଇଛି। ମମତାଙ୍କୁ ଭେଟିବା ପାଇଁ ତାଙ୍କୁ ଦଳର ନିର୍ଦ୍ଦେଶ ଥାଇପାରେ। ତେବେ ମୁଁ ତିନିମାସ ପୂର୍ବରୁ କହିଥିଲି ଯେ ଦେଶର ଗଣତନ୍ତ୍ରକୁ ଦଳତନ୍ତ୍ରରେ ପରିଣତ କରିବା କାର୍ଯ୍ୟ ନରେନ୍ଦ୍ର ମୋଦି କରୁଛନ୍ତି। ଦେଶର ଗଣତନ୍ତ୍ର ଓ ଅଖଣ୍ଡତାକୁ ବଜାୟ ରଖିବାକୁ ହେଲେ ବିଜେପିର ଆଭିମୁଖ୍ୟ ଯାହା ତାକୁ ସେଥିରୁ ନିବୃତ୍ତ କରିବାକୁ ପଡ଼ିବ। ଏଥିପାଇଁ କଂଗ୍ରେସ ମଧ୍ୟ ଅଛୁଆଁ ନୁହେ। ତେଣୁ ଏବେ ଯଦି ବିଜେପିକୁ ରୋକିବା ପାଇଁ ସେଭଳି କିଛି ଉଦ୍ୟମ ଚାଲିଛି, ତା'ହେଲେ ତାହା କିଛି କ୍ଷତି ନୁହେଁ। ବୋଲି ଡାକ୍ତର ରାଉତ କହିଛନ୍ତି। ଅନ୍ୟପକ୍ଷରେ ବିଜେଡି ମୁଖପାତ୍ର ସମୀର ରଞ୍ଜନ ଦାସ କହିଛନ୍ତି ଯେ, ଏହି ପ୍ରସଙ୍ଗରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି। ତୃତୀୟ ମୋର୍ଚ୍ଚା ପ୍ରସଙ୍ଗରେ ଏବେ କିଛି କହିବା ତରବରିଆ ହେବ। ବିଜେଡି ଉଭୟ କଂଗ୍ରେସ ଓ ବିଜେପିଠାରୁ ସମଦୂରତ୍ୱ ନୀତି ବଜାୟ ରଖିଛି। ଅନ୍ୟପକ୍ଷରେ ରାଜ୍ୟରେ ବିଜେପିର ପ୍ରଭାବ ବୃଦ୍ଧି ଓ ଆକ୍ରମଣାତ୍ମକ ଆଭିମୁଖ୍ୟ ଆପଣାଇଥିବାରୁ ବିଜେଡି ସାଂସଦମାନେ ଓ ମମତାଙ୍କ ସାକ୍ଷାତକୁ ଗୁରୁତ୍ୱ ଦିଆଯାଉଛି।

## କିନ୍ନର, ଭିକାରୀଙ୍କୁ ଆଧାର ଓ ପ୍ୟାନ୍



**ଭୁବନେଶ୍ୱର :** ଏଣିକି କିନ୍ନର ଓ ଭିକାରିଙ୍କୁ ଓଡ଼ିଶା ସରକାର ସହରାଞ୍ଚଳର ମୌଳିକ ସୁବିଧାସୁଯୋଗ ଯୋଗାଇ ଦେବେ। ସହରାଞ୍ଚଳ ଆବାସିକ ଯୋଜନାରେ ସେମାନଙ୍କୁ ସାମିଲ କରି ସେମାନଙ୍କର ସାମାଜିକ-ଆର୍ଥିକ ଥଇଥାନ କରିବା ସହ ବ୍ୟାଙ୍କ ଋଣ ଉପଲବ୍ଧ କରାଇବେ ରାଜ୍ୟ ସରକାର। କିନ୍ନର ଓ ଭିକାରିଙ୍କୁ ଆଧାର କାର୍ଡ, ଭୋଟର କାର୍ଡ ଓ ପ୍ୟାନ୍ କାର୍ଡ ଯୋଗାଇ ଦେବାକୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏଥିସହ ନିୟମିତ ବ୍ୟବଧାନରେ ରାଜ୍ୟର ସହରାଞ୍ଚଳରେ ବସବାସ କରୁଥିବା କିନ୍ନର ଓ ଭିକାରିଙ୍କ ଚିହ୍ନଟ ଓ ସର୍ଭେ କାର୍ଯ୍ୟ କରାଯିବ ବୋଲି ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ ୨୦୧୧ ମସିହା ଜନଗଣନା ଅନୁସାରେ ରାଜ୍ୟରେ ମୋଟ ୬୫୫୦ଜଣ ଭିକାରି ଥିଲେ। ତେବେ ଜିଲ୍ଲାପାଳମାନେ ଦେଇଥିବା ରିପୋର୍ଟ ଅନୁସାରେ ରାଜ୍ୟରେ ଏବେ ୬୪୮୨ଜଣ ଭିକାରି ଥିବାବେଳେ ୪୪୭୯ଜଣ କିନ୍ନର ଅଛନ୍ତି। ରାଜ୍ୟରେ ସର୍ବାଧିକ ଭିକାରି କଟକ ଜିଲ୍ଲାରେ (୧୦୬୦ଜଣ) ଥିବାବେଳେ ଖୋର୍ଦ୍ଧାରେ ୫୩ଜଣ ଅଛନ୍ତି। କିନ୍ତୁ ଭୁବନେଶ୍ୱରରେ ଅଧିକ ସଂଖ୍ୟକ ଭିକାରୀଙ୍କୁ ଦେଖିବାକୁ ମିଳୁଥିବାରୁ ରାଜ୍ୟ ସରକାର ପୁଣିଥରେ ସମସ୍ତ ସହରାଞ୍ଚଳରେ ଭିକାରି ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। କିନ୍ନର ଓ ଶିଶୁ ଭିକାରିଙ୍କୁ ଶିକ୍ଷା ଓ ପ୍ରଶିକ୍ଷଣ ଦେବା ପାଇଁ ମଧ ପଦକ୍ଷେପ ନିଆଯିବ। ତେବେ ଭିକାରି ଓ କିନ୍ନରମାନଙ୍କୁ ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନାରେ ସାମିଲ କରାଇବା ଏବଂ ସେମାନଙ୍କୁ ସାମାଜିକ-ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ନିମନ୍ତେ ପ୍ରସ୍ତୁତ ଆକ୍ସନ୍ ପ୍ଲାନ୍ ଖୁବ୍‌ଶୀଘ୍ର ଚୂଡ଼ାନ୍ତ ଅନୁମୋଦନ ଲାଭ କରିବ ବୋଲି ଜଣାପଡ଼ିଛି। ଏବେ ରାଜ୍ୟ ସରକାର ଭିକାରିଙ୍କ ଥଇଥାନ ପାଇଁ 'ସହାୟ' ନାମରେ ଏକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସେହିପରି କିନ୍ନରଙ୍କ ଥଇଥାନ ପାଇଁ ମଧ ଆବଶ୍ୟକ ପଦକ୍ଷେପ ନିଆଯାଇଛି।

## ସରକାରୀ ସେବାରେ ତ୍ରୁଟି : ସିଏଜି

**ଭୁବନେଶ୍ୱର :** ରାଜ୍ୟର ସାଧାରଣ ଲୋକଙ୍କୁ ଓଡ଼ିଶା ଲୋକସେବା ଅଧିକାର ଆଇନ-୨୦୧୨ ଅନ୍ତର୍ଗତ ୩୩ଟି ବିଭାଗର ୩୫୮ଟି ସରକାରୀ ସେବାକୁ ଏକ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ପ୍ରଦାନ କରିବାରେ ରହିଥିବା ଅନେକ ତ୍ରୁଟି ବିଚ୍ୟୁତିକୁ ସିଏଜି ଉନ୍ମୋଚନ କରିଛନ୍ତି। ଲୋକଙ୍କୁ ସେମାନଙ୍କର ଅଧିକାର ସମ୍ପର୍କରେ ସଠିକ୍ ଭାବେ ସଚେତନ କରାନଯିବା, ଆବେଦନର ସ୍ଥିତି ଜାଣିବା ପାଇଁ ବ୍ୟବସ୍ଥାର ଅଭାବ, ସ୍ଥିରୀକୃତ ସମୟସୀମାର ଖୋଲା ଉଲ୍ଲଙ୍ଘନ ଓ ସେବା ପ୍ରଦାନ କରୁଥିବା ଖିଲାପୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନଥିବା ଯୋଗୁ ଲୋକସେବା ଅଧିକାର ଅଧିନିୟମ ତା'ର ଲକ୍ଷ୍ୟ ହାସଲ କରିବା ସମ୍ଭବପର ହୋଇନାହିଁ। ଏପରିକି ଏହି ଆଇନ ଓ ନିୟମାବଳୀ ପ୍ରକାଶିତ ହେବାର ୪ବର୍ଷ ପରେ ମଧ 'କେନ୍ଦ୍ରୀୟ ଡାଟାବେସ୍ ପଦ୍ଧତି' ଉପଯୋଗ କରିବାରେ ସରକାର ସକ୍ଷମ ହୋଇନାହାନ୍ତି ବୋଲି ସିଏଜି ରିପୋର୍ଟରେ କୁହାଯାଇଛି। ସେହିପରି ସିଏଜି ରାଜ୍ୟରେ ଲୋକାୟୁକ୍ତ ପ୍ରସଙ୍ଗରେ ସରକାରଙ୍କ ଆଭିମୁଖ୍ୟକୁ ନେଇ ପ୍ରତିକୂଳ ଟିପ୍ପଣୀ ଦେଇଛନ୍ତି। ସିଏଜି କହିଛନ୍ତି ଯେ ୨୦୧୫ ଜାନୁଆରୀ ମାସରେ ଓଡ଼ିଶା ଲୋକାୟୁକ୍ତ ବିଲ୍‌କୁ ଅନୁମୋଦନ ମିଳିଥିଲା।

### ଲାଗିଲା ପ୍ରଶ୍ନବାଚୀ

ତଥାପି ରାଜ୍ୟ ସରକାର ଏପର୍ଯ୍ୟନ୍ତ ଲୋକାୟୁକ୍ତ ନିଯୁକ୍ତି ଦେବା ବାକି ରହିଛି। ନିୟମ ଅନୁସାରେ ରାଜ୍ୟ ସରକାର ନୂଆ ଲୋକାୟୁକ୍ତ ଅଧିନିୟମ ଲାଗୁ କରିବା ପାଇଁ ରାଜପତ୍ର ଅଧିସୂଚନା ଜାରି କରିବା ଆବଶ୍ୟକ ଥିଲା। ତେବେ ସରକାର ଏପର୍ଯ୍ୟନ୍ତ ନିୟମ ପ୍ରଣୟନ ପାଇଁ କୌଣସି ପଦକ୍ଷେପ ନେଇନାହାନ୍ତି ବୋଲି ସିଏଜି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ସିଏଜିଙ୍କ ରାଜସ୍ୱ କ୍ଷେତ୍ର ରିପୋର୍ଟ ଅନୁସାରେ ଏହି ଓଡ଼ିଶା ଲୋକସେବା ଅଧିକାର ଆଇନ ଅନ୍ତର୍ଗତ ସାଧାରଣ ଲୋକ ସ୍ୱଚ୍ଛ ଉପାୟରେ ୩୫୮ଟି ସରକାରୀ ସେବାକୁ ଏକ ନିର୍ଦ୍ଦିଷ୍ଟ ଅବଧି ମଧ୍ୟରେ ହାସଲ କରିବାର ଆଇନଗତ ଅଧିକାର ପାଇଛନ୍ତି। କିନ୍ତୁ ଏହି ସେବା କିଭଳି ଲୋକଙ୍କୁ ମିଳୁଛି ତା'ର ସମୀକ୍ଷା କରି ସିଏଜି କହିଛନ୍ତି ଯେ, ଏହି ବିଭାଗଗୁଡ଼ିକ ଓଡ଼ିଆ ଭାଷାରେ ଜନସେବା ସମ୍ବନ୍ଧୀୟ ଆବଶ୍ୟକ ତଥ୍ୟଗୁଡ଼ିକର ସୂଚନା ସାଧାରଣ ଲୋକଙ୍କୁ ଯୋଗାଇ ପାରିନାହାନ୍ତି। ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସେବାଗୁଡ଼ିକ ପ୍ରଦାନ କରାଯାଇ ପାରିନାହିଁ। ଆବେଦନକାରୀଙ୍କୁ ସେବା ପ୍ରଦାନରେ ବିଳମ୍ବର କାରଣ ଓ ଅପିଲ୍ ଆବେଦନ କରିବାର ଅବଧି ସମ୍ପର୍କରେ ଅବଗତ କରାଯାଉନାହିଁ। ଫଳରେ ସ୍ଥିରୀକୃତ ସମୟ ମଧ୍ୟରେ ଜନସେବା ପ୍ରଦାନ କ୍ଷେତ୍ରରେ ଉତ୍ତମ ଶାସନ ଓ ସ୍ୱଚ୍ଛତା ଆଣିବାର ଲକ୍ଷ୍ୟ ପ୍ରତିହତ ହୋଇଛି ଓ ଏହି ସେବା ପ୍ରଦାନରେ ହେଉଥିବା ସାମାନ୍ୟତମ ବିଳମ୍ବର ପ୍ରତିକୂଳ ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡୁଛି ବୋଲି ସିଏଜି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି। ସିଏଜି ୨୦୧୬-୧୭ ଆର୍ଥିକ ବର୍ଷରେ କରିଥିବା ନମୁନା ଯାଞ୍ଚରୁ ଜଣାପଡ଼ିଛି ଯେ, ତହସିଲ କାର୍ଯ୍ୟାଳୟରେ ଦସ୍ତାବିଜ ପଞ୍ଜୀକରଣ ପାଇଁ ହୋଇଥିବା ୨ ଲକ୍ଷ ୩୫ ହଜାର ୮୩୭ଟି ଆବେଦନ ମଧ୍ୟରୁ ୯୦ ପ୍ରତିଶତ ଆବେଦନ (୨,୧୧,୬୬୩)ର ଫଇସଲା ବିଳମ୍ବରେ ହୋଇଥିଲା। ଅର୍ଥାତ୍ ଦସ୍ତାବିଜ ପଞ୍ଜୀକରଣ ପାଇଁ ଆବେଦନ କ୍ଷେତ୍ରରେ ୧ରୁ ୬୦ ଦିନରୁ ଊର୍ଦ୍ଧ୍ୱ ଅବା ତା'ଠୁ ବେଶୀ ଦିନ ବିଳମ୍ବରେ ଫଇସଲା ହୋଇଛି। ସେହିପରି ସାର୍ଟିଫାଏଡ୍ କପି ହାସଲ ପାଇଁ ମୋଟ ୬୪,୦୭୬ଟି ଦରଖାସ୍ତ ମଧ୍ୟରୁ ୨,୫୨୮ଟି ଦରଖାସ୍ତ ଉପରେ ବିଳମ୍ବରେ ଫଇସଲା ହୋଇଥିଲା। ସେହିପରି ଯାନବାହନ ପଞ୍ଜୀକରଣ ପାଇଁ ମୋଟ ୮,୮୧,୧୩୨ଟି ଦରଖାସ୍ତ ମଧ୍ୟରୁ ୩ ଲକ୍ଷ ୯୮ ହଜାର ୩୩୮ଟି ଦରଖାସ୍ତର ଉପରେ ବିଳମ୍ବରେ ଫଇସଲା ହୋଇଥିଲା। 'ବାହନ' ଓ 'ସାରଥି' ପୋର୍ଟାଲ ଉପଲବ୍ଧ ଥିବା ସତ୍ତ୍ୱେ ପଞ୍ଜୀକରଣ ସେବା ବିଳମ୍ବ ସର୍ବାଧିକ ୪୫ ପ୍ରତିଶତ ହୋଇଥିଲା ବୋଲି ରିପୋର୍ଟରେ କୁହାଯାଇଛି।





ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୦୨ ଏପ୍ରିଲ - ୦୮ ଏପ୍ରିଲ, ୨୦୧୮

# ଦୁର୍ଦ୍ଦଶାର ଅନ୍ତ କେବେ

ଆଜିକାଲିର ମହଙ୍ଗା ବଜାରରେ ପରିବାର ଚଳାଇବା ପାଇଁ ଯେତିକି ଅର୍ଥର ଆବଶ୍ୟକତା ରହିଛି ସେତିକି ଅର୍ଥ ରୋଜଗାର କରିବା ପାଇଁ ଓଡ଼ିଆ ପରିବାରମାନେ ସକ୍ଷମ ନୁହାଁନ୍ତି । ଏହାର ବିଭିନ୍ନ କାରଣ ରହିଛି । ତନ୍ମଧ୍ୟରୁ ବେରୋଜଗାରୀ, ଯୁବପିଢ଼ିଙ୍କ କର୍ମ ବିମୁଖତା, ନିଶା ସେବନର ନିଶା, ଋଣ ପ୍ରତି ଅଧିକ ଧ୍ୟାନ ନଦେବା, କର୍ମଠାରୁ ଅଧିକ ସ୍ୱପ୍ନ ଦେଖିବା ଭଳି ସମସ୍ୟାରେ ଜର୍ଜରିତ ହୋଇପଡିଛନ୍ତି ଅନେକ ପରିବାର । କଷ୍ଟାର୍ଜିତ ଧନ ଅପେକ୍ଷା ସହଜ ସୂତ୍ରରେ ଅର୍ଥ ଉପାର୍ଜନ ନିଶାରେ ରହିଥିବା ଲୋକମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିଲେ ବି ଏଥିରୁ ନିସ୍ତାର ପାଇବା ପାଇଁ ଉପଯୁକ୍ତ ବାଟ ଖୋଜି ପାଉନାହାନ୍ତି । ଅଞ୍ଚ ପାଟପଡ଼ି ସହରମୁହାଁ ହେଉଥିବା ବ୍ୟକ୍ତିବିଶେଷ ସହରରେ ଗୋଟି ଖଟିଲା ଭଳି ଖଟିବାକୁ ପସନ୍ଦ କରୁଥିବା ବେଳେ ଗାଁ ମାଟିରେ ଶାଗ, ପଖାଳ ଖାଇ କ୍ଷେତରେ କାମ କରିବାକୁ ଉପଯୁକ୍ତ ମଣୁନାହାନ୍ତି । ସ୍ୱପ୍ନଠାରୁ ଅଧିକ ଆଶା କରି କିଛି ପରିବାର ତଳିତଳାନ୍ତ ହେଉଥିଲା ବେଳେ ଆଉ କିଛି ପରିବାର ଉପରକୁ ସୁନ୍ଦର ଓ ଭିତରେ ମହାକାଳ ଫଳ ଭଳି ନାରଖାର ଦିଶୁଛନ୍ତି । ସ୍ୱପ୍ନବିଳାସୀ ମଣିଷର ଅଭାବ ପରିପୂରଣ କରିବା ପାଇଁ ଯେଉଁଭଳି କର୍ତ୍ତବ୍ୟର ଆବଶ୍ୟକତା ରହିଛି ବା ଯୋଜନା ରହିବା ଦରକାର ସେଭଳି କିଛି ନହେବା ଦ୍ୱାରା ଅଭାବ ଧିରେ ଧିରେ ବଢ଼ି ବଢ଼ି ଚାଲିଛି । ଆଗଭଳି ସହର ଓ ଗାଁ ମଝିରେ ଥିବା ଦୂରତା ଧିରେ ଧିରେ ଯେମିତି କମିବାକୁ ବସିଛି । ଗାଁ ଲୋକେ ସହର ଲୋକଙ୍କ ଭଳି ଭଲ ଖାଇବା, ଭଲ ପିନ୍ଧିବା ଓ ବିଳାସବ୍ୟସନରେ କାଳାତିପାତ କରିବାକୁ ଅଧିକ ଶ୍ରେୟ ମଣୁଛନ୍ତି । ଯଦିଓ ଶିକ୍ଷିତଙ୍କ ସଂଖ୍ୟା ଗାଁ ଓ ସହରରେ ବଢ଼ିଚାଲିଛି ସେହି ଅନୁପାତରେ ସେମାନଙ୍କୁ ନିଯୁକ୍ତି ନ ମିଳିବା ଏସବୁ ସମସ୍ୟାର ମୁଖ୍ୟ କାରଣ ଭାବେ ସାମ୍ନାକୁ ଆସୁଛି । ଭଲ ଚାକିରି ନିଶାରେ ରହିଥିବା ଶିକ୍ଷିତମାନେ ଚାକିରି ଖଣ୍ଡିଏ ନପାଇବା ପର୍ଯ୍ୟନ୍ତ ଅନ୍ୟ କୌଣସି କାର୍ଯ୍ୟ କରି ପରିବାର ପ୍ରତିପୋଷଣ ବା ପରିବାରକୁ ଆର୍ଥିକ ସହାୟତା ଯୋଗାଇବା ଦିଗରେ ସମର୍ଥ ନହେବା ଫଳରେ ପରିବାରରେ ଅସୁବିଧା ବଢ଼ି ଚାଲିଛି । ଦେଶରେ ଯେତେବେଳେ ସରକାର ବଦଳିବାର ସମୟ ଆସେ ସେତେବେଳେ ବିଭିନ୍ନ ରାଜନୈତିକ ଦଳମାନେ ଦେଉଥିବା ନୂଆ ନୂଆ ପ୍ରତିଶ୍ରୁତିକୁ ଶୁଣି ଲୋକେ ପ୍ରଭାବିତ ହୁଅନ୍ତି ଏବଂ ଭୋଟ ଖଣ୍ଡିଏ ଲେଖାଁ ପିଟି ଚାଲନ୍ତି । ହେଲେ ନିର୍ବାଚନୀ ଇସ୍ତାହାରରେ ଦିଆଯାଇଥିବା ପ୍ରତିଶ୍ରୁତି ଯେ ସମ୍ପୂର୍ଣ୍ଣ ପୂରଣ ହୁଏନାହିଁ ଏକଥାକୁ ଭୋଟରମାନେ ସହଜରେ ଅନୁମାନ କରିପାରନ୍ତି ନାହିଁ । ଯାହାଫଳରେ ପରବର୍ତ୍ତୀ ସମୟରେ ଶାସନ ଗାଦିକୁ ମାଡି ବସୁଥିବା ଶାସକମାନଙ୍କ ବିରୋଧରେ ମନଭିତରେ ଅସନ୍ତୋଷ ସୃଷ୍ଟି ହୁଏ । ହେଲେ ଏହି ଅସନ୍ତୋଷକୁ ପ୍ରଶମିତ କରି କେହି ସେମାନଙ୍କ ଦୁଃଖ ଲାଘବ କରିବାକୁ ଆଗେଇ ଆସିନଥାନ୍ତି । ପ୍ରତିବାଦ ସ୍ୱରୂପ କେବେ କେମିତି ଅସନ୍ତୁଷ୍ଟ ଭୋଟରମାନେ ମେଳିବାନ୍ଧି ଶାସକ, ଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିଥାନ୍ତି । ଏଥିପାଇଁ ସେମାନଙ୍କୁ ନିର୍ଯାତନା ମିଳେସିନା ହେଲେ ସେମାନଙ୍କ ଦୁଃଖ ସହଜରେ ଲାଘବ ହୋଇନଥାଏ ।

**ସମାଜକଥା**



**ତାରକ ମହାନ୍ତି**

ପ୍ରଦେଶ କଥାରେ ରାଜନୀତି ପ୍ରବେଶ କରିବା ଫଳରେ ଲୋକେ ନିଜ ସମସ୍ୟାକୁ ଗୌଣ ମନେକରି ଶାସକମାନଙ୍କ ସମସ୍ୟା ସହିତ ନିଜକୁ ଯୋଡିଦେବା ଫଳରେ ଶାସନ ଟାଣ ହେଉଥିଲେ ସୁଦ୍ଧା ଲୋକେ ନିଜେ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହେବା ସ୍ପଷ୍ଟ ଅନୁମେୟ ହୁଏ । ଯେଉଁଥିପାଇଁ ରାଜନୈତିକ ଦଳମାନେ ନିଜର ମାୟାଜାଲ ବସାଇ ସଭ୍ୟସଂଖ୍ୟା ବୃଦ୍ଧି କରିବା ଚାଲ ଚଳାଉଥିଲେ ବି ଲୋକଙ୍କ ସମସ୍ୟା ପ୍ରତି ଯେଭଳି କେହି ଦୃଷ୍ଟିପାତ କରନ୍ତି ନାହିଁ । ଶାସକମାନେ ନୂଆ ନୂଆ ଯୋଜନା ଘୋଷଣା କଲା ବେଳେ ଏହାର ଠିକ୍ କାର୍ଯ୍ୟକାରିତା ପ୍ରତି ସେଭଳି କିଛି ଗୁରୁତ୍ୱ ନଦେବା ଯୋଗୁ ଅଭାବୀ ଲୋକର ଅଭାବ ଲାଗି ରହିଥାଏ । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ନ୍ୟାୟିକ ବ୍ୟବସ୍ଥାରେ ଉଚ୍ଚବର୍ଗର ଲୋକଙ୍କ ପାଇଁ ଯେଭଳି ସୁବିଧା ସୁଯୋଗ ରହିଛି ତାହା ଗରିବ ପାଇଁ ଉପଲବ୍ଧ ନୁହେଁ । ଆମ ରାଜ୍ୟ ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିଲା ବେଳେ ଏବେ ଏହା ଶିଳ୍ପମୁହାଁ ହେବା ଫଳରେ କୃଷି କ୍ଷେତ୍ରରେ ସେଭଳି କିଛି ଉନ୍ନତି ଦେଖାଯାଉନାହିଁ । ପୂର୍ବାପେକ୍ଷା ଆଧୁନିକ ପଦ୍ଧତିରେ କୃଷିକାର୍ଯ୍ୟ କରାଯାଉଥିବା ବେଳେ ଉତ୍ପାଦିତ ଫସଲର ଠିକ୍ ମୂଲ୍ୟ ନ ମିଳିବା, କୃଷିଜାତ ପଦାର୍ଥର ସଂରକ୍ଷଣ ନହେବା ଦ୍ୱାରା ଋଣୀଙ୍କୁ ହନ୍ତସନ୍ତ ହେଉଛନ୍ତି । ଗ୍ରାମାଞ୍ଚଳ ହେଉ କି ସହରାଞ୍ଚଳର ଶିକ୍ଷିତ ବେକାରମାନେ ଚାକିରିଖଣ୍ଡେ ଖୋଜିବା ବଦଳରେ ନେତାଙ୍କ ଗୋଡାଣିଆ ସାଜିବା ଦ୍ୱାରା ସେମାନଙ୍କ ଲାଭ ଅପେକ୍ଷା ବେଶୀ କ୍ଷତି ହେଉଛି ବୋଲି ଅନୁଭବ ମଧ୍ୟ କରିପାରୁନାହାନ୍ତି । ଯଦ୍ୱାରା ସମ୍ପୃକ୍ତ ବେକାରମାନଙ୍କ ଉପରେ ନିର୍ଭର କରୁଥିବା ପରିବାରଟି ଦୈନ୍ୟତା ମଧ୍ୟକୁ ଗତି କରୁଛି । କୃଷି ଓ କୁଟୀର ଶିଳ୍ପକୁ ପ୍ରାଧାନ୍ୟ ଦିଆଯାଉନଥିବା ଫଳରେ ଆତ୍ମନିଯୁକ୍ତିର ଯେଉଁ ସୁଯୋଗ ସୃଷ୍ଟିହେବା କଥା ତାହା ହୋଇପାରୁନାହିଁ । ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଉଚ୍ଚବର୍ଗର ଲୋକମାନେ, ସରକାରୀ ଚାକିରିଆ ଏବଂ ସର୍ବନିମ୍ନ ସ୍ତରରେ ରହିଥିବା ଲୋକମାନେ ଅଧିକ ସୁବିଧା ସୁଯୋଗ ପାଉଥିଲେ ବି ମଧ୍ୟବିତ୍ତ ଓ ନିମ୍ନମଧ୍ୟବିତ୍ତ ପରିବାରର ଲୋକମାନେ ସେଭଳି କିଛି ସୁବିଧା ସୁଯୋଗ ପାଇପାରୁନାହାନ୍ତି । ଯାହାଫଳରେ ସମାଜରେ ବର୍ଗ ଅନୁସାରେ ଏହି ବର୍ଗ ପରିବାର ଯନ୍ତ୍ରଣାରେ ସବୁଠୁଲେ ମଧ୍ୟ ମୁହଁ ଖୋଲି କିଛି କହିପାରୁ ନାହାନ୍ତି କି କରିପାରୁ ନାହାନ୍ତି । କାରଣ ସରକାର ପ୍ରଦାନ କରୁଥିବା ଯେତେସବୁ ଯୋଜନାର ସୁଫଳ ବିଶେଷକରି ନିମ୍ନବର୍ଗର ଲୋକମାନଙ୍କୁ ମିଳୁଛି । ସେମାନେ ସରକାରୀ ଜମିରେ ଘରକରି ରହିପାରିବେ, ମାଗଣାରେ ବିଜୁଳି ଜାଳିପାରିବେ, ପାନୀୟ ଜଳ ପାଇଁ ପଇସା ଦେବାକୁ ପଡିବନାହିଁ, ସେମାନଙ୍କ ପିଲାଙ୍କୁ ମାଗଣାରେ ପାଠ୍ୟୋପକରଣ, ପୋଷାକ ଏବଂ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ସରକାର ଅଙ୍ଗୀକାରବଦ୍ଧ । ହେଲେ ମଧ୍ୟବିତ୍ତ ଓ ନିମ୍ନମଧ୍ୟବିତ୍ତଙ୍କ ପାଇଁ କୌଣସି ଯୋଜନା ନଥିବା ମନେହୁଏ । ସେହିଭଳି ଆର୍ଥିକ ସହାୟତା ପାଇବା ଦିଗରେ ନିମ୍ନବର୍ଗର ଲୋକମାନଙ୍କୁ ସରକାର ସହାୟତା ଦେବାକୁ ଯେଭଳି ଆଗେଇ ଆସନ୍ତି ମଧ୍ୟବିତ୍ତମାନଙ୍କ କ୍ଷେତ୍ରରେ ସେଭଳି କିଛି ଉପଲବ୍ଧି ହୁଏନାହିଁ । ତେଣୁ ଏକ୍ଷେତ୍ରରେ ମଧ୍ୟବିତ୍ତ ବର୍ଗଙ୍କ ପାଇଁ କୃଷି ହେଉଛି ଉପାର୍ଜନର ଏକମାତ୍ର ମାଧ୍ୟମ । ହେଲେ ଅନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟର ଚାଷୀ ପରିବାରର ହାରାହାରି ମାସିକ ଆୟ ସବୁଠୁ କମ୍ ୧୪୦୭ ଟଙ୍କା ରହିଥିବା ଜଣାପଡିଛି । ଯେଉଁଠିକି ପଞ୍ଜାବରେ ଚାଷୀ ପରିବାରର ଆୟ ସର୍ବାଧିକ ୧୦୮୬୨ ଟଙ୍କା ରହିଛି । ହରିୟାଣାରେ ଚାଷୀଙ୍କ ମାସିକ ଆୟ ୭୮୬୭ଟଙ୍କା ଥିବା ବେଳେ କର୍ଣ୍ଣାଟକରେ ୪୯୩୦ ଟଙ୍କା, ଛତିଶଗଡରେ ୩୩୪୭ଟଙ୍କା, ମହାରାଷ୍ଟ୍ରରେ ୩୮୫୬ଟଙ୍କା, କେରଳରେ ୩୫୩୧ଟଙ୍କା, ରାଜସ୍ଥାନରେ ୩୧୩୮ଟଙ୍କା ଓ ଆସାମରେ ୪୨୧୧ଟଙ୍କା ରହିଛି । ଏଭଳି ସ୍ଥିତିରେ ଓଡ଼ିଶାରେ ଚାଷୀଙ୍କ ପରିବାର ଯେଉଁ ମାନସିକ ଚାପ, ଯନ୍ତ୍ରଣା ଭିତରେ ରହୁଥିବେ ତାହା ଅନୁମାନ କରିବା ଆଦୌ କଷ୍ଟକର ନୁହେଁ । ଗତ ୧୫ବର୍ଷ ମଧ୍ୟରେ ରାଜ୍ୟରେ ମଦ ଦୋକାନର ସଂଖ୍ୟା ଯେଭଳି ବଢ଼ିଛି ସେହି ଅନୁପାତରେ କୃଷି କ୍ଷେତ୍ରର ବିକାଶ ହୋଇନାହିଁ । କର୍ମବିମୁଖ ବେକାରୀମାନେ, ରୋଜଗାର ପାଉନଥିବା ଯୁବକମାନେ ଏବଂ ନେତାଙ୍କ ଗୋଡାଣିଆ ସାଜିଥିବା ବ୍ୟକ୍ତିବିଶେଷ ଏବେ ମଦ ନିଶାରେ ଚୁର ଥିବା ଜଣାପଡୁଛି । ଯାହାଫଳରେ ଅର୍ଥାଭାବକୁ ସାମ୍ନା କରୁଥିବା ପରିବାର ଦିଗହରା ହୋଇ ଆତ୍ମହତ୍ୟା ଭଳି ମାର୍ଗ ଅନୁସରଣ କରୁଛି ସିନା ମୁକ୍ତିର ମାର୍ଗ ଖୋଜି ପାଉନାହିଁ । ଏଭଳି ସମୟରେ ଯୋଗ୍ୟତା ଅନୁଯାୟୀ କର୍ମନିଯୁକ୍ତି, ସମସ୍ତଙ୍କୁ ସମାନ ସରକାରୀ ସୁବିଧା ସୁଯୋଗ ପ୍ରଦାନ କରାନଗଲେ ଭବିଷ୍ୟତ ଆହୁରି ଦୟନୀୟ ହୋଇପଡିବାର ଆଶଙ୍କାକୁ ଏଡାଇ ହେବନାହିଁ ।

# ଆର୍ଥିକ ସଙ୍କଟରେ ପାକିସ୍ତାନ



**ସୌମେନ୍ଦ୍ର ଜେନା**

ବିଗତ କିଛିଦିନ ଧରି ପାକିସ୍ତାନର ଗଣମାଧ୍ୟମରେ ଆର୍ଥିକ କଟକଣାକୁ ନେଇ ଆନ୍ତର୍ଜାତିକ ସ୍ତରରେ ପାକ୍ ବିରୋଧୀ ପଦକ୍ଷେପକୁ ନେଇ ଗରମାଗରମ ଆଲୋଚନା ଜାରିରହିଛି । ଏହିସବୁ ଆଲୋଚନାରେ ଆମେରିକା ଓ ଭାରତକୁ ଶତ୍ରୁଦେଶ ଭାବେ ଚିତ୍ରଣ କରି ଗୋଷ୍ଠୀଗତ ଆଲୋଚନାରେ ଅଂଶଗ୍ରହଣ କରୁଥିବା ବକ୍ତାମାନେ ମନ୍ତବ୍ୟ ଦେବାରେ ଲାଗିଛନ୍ତି । କିନ୍ତୁ ସନ୍ତ୍ରାସବାଦୀଙ୍କୁ ଅର୍ଥପ୍ରଦାନ,ପ୍ରଶାସନର ସେଥିପାଇଁ ନୀରବ ସମର୍ଥନ,କେତେକ କ୍ଷେତ୍ରରେ ସହଯୋଗକୁ ନେଇ ବିଶ୍ୱସମାଜ ପାକ୍ କର୍ତ୍ତୃପକ୍ଷଙ୍କୁ ବିରୋଧ କରିଆସିଛନ୍ତି । ଆଫଗାନଠାରୁ ସିରିଆର ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ ପାକିସ୍ତାନରେ ଥିବା ତାଲିବାନ ଓ ଅଲକାୟଦାର ଗୋଷ୍ଠୀ କିପରି ବିଦେଶରେ ଧ୍ୱଂସଲୀଳା ସୃଷ୍ଟି କରିବାରେ ଲାଗିଛନ୍ତି ତାହା ପ୍ରମାଣ ସହ ପ୍ରକାଶ କରିଛନ୍ତି । ସନ୍ତ୍ରାସବାଦୀମାନଙ୍କୁ ଆର୍ଥିକ ସହଯୋଗ, ରାଜନୀତିକ ସମର୍ଥନ, ପ୍ରଶାସନିକ ସୁରକ୍ଷା ଓ ପ୍ରତିରକ୍ଷା ବାହିନୀ ମାଧ୍ୟମରେ ପ୍ରଶିକ୍ଷଣ ପ୍ରଦାନ ହେଉଛି ପାକ୍‌ର ଅଘୋଷିତ ସରକାରୀ ନୀତି । ଏହି ନୀତି ଯୋଗୁ ପାକିସ୍ତାନ ଏକ ସନ୍ତ୍ରାସବାଦୀଙ୍କ କାରଖାନାରେ ପରିଣତ ହୋଇଛି । ସାଉଦି ଆରବର ମୌଳବାଦୀ ବିଚାର ପାକ୍‌ର ମୌଲବୀମାନଙ୍କ ମାଧ୍ୟମରେ ଅଥବା ହଜାର ହଜାର ସଂଖ୍ୟକ ମଦ୍ରାସାଗୁଡିକର ସହଯୋଗରେ ସମାଜର ତଳସ୍ତରଯାଏ ବ୍ୟାପିବାରେ ଲାଗିଛି । ଓସାମାବିନ୍ ଲାଡେନଠାରୁ ଆରମ୍ଭ କରି ଜବାହରି ପର୍ଯ୍ୟନ୍ତ, ହକ୍କାନୀଠାରୁ ଆଝାର ମାସୁଦଯାଏ ଅନେକ ଉଗ୍ରବାଦୀଙ୍କୁ ପାକ୍ କର୍ତ୍ତୃପକ୍ଷ ବଡ କରିଛନ୍ତି । ପଡୋଶୀ ଦେଶମାନଙ୍କରେ ଉତ୍ତେଜନା ବୃଦ୍ଧି, ଧ୍ୱଂସାତ୍ମକ କାର୍ଯ୍ୟ, ସାମୂହିକ ଗଣହତ୍ୟା, ଆତ୍ମଘାତୀ ଆକ୍ରମଣ ପାଇଁ ପାକ୍ ସେନା ଓ ଗୋଇନ୍ଦାସଂସ୍ଥା ଉଦ୍ୟମ ଜାରି ରଖିଛନ୍ତି । ପୃଥିବୀର ଅନେକ ଦେଶରେ ସଂଘଠିତ ଇସଲାମିକ ଆତଙ୍କବାଦୀ ଆକ୍ରମଣର ସୂତ୍ର ପରବର୍ତ୍ତୀ ସମୟରେ ପାକିସ୍ତାନକୁ ଲମ୍ବିଥିବାର ପ୍ରମାଣ ମିଳିଛି । ଏସବୁକୁ ଦୃଷ୍ଟିରେ ରଖି ଆର୍ଥିକ କାର୍ଯ୍ୟାନୁଷ୍ଠାନ ବଳ ପକ୍ଷରୁ ପ୍ୟାରିସଠାରେ ଅନୁଷ୍ଠିତ ୧୮-୨୩ ଫେବୃଆରୀ ୨୦୧୮ରେ ସପ୍ତାହ ବ୍ୟାପି ଆଲୋଚନା ପରେ ପାକକୁ ସତର୍କ ନିରୀକ୍ଷଣ ତାଲିକାରେ ବା ୱାଚଲିଷ୍ଟରେ ରଖାଯାଇଛି । ଏହି ବୈଠକରେ ଉପସ୍ଥିତ ଥିବା ୩୫ଟି ସଦସ୍ୟ ରାଷ୍ଟ୍ରମଧ୍ୟରୁ କେବଳ ତୁର୍କୀକୁ ଛାଡିଦେଲେ ୩୪ଟି ରାଷ୍ଟ୍ର ପାକ୍ ବିରୋଧରେ ମତ ଦେଇଥିଲେ । ପାକ୍‌କୁ ୱାଚ ଲିଷ୍ଟରେ ରଖିବାର ପ୍ରସ୍ତାବକୁ ୩୪-୧ ମତରେ ବିପୁଳ ସମର୍ଥନ ମିଳିଥିଲା । ପାକିସ୍ତାନକୁ ଆସନ୍ତା ଜୁନମାସ ମଧ୍ୟରେ ସ୍ଥିତି ପରିବର୍ତ୍ତନ ପାଇଁ ସୁଯୋଗ ରହିଛି । ତା ନହେଲେ କଳା ତାଲିକାଭୁକ୍ତ ହେବ । ହେଲେ ଏମିତି ହେବାର ସମ୍ଭାବନା ଅଧିକ ନାହିଁ । କାରଣ ଏହି ଗୋଷ୍ଠୀର ମୁଖ୍ୟଭାବେ ଚୀନ ଆସନ୍ତା ଜୁନମାସ ବେଳକୁ ଦାୟିତ୍ୱ ନେବାକୁ ଯାଉଛି । ଚୀନ ମଧ୍ୟ ଏପ୍ରକାର କଟକଣାକୁ ବିରୋଧ କରିଛି । ସେମିତି ଅନୁଷ୍ଠାନର ମୁଖ୍ୟ ହେଲେ କୌଣସି କାର୍ଯ୍ୟାନୁଷ୍ଠାନକୁ ବନ୍ଦ କରିବାକୁ ଚେଷ୍ଟା କରିବ ନିଶ୍ଚୟ । କିନ୍ତୁ ତିନିମାସ ପରେ ଯଦି ପାକିସ୍ତାନର ସ୍ଥିତିରେ ଉନ୍ନତି ନଆସେ ତେବେ ଆନ୍ତର୍ଜାତିକ ମୁଦ୍ରାପାଣ୍ଠି, ବିଶ୍ୱବ୍ୟାଙ୍କ ପରି ଆର୍ଥିକ ସଂସ୍ଥାରୁ ଋଣ ଲାଭ କରିବା ପାକିସ୍ତାନ ପାଇଁ କଷ୍ଟକର ହେବ । ଋଣଦେବା ସମୟରେ ସଂସ୍ଥାମାନେ ଅଧିକ ଦରରେ ସୁଧ ଆଦାୟ କରିପାରନ୍ତି । କୂଟନୀତିକ ଆଲୋଚନା ଆବଶ୍ୟକ ହେବ। ପୃଥିବୀରେ ଟିକସଚୋରି ଏବଂ ସନ୍ତ୍ରାସକୁ ଅର୍ଥଯୋଗାଣକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଅଣସହଯୋଗୀ ରାଷ୍ଟ୍ରଗୁଡିକ ଉପରେ କଟକଣା ଜାରି କରାଯିବା ପାଇଁ ୨୦୦୦ରୁ ବିଶ୍ୱବ୍ୟାପି ଉଦ୍ୟମ ହୋଇଆସୁଛି । ସେଥିପାଇଁ ଆର୍ଥିକ କାର୍ଯ୍ୟାନୁଷ୍ଠାନକାରୀ ଗୋଷ୍ଠୀ (ଏଫ୍‌ଏଟିଏଫ) ଗଠନ କରାଯାଇଛି । ଜୁନ୍ ୨୦୦୦ରେ ୧୫ଟି ଦେଶର ନାମତାଲିକା ପ୍ରକାଶ ପାଇଥିଲା ଯେଉଁମାନେ କି ବେଆଇନ୍ ଅର୍ଥ ଦେଣନେଣରେ ଜଡିତ ରହିଥିଲେ । ଜୁନ୍ ୨୦୦୧ରେ ୮ଟି ଅସହଯୋଗୀ ରାଷ୍ଟ୍ରଙ୍କ ନାମ ପ୍ରକାଶ ପାଇଥିଲା । ଜୁନ୍ ୨୦୦୬ରେ ୭ମ ତାଲିକା ପ୍ରକାଶ ପାଇଥିଲା, ସେଥିରେ କେବଳ ମ୍ୟାନମାର ନାମ ଥିଲା । ଜୁନ୍ ୨୦୦୮ ତାଲିକାରେ ପାକିସ୍ତାନର ନାମ ପ୍ରଥମେ ଆସିଲା । ଜୁନ୍ ୨୦୦୯ରେ ପୁନର୍ବାର ଏହି ତାଲିକାରେ ପାକିସ୍ତାନ ରହିଲା । ଫେବୃଆରୀ ୧୨ ୨୦୧୨ରେ ୨୩ଟି ଦେଶର ନାମ, ଜୁନ୍ ୨୦୧୩ରେ ପାକ୍ ସମେତ ୧୪ଟି, ଅକ୍ଟୋବର ୨୦୧୩ରେ ପାକିସ୍ତାନ ସମେତ ୧୩ଟି, ଫେବୃଆରୀ ୨୦୧୪ରେ ପାକ୍ ସମେତ ୧୧ଟି, ଜୁନ୍ ୨୦୧୪ରେ ୬ଟି, ଅକ୍ଟୋବର ୨୦୧୫ରେ ୩ଟି,ଫେବୃଆରୀ ୨୦୧୬ରେ ୨ଟି ଦେଶ ଅସହଯୋଗୀ ତାଲିକାରେ ଥିଲେ । ୨୩ ଫେବୃଆରୀ ୨୦୧୮ରେ ପାକିସ୍ତାନ ନିରୀକ୍ଷଣ ତାଲିକାରେ ରହିଲା । ସେ ତାଲିକାରେ ଇଥିଓପିଆ, ଇରାକ୍, ସର୍ବିଆ, ସିରିଆ, ତ୍ରିନିଦାଦ ଓ ଟୋବାଗୋ, ଟ୍ୟୁନିସିଆ, ଭାନୁଆଟୁ ଏବଂ ୟେମେନର ନାମ ରହିଥିଲା । ୨୨ ଅକ୍ଟୋବର ୨୦୦୮ରେ ପ୍ୟାରିସଠାରେ ଅନୁଷ୍ଠିତ ବୈଠକରେ ଫ୍ରାନସ ଓ ଜର୍ମାନୀ ସମେତ ପୃଥିବୀର ପ୍ରାୟ ୧୭ଟି ଦେଶ ଟିକସ ଚୋରୀର ଗନ୍ତାଘରଭାବେ ପୃଥିବୀର ୪୦ଟି ଦେଶର ଠିକଣା ପାଇଥିଲେ । ସେମାନଙ୍କ ନାମ ସେହି ତାଲିକାରେ ସ୍ଥାନପାଇବା ଲାଗି ନିଷ୍ପତ୍ତି ହେଲା । ୨ ଏପ୍ରିଲ ୨୦୦୯ରେ ଟିକସ ସଂକ୍ରାନ୍ତୀୟ ତଥ୍ୟ ଦେଉଥିବା ଭାରତ ସମେତ ୪୦ଟି ଦେଶର ନାମ ପ୍ରକାଶ ପାଇଲା, ଯେଉଁ ଦେଶଗୁଡିକ ଗୁଣାତ୍ମକ କରସଂସ୍କାର କାର୍ଯ୍ୟ କରିଥିଲେ ।

ମୁମ୍ବାଇରେ ହୋଇଥିବା ପାକ୍ ସନ୍ତ୍ରାସବାଦୀ ହାଫିଜ୍ ସୟିଦର ଯୋଜନାରେ ଯେଉଁ ଆକ୍ରମଣ ହୋଇଥିଲା ସେଥିରେ ଭିନ୍ନ ଭିନ୍ନ ଦେଶର ପ୍ରାୟ ୧୬୬ଜଣ ବ୍ୟକ୍ତି ମୃତ୍ୟୁମୁଖରେ ପଡିଥିଲେ । ସୟିଦ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପାକ୍ ସରକାର ଗୁରୁତ୍ୱ ଦେଉନଥିବାରୁ ଗ୍ରେ ତାଲିକାରେ ପାକ୍‌କୁ ରଖିବାକୁ ଆମେରିକା ପକ୍ଷରୁ ଦାବି ଉଠିଥିଲା । ଆମେରିକାକୁ ବ୍ରିଟେନ, ଫ୍ରାନସ ଓ ଜର୍ମାନୀ ସମର୍ଥନ କରିଥିଲେ । ଅଥଚ ଚୀନ, ତୁର୍କୀ, ଗଲଫ ସହଯୋଗୀ ଦେଶ ସମୂହ ଉକ୍ତ ପ୍ରସ୍ତାବର ବିରୋଧ କରିଥିଲେ । କିନ୍ତୁ ଆମେରିକା ସରକାର ପାକ୍‌କୁ ପ୍ରଦାନ କରାଯାଉଥିବା ଅନୁଦାନ କାଟ କରିବାକୁ ଘୋଷଣା କରିଥିଲେ । ଚଳିତବର୍ଷ ୧.୧ ବିଲିଅନ ଡଲାର ଆମେରିକାର ପାକ୍ ସହାୟତାକୁ ବନ୍ଦ ରଖାଯାଇଛି । ଏଥିରେ ୨୦୧୬ରେ ବିଦେଶ ସାମରିକ ସହାୟତାରେ ୨୫୫ ମିଲିଅନ ଡଲାର ପାକ୍ ସରକାର ଲାଭ କରିଥାନ୍ତେ । ସେମିତି ୨୦୧୭ବର୍ଷରେ ଦେବାକୁ ଥିବା ୯୦୦ ମିଲିଅନ ଋଣ ସହାୟତା ମଧ୍ୟ ବନ୍ଦ ରଖାଯାଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସନ୍ତ୍ରାସବାଦୀ ଦମନ ନାମରେ ବିଗତ ୧୫ବର୍ଷରେ ୩୩ ବିଲିଅନ ଡଲାର ପାକ୍ ନେଇଥିବା ସତ୍ତ୍ୱେ ବିଶେଷ କିଛି କାର୍ଯ୍ୟ କରିନଥିବା ଅଭିଯୋଗ ଆଣିଥିଲେ । ଆମେରିକା ଉପରେ ହୋଇଥିବା ବିମାନ ଆକ୍ରମଣ ପରଠାରୁ ଆଫଗାନିସ୍ତାନ ଓ ପାକିସ୍ତାନରେ ଲୁଚି ରହିଥିବା ସନ୍ତ୍ରାସବାଦୀଙ୍କୁ ଦମନ କରିବା ନାମରେ ଏହି ଅର୍ଥ ପାକିସ୍ତାନ ଆମେରିକାଠାରୁ ଆଣି ସନ୍ତ୍ରାସବାଦ ବୃଦ୍ଧି କାର୍ଯ୍ୟରେ ବିନିଯୋଗ କରି ଆସୁଥିଲା । ଭାରତ ସରକାର ଜାତିସଂଘଠାରୁ ଆରମ୍ଭ କରି ଅନେକ ବିଶ୍ୱମଞ୍ଚରେ ପାକିସ୍ତାନର ସନ୍ତ୍ରାସବାଦୀଙ୍କୁ ପ୍ରୋତ୍ସାହନ, ପ୍ରଶିକ୍ଷଣ ଓ ସହାୟତା ନେଇ ଅଭିଯୋଗ କରୁଥିଲେ । କିନ୍ତୁ ଭାରତର ଅଭିଯୋଗ ପ୍ରତି ଆମେରିକା କର୍ତ୍ତୃପକ୍ଷ ବିଶେଷ ଧ୍ୟାନ ଦେଉନଥିଲେ । ଯେହେତୁ ଆମେରିକାର ଅନେକ ସେନା ଏବେବି ଆଫଗାନିସ୍ତାନରେ ରହି ସନ୍ତ୍ରାସବାଦୀ ବିରୋଧୀ ଅଭିଯାନରେ ଲାଗିଛନ୍ତି ଏବଂ ସେମାନଙ୍କ ପାଇଁ ରସଦ ଯୋଗାଣ କାର୍ଯ୍ୟ ପାକିସ୍ତାନ ସଡକମାର୍ଗ ଦେଇ କରାଯାଇଥାଏ । ଆମେରିକାକୁ ପରିବହନ ପାଇଁ ଅନୁମତି ଦେଇ ପ୍ରତିବଦଳରେ ଅନେକ ଅର୍ଥ ପାକ୍ ସରକାର ପାଇଥାନ୍ତି । ଏବେ ଇଉରୋପୀୟ ୟୁନିଅନ ମଧ୍ୟ ଜିଏସପି ପ୍ଲସ ପାଣ୍ଠିକୁ ହ୍ରାସ କରିବାକୁ ପାକ୍‌କୁ ଧମକ ଦେଇଛି । ସେଥିରେ ପାକ୍ ସରକାର ୬୬ ପ୍ରତିଶତ ଛାଡି ପାଇଥାନ୍ତି ।

ସଂପ୍ରତି ପାକ୍ ବିରୋଧରେ ହୋଇଥିବା ଆର୍ଥିକ କଟକଣା ନେଇ ପାକ୍‌ର ଗଣମାଧ୍ୟମରେ ଭାରତ ସରକାରଙ୍କୁ ସମାଲୋଚନା କରାଯାଉଛି । ନରେନ୍ଦ୍ର ମୋଦିଙ୍କର ଟ୍ରମ୍ପଙ୍କ ସହ ସଂପର୍କ ଏବଂ କୂଟନୀତିକ ଚାଲ ଯୋଗୁ ପାକିସ୍ତାନ ବିଶ୍ୱଦରବାରରେ ବାରମ୍ବାର ନିନ୍ଦିତ ହେଉଥିବା ଅଭିଯୋଗ ଉଠୁଛି । କିନ୍ତୁ ପାକିସ୍ତାନ ପରି ଏକ ଭସ୍ମାସୁରକୁ ଜନ୍ମଦେବା ପଛରେ ଆମେରିକା ସରକାରଙ୍କ ମନ୍ଦନୀତି ହିଁ ରହିଆସିଛି । ଦେଖିବାକୁ ଗଲେ ୧୦ ଅଗଷ୍ଟ ୧୯୪୭ରେ ପାକିସ୍ତାନ ଭାରତଠାରୁ ଅଲଗା ରାଷ୍ଟ୍ର ହୋଇଥିଲା । ସେହିବର୍ଷ ୨୦ ଅକ୍ଟୋବରରେ ପାକିସ୍ତାନ ସହ ସଂପର୍କ ଯୋଡି ଆମେରିକା ସରକାର ସାମରିକ ଓ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଘୋଷଣା କଲେ । ୧୯୫୦-୫୩ରେ ପାକ୍ ପ୍ରଧାନମନ୍ତ୍ରୀ ଲିଆକତ୍ ଅଲ୍ଲି ଖାନ ଆମେରିକା ଗସ୍ତରେ ଯାଇ ରାଷ୍ଟ୍ରପତି ହାରୀ ଏସ ଟ୍ରୁମାନଙ୍କ ସହ ସଂପର୍କ ବଢାଇଥିଲେ । ସୋଭିଏତ୍ ରୁଷିଆ ଉପରେ ନଜର ରଖିବା ପାଇଁ ପାକ୍-ସରକାର ଏକ ସେନାଘାଟୀ ଯୋଗାଇ ଦେବାକୁ ଆମେରିକା ସରକାର କହିଥିଲେ । ମଇ ୧୯୫୪ରେ ପାକ୍ ଆମେରିକା ସାମରିକ ସହାୟତା ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ପାକ୍ ସେନାକୁ ପ୍ରଶିକ୍ଷଣ ଦେବା ପାଇଁ ରାୱଲପିଣ୍ଡିଠାରେ ସାମରିକ ସହାୟତା ପରାମର୍ଶଦାତା ଗୋଷ୍ଠୀ ଗଠିତ ହେଲା । ୧୯୫୫ରେ ଆମେରିକା ରାଷ୍ଟ୍ରପତି ଆଇଜେନହାୱାର ରୁଷିଆର କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମ ଉପରେ ଦୃଷ୍ଟି ରଖିବାପାଇଁ ପେଶାୱାର ବିମାନଘାଟୀକୁ ଆମେରିକା କର୍ତ୍ତୃପକ୍ଷଙ୍କୁ ଦେବାକୁ ସୁରାବର୍ଦ୍ଦିଙ୍କୁ କହିଥିଲେ । ସେଥିପାଇଁ ପାକିସ୍ତାନ ସରକାର ରାଜି ହୋଇଥିଲେ ।

୧୯୭୯ରେ ସୋଭିଏତ ସେନା ଆଫଗାନିସ୍ତାନ ଦଖଲ କଲାପରେ ଆମେରିକା ସରକାର ରୁଷିଆର ସେନାକୁ ହଟାଇବା ପାଇଁ ୧୯୭୯ରୁ ୧୯୮୮ ଯାଏଁ ଜିଆ ଉଲ ହକ ପାକ୍‌ର ରାଷ୍ଟ୍ରପତି ଥିବା ସମୟରେ ଅଧିକ ସହାୟତା ଯୋଗାଇ ଦେଲେ । ଆମେରିକାର ସିଆଇଏ ଏବଂ ପାକ୍‌ର ଆଇଏସଆଇ ଗୁଇନ୍ଦା ସଂସ୍ଥା ମିଳିତଭାବେ କାର୍ଯ୍ୟ କଲେ । ୧୯୮୧ରେ ପାକିସ୍ତାନକୁ ୩.୨ ବିଲିଅନ ଡଲାର ଆମେରିକା ପକ୍ଷରୁ ମିଳିଲା । ୧୯୮୭ ବେଳକୁ ଇସ୍ରାଏଲ ପରେ ପାକିସ୍ତାନ ଆମେରିକାଠାରୁ ସର୍ବାଧିକ ସହାୟତାପ୍ରାପ୍ତ ୨ୟ ବିଦେଶୀ ରାଷ୍ଟ୍ର ହୋଇଥିଲା । ଆଫଗାନ ମାଟିରୁ ରୁଷିଆର ସେନା ଚାଲିଯିବା ପରେ ସେଠାରେ ମୁଜାହିଦ୍ଦିନ ଓ ତାଲିବାନ ଗୋଷ୍ଠୀ ଶକ୍ତିଶାଳୀ ହୋଇ ଉଠିଥିଲେ । ତାଲିବାନ ଆଫଗାନିସ୍ତାନରେ ସରକାର ଦଖଲ କରି ଶାସନ ଚଳାଇଲା । ଫଳରେ ଆମେରିକା ସରକାର ତାଲିବାନ ଉପରେ ଚାପ ପ୍ରୟୋଗ କରିବାପରେ ଓସାମା ବିନ ଲାଡେନ ଯୋଜନାରେ ଆମେରିକାର ବିଶ୍ୱବାଣିଜ୍ୟ କେନ୍ଦ୍ର ଉପରେ ଆକ୍ରମଣ କରାଗଲା । ପରେ ପାକିସ୍ତାନର ଅବୋଟାବାଦଠାରୁ ସେ ଆମେରିକା ବିରୋଧୀ କାର୍ଯ୍ୟ ଚଳାଇଲା । ଏହି କାର୍ଯ୍ୟରେ ପାକ୍ ସେନାର ସୁରକ୍ଷାପ୍ରଦାନ ଓ ସମର୍ଥନ ଜାରି ରହିଥିଲା । ଏଣେ ପାକ୍ ସରକାର ଅସ୍ଥିର ଆଫଗାନିସ୍ତାନରେ ଶାନ୍ତିପାଇଁ ଆମେରିକାଠାରୁ ଅର୍ଥନେଇ ସନ୍ତ୍ରାସବାଦୀ ପ୍ରସ୍ତୁତିରେ ବିନିଯୋଗ କଲେ । ୧୯୮୮ରେ ଆଫଗାନିସ୍ତାନରୁ ରୁଷିଆର ସେନା ହଟିବା ପରଠାରୁ ପାକ୍ ସରକାର ସେଠାକାର ସନ୍ତ୍ରାସବାଦୀମାନଙ୍କୁ ପୂର୍ବକୁ ଫେରାଇଆଣି କାଶ୍ମୀର ଦଖଲରେ ଲଗାଇଥିଲେ । ଏପରିକି ୧୯୯୯ରେ ପରଭେଜ୍ ମୁସାରଫଙ୍କ ଯୋଜନାରେ ଭାରତର କାରଗିଲକୁ ଦଖଲ କରିବାର ଯୋଜନା ପାକ୍ ସେନା କଲା । ୨୦୦୩ରେ ଆମେରିକା ସରକାର ୧ ବିଲିଅନ ଡଲାର ପାକ୍ ସରକାରଙ୍କୁ ଦେଲେ । ଏପରିକି ଆମେରିକାର ରାଷ୍ଟ୍ରପତି ଜର୍ଜବୁଶ ଜୁନିଅର ୨୦୦୪ରେ ପାକ୍‌କୁ ଅଣନାଟୋ ସହଯୋଗୀ ରାଷ୍ଟ୍ରର ମାନ୍ୟତା ଦେଲେ । ପାକିସ୍ତାନକୁ ଆମେରିକା ପକ୍ଷରୁ ଅତ୍ୟାଧୁନିକ ସାମରିକ ସରଞ୍ଜାମ, ବିମାନ ଆଦି ଯୋଗାଇ ଦିଆଗଲା । କିନ୍ତୁ ପାକିସ୍ତାନ ଆମେରିକାଠାରୁ ଅର୍ଥ ନେଇ ସନ୍ତ୍ରାସବାଦୀଙ୍କୁ ଆମେରିକା ବିରୁଦ୍ଧରେ ପ୍ରସ୍ତୁତ କରୁଥିଲା । ଏପ୍ରକାର ଡବଲଗେମ୍ ବିଷୟରେ ୨୦୦୯ରେ ଜାଣିପାରି ଓବାମା ସରକାର ପାକ୍ ସରକାରଙ୍କୁ ଆର୍ଥିକ ସହାୟତା ବନ୍ଦ କରିଥିଲେ । ପରେ ଉଭୟପକ୍ଷ ବୁଝାମଣା ପରେ ସହାୟତା ଜାରି ରହିଲା । ଆମେରିକାର ଡ୍ରୋନ ଆକ୍ରମଣ ସନ୍ତ୍ରାସବାଦୀ ଠିକଣା ଉପରେ ହେଲା ।

ଏକଦା ପାକିସ୍ତାନର ଭାଗ୍ୟ ପରିବର୍ତ୍ତନକାରୀ ପ୍ରକଳ୍ପ ଭାବେ ପରିଚିତ ଚୀନ-ପାକ୍ ଆର୍ଥିକ କ୍ଷେତ୍ର ଏବେ ପାକିସ୍ତାନ ପାଇଁ କ୍ଷତିକାରକ ହୋଇଛି । ଚୀନାମାଲ ଯୋଗୁ ପାକ୍ କମ୍ପାନୀଗୁଡିକ ବନ୍ଦହୋଇଗଲାଣି । ୨୦୩୦ ସୁଦ୍ଧା ଚୀନକୁ ୯୦ବିଲିଅନ୍ ଡଲାର ପାକ୍‌କୁ ସୁଝିବାକୁ ହେବ । ସିପେକ୍‌ର ମୋଟ ୫୫ ବିଲିଅନ ଡଲାର ମଧ୍ୟରୁ ୩୫ ବିଲିଅନ କେବଳ ଶକ୍ତିପ୍ରକଳ୍ପ, ଯେଉଁଥିରେ ୧୭ରୁ ୨୦ ପ୍ରତିଶତ ଗ୍ୟାରେଣ୍ଟିଯୁକ୍ତ ଫେରସ୍ତ ଚୀନ ଆଦାୟ କରୁଛି । ତେଣୁ ବିଦ୍ୟୁତ୍ ୟୁନିଟ୍ ପିଛା ୮ଟଙ୍କା ୫୦ ପଇସା ଚୀନକୁ ପାକ୍ ନାଗରିକ ସୁଝିବେ । ୨୦୧୭ ସୁଦ୍ଧା ପ୍ରାୟ ୭୨ ବିଲିଅନ ବିଦେଶୀଋଣ ପାକ୍ ସରକାରଙ୍କର ଥିଲା । ବିଶ୍ୱ ମୁଦ୍ରା କୋଷରୁ ୮.୭୫ ପ୍ରତିଶତ ସୁଧରେ ସଡକ, ବିମାନବନ୍ଦର, ରେଡିଓ ଓ ଦୂରଦର୍ଶନ କେନ୍ଦ୍ରକୁ ବନ୍ଧାପକାଇ ପାକ୍ ସରକାର ଏହି ଋଣ ନେଇଛନ୍ତି । ସେହିପରି ଚୀନ-ପାକ୍ ମଧ୍ୟରେ ବାଣିଜ୍ୟିକ ତାରତମ୍ୟ ୨୪ ବିଲିଅନ ଡଲାର ରହିଛି । ଏହା ପାକ ରପ୍ତାନୀର ୨୦୦ ପ୍ରତିଶତ ଅଧିକ । ସିପେକ୍ ପ୍ରକଳ୍ପର ସୁରକ୍ଷାପାଇଁ ପାକ୍ ସେନାର ଦୁଇ ବାଟାଲିଅନ ଯବାନ ନିଯୁକ୍ତ ହୋଇଛନ୍ତି । ଏହି ସୁରକ୍ଷା ଖର୍ଚ୍ଚ ମଧ୍ୟ ପାକ୍ ସରକାର ବହନ କରୁଛନ୍ତି । ଗତ ନଭେମ୍ବର ୨୦୧୭ରେ ଚୀନ ୩ଟି ପାକ୍ ପ୍ରକଳ୍ପକୁ ଅର୍ଥ ଦେବାକୁ ମନା କରିଦେଲା । ଏଥିପାଇଁ ନୂତନ ନୀତି ପ୍ରଣୟନ ଯୋଜନା କରାଯାଉଥିବା କୁହାଗଲା । ସେମିତି ଡେମର ଭାଷା ବନ୍ଧକୁ ୧୪ ବିଲିଅନ ଖର୍ଚ୍ଚ କରି ମାଲିକାନା ନେବାକୁ ଚୀନ ଆଗ୍ରହ କଲାରୁ ପାକ୍ ସରକାର ସେହି ପ୍ରକଳ୍ପକୁ ବନ୍ଦ କରିଦେଇଛନ୍ତି । ସିପେକ୍‌କୁ ଚୀନର ଏକ ସଡକ ଏକ କ୍ଷେତ୍ର ଯୋଜନାର ଅନ୍ତର୍ଗତ ପ୍ରକଳ୍ପ ଭାବେ ଚାଇନା ଡେଭଲପମେଣ୍ଟ ବ୍ୟାଙ୍କ ଏବଂ ଦି ନେସନାଲ ଡେଭଲପମେଣ୍ଟ ଏଣ୍ଡ ରିଫର୍ମ କମିଶନ ପ୍ରକାଶ କରିଛନ୍ତି । ଚୀନା ପ୍ରକଳ୍ପରେ ଚୀନା କଞ୍ଚାମାଲ, ଶ୍ରମିକ, କମ୍ପାନୀ ଓ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବାଦ୍ୱାରା ଚୀନ ଲୋକେ ରୋଜଗାର ପାଉଛନ୍ତି । କିନ୍ତୁ ପାକ୍ ଲୋକ ତାଙ୍କୁ କେବଳ ସୁରକ୍ଷାଦେବାରେ ବ୍ୟସ୍ତ । ଋଣ ପରିଶୋଧ ପାଇଁ ଚୀନ ସରକାର ପାକ୍‌ର ଚାଷଜମି ଆଦି ହାତକୁ ନେବାର ସମ୍ଭାବନା ରହିଛି । ସେହି ଲକ୍ଷ୍ୟରେ ଚୀନ ଆଧୁନିକ କୃଷି ପାକିସ୍ତାନରେ କରିବାକୁ ଆଗ୍ରହ ପ୍ରକାଶ କରିଛି । ଏଠାକାର ଉତ୍ପାଦ ଚୀନକୁ ରପ୍ତାନୀ ହେବ ବୋଲି ଜଣାପଡିଛି । ନିକଟରେ ଡଲାର ତୁଳନାରେ ପାକିସ୍ତାନ ଟଙ୍କା ଦୁର୍ବଳ ହୋଇ ୧୧୪ଟଙ୍କାରେ ପହଞ୍ଚିଲାଣି । ଯାହାଫଳରେ ୩୦୦ ମିଲିଅନ ଡଲାର ଋଣର ପରିମାଣ ହଠାତ୍ ବଢିଯାଇଛି । ପାକ୍ ପ୍ରଧାନମନ୍ତ୍ରୀ ଆମେରିକାକୁ ପରିସ୍ଥିତି ବିଷୟରେ ବୁଝାଇବାକୁ ଚେଷ୍ଟା କରୁଥିଲେ ହେଁ ଟ୍ରମ୍ପଙ୍କ ଆଭିମୁଖ୍ୟକୁ ବଦଳାଇବା ସହଜ ହେଉନାହିଁ । ଚୀନର ଋଣ ସୁଝିବା ପାଇଁ ଗଧ ପ୍ରଜନନ କରିବାକୁ ପାକ୍ ସରକାର ଲାଗିପଡିଛନ୍ତି । ସେପଟେ ଆଫଗାନିସ୍ତାନକୁ ଭାରତରୁ ଚାବହର ଦେଇ ଗହମ ଯିବା ପରେ ପାକ୍-ଆଫଗାନ ବ୍ୟବସାୟ ହ୍ରାସ ପାଇଛି । ଜନସଂଖ୍ୟା ତୁଳନାରେ ବଡ ସେନାବାହିନୀକୁ ପୋଷିବା ପାକ୍ ସରକାରଙ୍କୁ ବଳିପଡିଲାଣି । ଯେମିତି ବିଦେଶୀ କ୍ରିକେଟ ଖେଳାଳୀ ପାକରେ ଖେଳିବାକୁ ଚାହୁଁନାହାନ୍ତି, ସେମିତି ବିଦେଶୀ ବ୍ୟବସାୟୀ ସେଠାରେ ପୁଞ୍ଜିନିବେଶ କରିବାକୁ ଭୟ କରୁଛନ୍ତି । ବିଦେଶୀ ମୁଦ୍ରା ଭଣ୍ଡାର ହ୍ରାସ ପାଇବାରେ ଲାଗିଛି । ତେଣୁ ପାକିସ୍ତାନ ଏବେ ଆର୍ଥିକ ସଙ୍କଟରେ ପଡିଛି ।

*ଭାରତୀୟ ସମ୍ବାଦ ସେବା(ଭାସ)*
*ଭୁବନେଶ୍ୱର-୭୫୧୦୦୩*

# ଈଶ୍ୱରଙ୍କ ଅନୁଗ୍ରହ

**ଅନ୍ତର୍ଯ୍ୟାମୀ ପଟ୍ଟନାୟକ**



ମନୁଷ୍ୟ ପ୍ରତ୍ୟେକ ମୁହୂର୍ତ୍ତରେ ଆଗକୁ ପାଦ ବଢ଼ାଇବା ଉଚିତ। ଗତିହୀନ ଜୀବନ ତା ପାଇଁ ସୁନ୍ଦର ନୁହେଁ। ଛାତ୍ରଟିଏ ଯଦି ସ୍କୁଲର ଗୋଟିଏ ଶ୍ରେଣୀରେ ବାରମ୍ବାର ରହିଯାଏ, କେତେ ଦିନ ଆମେ ସହ୍ୟ କରିବା ? ସେ ପ୍ରତିବର୍ଷ ଉଚ୍ଚତର ଶ୍ରେଣୀକୁ ଯିବା ଆବଶ୍ୟକ। ଆଧ୍ୟାତ୍ମିକ ସାଧକ ସେହିପରି ସାଧନାର ଗୋଟିଏ ସ୍ତରରେ ସ୍ଥିର ହୋଇ ରହିବା ଉଚିତ ନୁହେଁ। ମନୁଷ୍ୟ ପ୍ରଥମେ ପ୍ରତିମୂର୍ତ୍ତି ବା ମୂର୍ତ୍ତି ପୂଜା କରେ। ଷୋଡ଼ଶ ଉପଚାର ମାଧ୍ୟମରେ ସେ ଅର୍ଚ୍ଚନା କରିଥାଏ ଯଥା ଧ୍ୟାନ, ଆବାହନ, ଆସନ, ପାଦ୍ୟ, ଅର୍ଘ୍ୟ, ସ୍ନାନ, ବସ୍ତ୍ର, ଯଜ୍ଞୋପବୀତ, ଚନ୍ଦନ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ, ତାମ୍ବୁଲ, ନୀରାଜନା ପ୍ରଦକ୍ଷିଣ, ନମସ୍କାର। ଉତ୍ତମ ଚରିତ୍ର, ଉତ୍ତମ ବ୍ୟବହାର, ନୈତିକ ମହତ୍ତ୍ୱପୂର୍ଣ୍ଣ ଜୀବନଯାପନ ସାଧକର ଯୋଗ୍ୟତା ହେବା ଉଚିତ। ଷୋଡ଼ଶ ଉପଚାର ଅର୍ଚ୍ଚନା ଏକ ଉତ୍ତମ ବିଧି। କିନ୍ତୁ ସାଧକ ଏହି ସ୍ତରରୁ ଆତ୍ମଉପଲବ୍ଧି ଆଡ଼କୁ ଅଗ୍ରସର ହେବା ଉଚିତ। ଈଶ୍ୱରଙ୍କୁ ସମର୍ପିତ ପୁଷ୍ପରାଜି ଖୁବ୍ ଶୀଘ୍ର ମଳିନ ହୋଇପାରେ। ପୁଷ୍ପାଞ୍ଜଳିର ସୁଫଳ ମଧ୍ୟ କ୍ଷଣସ୍ଥାୟୀ ହୋଇପାରେ। ତେଣୁ ମଣିଷ ଯେଉଁ ପୁଷ୍ପକୁ ନିଜ ଦକ୍ଷତା ଓ ନିଷ୍ଠା ମାଧ୍ୟମରେ ନିଜର ଜୀବନ ବୃକ୍ଷରେ ପ୍ରସ୍ଫୁଟିତ କରାଇଥାଏ ଈଶ୍ୱର ସବୁବେଳେ ସେହି ପୁଷ୍ପକୁ ଅଧିକ ଭଲ ପାଆନ୍ତି। ସେହି ନୈତିକ ପୁଷ୍ପରାଜି ତାହାରି ନିଜ ହୃଦୟ ବଗିଚାରେ ହିଁ ପ୍ରସ୍ଫୁଟିତ ହୋଇଥାଏ।

ଏହି ଗୁଡ଼ିକ ମଧ୍ୟରେ ଅହିଂସା ପ୍ରଥମ ପୁଷ୍ପ। କେବଳ ଜୀବନ୍ତ ପ୍ରାଣୀକୁ ଆଘାତ ନ କରିବାକୁ ଅହିଂସା କୁହାଯାଇ ନପାରେ। ଏହା ପ୍ରକୃତରେ ଏକ ଉଚ୍ଚତର ମୌଳିକ ମୂଲ୍ୟବୋଧ। କେବଳ କାର୍ଯ୍ୟରେ ହିଂସା ଆଚରଣ ନ କରିବା ଯଥେଷ୍ଟ ନୁହେଁ, ଚିନ୍ତା ବା ବାକ୍ୟରେ ମଧ୍ୟ ଆମେ ପ୍ରାଣୀଙ୍କୁ କଷ୍ଟ ଦେବା ଉଚିତ ନୁହେଁ। ଜଣେ ଅନ୍ୟକୁ କଷ୍ଟଦେବା ବା ଅପମାନିତ କରିବା ପାଇଁ ଚିନ୍ତା କରିବା ଉଚିତ ନୁହେଁ। ଇନ୍ଦ୍ରିୟ ନିଗ୍ରହ ଜୀବନ ବଗିଚାର ଦ୍ୱିତୀୟ ପୁଷ୍ପ। ଜଣେ ଇନ୍ଦ୍ରିୟାସକ୍ତ ହେବା ଉଚିତ ନୁହେଁ। ତୃତୀୟ ପୁଷ୍ପଟି ଦୟା। ସର୍ବଭୂତେ ଦୟା (ପ୍ରତ୍ୟେକ ଜୀବ ଓ ପଦାର୍ଥ ପ୍ରତି ଦୟା) କାରଣ ପ୍ରତ୍ୟେକ ପ୍ରାଣୀ ଓ ପଦାର୍ଥ ମଧ୍ୟରେ ଈଶ୍ୱର ବିଦ୍ୟମାନ। କୁହାଯାଇଛି ଯେ ସର୍ବଦେବ ନମସ୍କାରଂ କେଶବମ୍ ପ୍ରତିଗଚ୍ଛତି। ଯେଉଁ ପ୍ରଭୁଙ୍କୁ ପ୍ରଣାମ କଲେ ମଧ୍ୟ ତାହା ପରମାତ୍ମାଙ୍କ ଠାରେ ପହଞ୍ଚିଯାଏ। ସେହି ସତ୍ୟରେ ଏହା ମଧ୍ୟ କୁହାଯାଇପାରେ ଯେ 'ସର୍ବଜୀବ ତିରସ୍କାରମ୍ କେଶବମ୍ ପ୍ରତିଗଚ୍ଛତି' ଯେଉଁ ପ୍ରାଣୀକୁ କଷ୍ଟ ଦେଲେ ମଧ୍ୟ ତାହା ପରମାତ୍ମାଙ୍କୁ କଷ୍ଟ ଦେଲାଭଳି ହୁଏ। କ୍ଷମା, ଧୈର୍ଯ୍ୟ, ସାହସ, ଶାନ୍ତ ଚତୁର୍ଥ ପୁଷ୍ପ। ଧର୍ମ ପୁସ୍ତକରେ କ୍ଷମାକୁ ସତ୍ୟ, ଧର୍ମ, ଜ୍ଞାନ, ଅହିଂସା ତ୍ୟାଗ ଓ ଆନନ୍ଦରୁ ଅଭିନ୍ନ ବୋଲି କୁହାଯାଇଛି। କ୍ଷମା ବ୍ୟତୀତ ମନୁଷ୍ୟ ଗୋଟିଏ ମୁହୂର୍ତ୍ତ ମଧ୍ୟ ଆନନ୍ଦ ପାଇପାରିବ ନାହିଁ। ଏହା ଐଶ୍ୱରିକ ଗୁଣ ବୃଦ୍ଧି କରେ। ଏହା ମନୁଷ୍ୟର ଦିବ୍ୟତ୍ୱ ପରିପ୍ରକାଶ କରେ। ଏହା ମଣିଷର ପ୍ରକୃତିଗତ ହୋଇଯିବା ଉଚିତ। ନିର୍ବିକାର ଭାବ ଶାନ୍ତିର ମୌଳିକଗୁଣ। ସମୁଦ୍ର ସମସ୍ତ ପଦାର୍ଥକୁ ଏକତ୍ର କରି ଧରିରଖିବାକୁ ଇଚ୍ଛା କରୁଥିବାରୁ ନିମ୍ନରେ ରହିଛି ମେଘ ସମସ୍ତ ତ୍ୟାଗ କରି ମୁକ୍ତ ହେବାକୁ ଚାହୁଁ ଥିବାରୁ ଆକାଶରେ ରହିଛି। ଶାନ୍ତି ମଣିଷକୁ ସ୍ଥିର ମନ ଓ ସ୍ଥିର ଦୃଷ୍ଟି ପ୍ରଦାନ କରେ। ଶାନ୍ତି ପ୍ରାର୍ଥନା ତିନିଥର ଉଚ୍ଚାରଣ କରାଯାଏ ଓ ଶାନ୍ତିଃ ଶାନ୍ତିଃ ଶାନ୍ତିଃ। ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସ୍ତରର ଶାନ୍ତି ପାଇଁ ଏହି ମନ୍ତ୍ରକୁ ତିନିଥର ଉଚ୍ଚାରଣ କରାଯାଏ। ମନୁଷ୍ୟ ରାଗିବା ଅଥବା ଭୟରେ ମୁଣ୍ଡ ନୁଆଁଇବା ଉଚିତ ନୁହେଁ। ଉପନିଷଦରେ ଜନକ ମହର୍ଷିଙ୍କ ଜୀବନରେ ଆଧ୍ୟାତ୍ମ କି ଶାନ୍ତିର ଉଦାହରଣ ଦିଆଯାଇଛି। ତାଙ୍କୁ ବିଦେହ କୁହାଯାଉଥିଲା। ଏହାର ଅର୍ଥ ନୁହେଁ ଯେ ତାଙ୍କର ଦେହ ନଥିଲା। ପ୍ରକୃତରେ ସେ ଶରୀର ଓ ଏହାର ଆବଶ୍ୟକତାକୁ ଭୁଲିଯାଇ ଜୀବନଯାପନ କରୁଥିଲେ। ସେ କେବଳ ଆତ୍ମା ଚେତନ ସ୍ତରରେ ଦେଖୁଥିଲେ, ଶୁଣୁଥିଲେ ଓ କଥାବାର୍ତ୍ତା କରୁଥିଲେ। ଷଷ୍ଠ ପୁଷ୍ପଟି ହେଉଛି ତପ। ତପ ଅର୍ଥ ନୁହେଁ ସ୍ତ୍ରୀ, ସନ୍ତାନ ପ୍ରଭୃତିଙ୍କୁ ତ୍ୟାଗ କରି ଅରଣ୍ୟର ନିର୍ଜନତା ମଧ୍ୟକୁ ପଳାୟନ କରିବା। ପ୍ରକୃତ ତପ ହେଉଛି ଚିନ୍ତା, ଭାଷା ଓ କାର୍ଯ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିବା। ଦୁଷ୍ଟ ପ୍ରକୃତିର ଲୋକ ଏହା କେବେ ଆଚରଣ କରି ପାରିବେ ନାହିଁ କାରଣ ନିଜ ସହିତ ମଧ୍ୟ ସେ ମିଥ୍ୟାଚାର କରେ। ମନୁଷ୍ୟ ଯେତେବେଳେ ଏହି ତପର ଅଧିକାରୀ ହେବ ତାର ପ୍ରତ୍ୟେକ ବାକ୍ୟ ଏତେ ଶକ୍ତିଶାଳୀ ହେବ ଯେ ସେ ଯାହା ଉଚ୍ଚାରଣ କରିବ ତାହା ମନ୍ତ୍ରରେ ପରିଣତ ହୋଇଯିବ। ଆମର ସପ୍ତମ ପୁଷ୍ପଟି ହେଉଛି ଧ୍ୟାନ। ମୋ ମସ୍ତକରେ ଯେତିକି କେଶ ଅଛି ସେତେ ପ୍ରକାର ଧ୍ୟାନର ପଦ୍ଧତି ଆଜିକାଲି ପ୍ରଚଳିତ। ପ୍ରତ୍ୟେକ ତାଙ୍କର ଇଚ୍ଛା ଅନୁଯାୟୀ ଏହାକୁ ବର୍ଣ୍ଣନା କରୁଛନ୍ତି। ଧୀରସ୍ଥିର ଭାବରେ ବସି ନିଜର ଭାବନା ଓ ଚିନ୍ତାଧାରାକୁ ଈଶ୍ୱରଙ୍କ ଉପରେ କେବଳ ନିବଦ୍ଧ କରିବା ଧ୍ୟାନ ନୁହେଁ। ଈଶ୍ୱରଙ୍କ ମାଧ୍ୟମରେ ନିଜର ଇଚ୍ଛା, ଅନୁଭବ ଓ ଭାବନା ଇତ୍ୟାଦିକୁ ଐଶ୍ୱରୀକ କରିବା ଉଚିତ। ଈଶ୍ୱରଙ୍କୁ ନିଜ ସ୍ତରକୁ ଓହ୍ଲାଇ ଆଣିବା ଉଚିତ ନୁହେଁ ବରଂ ନିଜକୁ ଈଶ୍ୱରଙ୍କ ସ୍ତରକୁ ଉନ୍ନତି କରିବା ଉଚିତ। ଅଷ୍ଟମ ପୁଷ୍ପଟି ସତ୍ୟ। ଏହି ସତ୍ୟ ସମୟ ସ୍ରୋତରେ ଅପରିବର୍ତ୍ତିତ ରହେ। କେବଳ ଈଶ୍ୱର ହିଁ ଅପରିବର୍ତ୍ତିତ ଭାବେ ଅତୀତରୁ ବର୍ତ୍ତମାନ ମଧ୍ୟ ଦେଇ ଭବିଷ୍ୟତ ପର୍ଯ୍ୟନ୍ତ ରହି ପାରନ୍ତି। ଯେତେବେଳେ ଏହି ପୁଷ୍ପ ତୁମ ହୃଦୟ ମଧ୍ୟରେ ପ୍ରସ୍ଫୁଟିତ ହେବ ତାହା ତୁମକୁ ଅନନ୍ତ ସୌରଭରେ ପୂର୍ଣ୍ଣ କରିବ।

ଈଶ୍ୱରଙ୍କୁ ଏହି ସମସ୍ତ ପୁଷ୍ପଦ୍ୱାରା ପୂଜା କରିବା। ପୂଜାରେ ଯଦି ଅନ୍ୟ ପୁଷ୍ପ ବ୍ୟବହାର କର ପୂଜା ଗୃହରୁ ବାହାରି ଆସିଲା କ୍ଷଣି ମନରେ ଭକ୍ତି ରହେନାହିଁ। ଉପରେ ବର୍ଣ୍ଣିତ ଅଷ୍ଟପୁଷ୍ପ ରୂପକ ଗୁଣଗୁଡ଼ିକ ଜଣେ ଆହରଣ କରି ନ ପାରିଲେ ଈଶ୍ୱରଙ୍କ ଅନୁଗ୍ରହ କିପରି ଆଶ କରିବ ? ତେଣୁ ବଗିଚାର ଫୁଲ ଈଶ୍ୱରଙ୍କୁ ଅର୍ପଣ କରିବା ପରିବର୍ତ୍ତେ, ଏହି ଗୁଣଗୁଡ଼ିକୁ ନିଜ ଜୀବନରେ ଅଭ୍ୟାସ କରି ଏବଂ ସେହି ପୁଷ୍ପରାଜିକୁ ଅର୍ପଣ କରି ସାଇ ଆଶ୍ରୀତର ଯଥାର୍ଥତା ପ୍ରତିପାଦନ କରିବା ଉଚିତ।

*ଟ୍ରଷ୍ଟ କନ୍‌ଭେନର,*
*ଶ୍ରୀସତ୍ୟସାଇ ସେବା ସଙ୍ଗଠନ*
*ଓଡ଼ିଶା, ଭୁବନେଶ୍ୱର*
*ମୋ : ୯୪୩୭୦୨୨୦୬୧*

# ମୋକ୍ଷ ପଥ

**ଯୋଗୀ ଗଣେଶ୍ୱର**

(ଭାଗ-୧)

ଶ୍ରୀଜଗନ୍ନାଥ ସଂସ୍କୃତି ତଥା ସନାତନ ଧର୍ମରେ ଯୁବରାଜ ଗୋବିନ୍ଦ ଚନ୍ଦ୍ରଙ୍କ ଆଧ୍ୟାତ୍ମିକ ରୂପାନ୍ତର ପ୍ରକ୍ରିୟା ଏକ ମହିମାମୟ ସତ୍ୟ କାହାଣୀ ଉପରେ ଆଧାରିତ। ଅମୃତମୟ ମାନବୀୟ ଜୀବନକୁ ହୃଦୟଙ୍ଗମ କରିବା ନିମନ୍ତେ ଏକ ବିରଳ ଉଦାହରଣ। ଭିକ୍ଷାକାରୀ ଯୋଗୀର କେନ୍ଦରାର ତାଳେ ତାଳେ କାରୁଣ୍ୟଭରା ରାହା ଦେଇ ସିଦ୍ଧ ପୁରୁଷ ଗୋବିନ୍ଦଚନ୍ଦ୍ରଙ୍କର ସାଧନାର ଗୀତିକା "ଭଜୁ କିନା ରାମ ନାମରେ କୁମର ବୋଲୁ କିନା ରାମ ନାମ, ଭଜି ନ ପାରିଲେ କୁଳ ଚନ୍ଦ୍ରମାରେ ବାନ୍ଧି ନେବ କାଳଯମ" ଶୁଣିବା ମାତ୍ରେ ଗ୍ରାମ୍ୟବଧୂଟିଏ ଘର ସଂସାର ଭିତରେ ଥାଇ ଚିହିଁକି ଉଠେ। ଅଙ୍ଗ ପ୍ରତ୍ୟଙ୍ଗରେ ଶିହରଣ ଖେଳିଯାଏ। ମାୟାମୋହଯୁକ୍ତ ଜଡ଼ବାଦର ଦୁନିଆଁରୁ ଚେତନା ଉର୍ଦ୍ଧ୍ୱକୁ ଚାଲିଯାଏ। ଦୁଃଖ ଓ ବିସ୍ମୟରେ ଘର ପାଇଟି ଛାଡ଼ି ଯୋଗୀଙ୍କୁ ଭିକ୍ଷା ତଣ୍ଡୁଳ ଦେବା ପାଇଁ ଚାଲି ଆସେ ଦାଣ୍ଡ ବେରଣ୍ଡା ପର୍ଯ୍ୟନ୍ତ। ରାଜା ଗୋବିନ୍ଦଚନ୍ଦ୍ରଙ୍କ ସୁଖ ଦୁଃଖର ମାୟା ସଂସାର ପାର ହେବା ପଛରେ ଯେଉଁ କୃଚ୍ଛ ସାଧନାର ପଥ ରହିଛି, ତାହା ଶ୍ରବଣ କରି ଅପାର ଆନନ୍ଦ ଲାଭ କରେ। କଷ୍ଟପଦ ସାଧନାର କାହାଣୀ ଶୁଣି ଆବା କାବା ହୋଇ ପଡୁଥିବା ଗ୍ରାମ୍ୟବଧୂଟି ସଭକ୍ତି ଚିତ୍ତରେ ଭିକ୍ଷା ଦାନ କରି ଜଗତନାଥଙ୍କୁ ସ୍ମରଣ କରେ।

ଭଗବତ ପ୍ରାପ୍ତି ନିମନ୍ତେ ଦୁଃଖମୟ ଯୋଗୀର ଜୀବନରେ ଯେଉଁ ସୁଖ ସ୍ୱାଚ୍ଛନ୍ଦ୍ୟ ଭରି ରହିଛି ତାହା ଯୁବରାଜ ଗୋବିନ୍ଦଚନ୍ଦ୍ରଙ୍କ ଜୀବନରୁ ସ୍ପଷ୍ଟ ପ୍ରମାଣ ମିଳେ। ଶ୍ରୀମଦ୍ ଭଗବଦ୍ ଗୀତାରେ ଭଗବାନ ଶ୍ରୀକୃଷ୍ଣ ଗୁରୁ ରୂପରେ ଅର୍ଜୁନଙ୍କୁ ଯେଉଁ ଶିକ୍ଷା ପ୍ରଦାନ କରିଥିଲେ, ତାହା ଭଗବାନଙ୍କର ଜାଗତିକ ଲୀଳାଖେଳାର ସାତ୍ତ୍ୱିକ ପରିପୁଷ୍ଟି ନିମନ୍ତେ ଉଦ୍ଦିଷ୍ଟ। ମାତ୍ର ଗୋବିନ୍ଦଚନ୍ଦ୍ରଙ୍କୁ ଗୁରୁ ଯେଉଁ ଶିକ୍ଷା ପ୍ରଦାନ କରିଛନ୍ତି, ତାହା ମାନବ ଚେତନାର ସର୍ବୋତମ ଉପଲବ୍ଧି ଯାହା ପାଇବା ପରେ ଆଉ କିଛି ପାଇବାର ଆଶା ଆକାଂକ୍ଷା ରହେ ନାହିଁ ! ଗୁରୁଙ୍କ ଆଚରଣ, ଶିଷ୍ୟର ସେବା ଭାବ ଓ ତତ୍‌ଜନିତ ଫଳର ଅପୂର୍ବ ମହନୀୟତା ପ୍ରକାଶ ପାଇଛି (କ୍ରମଶଃ...)

ସମ୍ପାଦନା କାର୍ଯ୍ୟାଳୟ
ଏକମାତ୍ର
ପ୍ଲଟ୍-୧୮୬ ,ଲେନ୍-୨
ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୨୦
ଦୂରଭାଷ
୦୯୩୩୮୨୨୫୯୩୦
୯୪୩୭୧୩୩୭୭୭

ଉପନ୍ୟାସ



ଡ. ମୌସୁମୀ ପରିଡ଼ା

# ଅମୁହାଁ ଦେଉଳ

ଭାଗ-୨୬

ଏବେ ନିର୍ବିକାର ଦେବଦାସ ପଛକୁ ଚାହିଁଲା..ତା ଆଖି ଭିଜି ଯାଉଥିଲା..! ପାରୋକୁ ଶେଷ ପଦେ କଥା କହିଗଲା- ହଁ ସବୁ ମନେ ଅଛି। ତୋ ହିସାବ,ମୋ ଘର ବାଡି..ସବୁ। କିଛି କରେ କି ନକରେ କିନ୍ତୁ ତୋତେ ତୋର ଷୋହଳ ହଜାର ଅଠାବନ ଓ ତା ସହିତ ବର୍ଷକୁ ୧୦ ପ୍ରତିଶତ ସୁଧ ସବୁ ହିସାବ କରି ଫେରେଇ ଦେବି ନିଶ୍ଚୟ। ପାରୋ ପ୍ରତିବାଦ କଲା-ନା,ନା ତୁ ମୋ ସାଙ୍ଗ ବୋଲି ଅଠାବନ ଟଙ୍କା କାଟିଦେଲି ତୋ ବାକିଖାତାରୁ। ହେଲେ ବାକିତକ ନିଶ୍ଚୟ ଦେବୁ। ଡେରି କରିବୁନି। ମୋ ବାପାକୁ ହିସାବ ଦେବାକୁ ହେବ ଯେ! କେତେ ଦିନ ଲୁଚେଇ ପାରିବି କହିଲୁ ? ମନଦେଇ ପଢିବୁ। କିନ୍ତୁ ଭୁଲିଯିବୁନି ତୋ ତିନିଗୁଣ୍ଠିଆ ଘରଡିହ ମୋ ବାପା ପାଖରେ ବନ୍ଧା ପଡିଛି.. ନହେଲେ ତୁ କେମିତି ରାଜ୍ୟ ବାହାରକୁ ପଢିବା ପାଇଁ ଯାଇଥାନ୍ତୁ। ଆଉ କଣ ସବୁ କହିବାକୁ ଯାଉଥିଲା ପାରୋ..ହେଲେ ସିଟ୍ ପାଇଁ ଦେବଦାସ ଗହଳି ଠେଲି ପଛକୁ ଚାଲି ଯାଉଥିଲା। ତାକୁ ଉଣ୍ଡିବା ବେଳକୁ ବସ୍‌ଟା ଛାଡିଦେଲା। ପଛରୁ ଶୁଭୁଥିଲା..ଦେବା..ଏ ଦେବା..ଭୁଲିବୁନି..ଦେବାରେ..।

ସେ ସ୍ୱର ଦେବଦାସର କାନପାଖେ ଗୁଞ୍ଜରିତ ହେଉଥିଲା ତୀବ୍ର ଭାବେ। ଓଃ..ଭଲ ହେଲା ସେ ଛାଡିଆସିଲା ଗାଁ ଦାଣ୍ଡ,ସେ ଡିହବାଡି.. ଅନାଥ ନାମକ ଗୋଟେ ବିରକ୍ତିକର ଶବ୍ଦ,ଧୂଳି ଓ ଡାବରପୁଆ ଖେଳ,ତା ସହିତ ସବୁଠାରୁ ବିରକ୍ତିକର ସିଂଘାଣିନାକୀ ପାରୋ..ସବୁକିଛି ! ବ୍ୟାଙ୍ଗାଲୋର୍ ଯାଇ ଇଞ୍ଜିନିୟରିଂ କରିବ ବୋଲି ସେ ଡିହବାଡି ବନ୍ଧା ପକେଇଛି ପାରୋ ବାପା ପାଖରେ। ଠିକ୍ ବାପ ଭଳି ଝିଅ..ଖୁବ୍ ଟଙ୍କା ଖୋର୍। ମହାଜନ ପରି ସବୁତକ ହିସାବ ରଖେ! ଟିକିନିଖି ଆଦାୟ କରେ ଯାହାକୁ ବିପଦ ବେଳେ ସାହାଯ୍ୟ କରିଥାଏ। କିନ୍ତୁ ତା ଭଳି ଅଭାବୀ ଲୋକେ ପାରୋ ବାପା ପାଖରେ ବନ୍ଧା ପକେଇବାକୁ ବାଧ୍ୟ..। ଯାହାସବୁ ଟଙ୍କା ଆଣିଥିଲା ସେସବୁକୁ ବ୍ୟାଙ୍କ୍‌ରେ ଜମା ରଖିଛି.. ଆବଶ୍ୟକ ପଡିଲେ କୋଉଠି କିଛି ପାର୍ଟ ଟାଇମ୍ କାମ ଦେଖିନେବ। ଖାଲି ଭଲ ଚାକିରୀ କରି ପାରୋ ମୁହଁକୁ ତା ବାକିଆ ଟଙ୍କା ଓ ସୁଧ ସବୁତକ ଫିଙ୍ଗି ତା ବାପା ପାଖରୁ ନିଜ ବାପଅଜା ଅମଳର ଘରଡିହ ଖଣ୍ଡିକ ହାତକୁ ନେବ। ବର୍ତ୍ତମାନ ତାହା ହିଁ ଲକ୍ଷ୍ୟ।

ମନେପଡେ ଅତୀତ। ତା ଭିତରେ କିପରି ନିରଳସ ଛନ୍ଦରେ ବଢୁଥିଲା ସେ। ବାପର ଅଭାବ ସେ କୋଉ ବୁଝିଥିଲା କି ସେତେବେଳେ। ମାଆ ତ ତାର କୋଉଥିରେ ବି ଅଭାବ ରଖିନଥିଲା। ସେଇ ଚାଳିଆରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ତା ବାପା,ମାଆ। ବାପାଙ୍କ ମୁହଁ ତ ମନେନାହିଁ। ମାଆ କହେ କାଳେ ସେ ଦେଖିବାକୁ ଠିକ୍ ତା ବାପ ପରି। ବାପ ପରି ଗୁଣ,ବୁଦ୍ଧି ଚାଲିଚଳନ..ବେଳେବେଳେ ମାଆ ତା ମଥାକୁ ଆଉଁସି ଦେଇ ସୁଁ ସୁଁ ହୁଏ। ତା ଝାଳୁଆ କାନିରେ ଆଖିକୁ ପୋଛେ। ତଥାପି ଲୁହରେ ବତୁରିଯାଏ ତା ଶିଠୁଆ ମୁହଁଟି। ଲାଗେ ତାର ବାପା କଥା ମନେପଡୁଛି। ଏକା ଏକା ସଂସାର କରିବାକୁ ମାଆକୁ ଅବଶ୍ୟ ଖୁବ୍ ସଂଗ୍ରାମ କରିବାକୁ ହୋଇଛି। ତଥାପି ସେ ବଂଚିଥିଲା ଯାଏଁ ଲଢିଛି ସ୍ଥିତି ସହିତ।

ସେ ଥିଲା ତ ଦେବଦାସର ଦୁନିଆଁ ଭିନ୍ନ ଥିଲା। ସ୍ନେହ ସରାଗ,ଆଦର ଯତ୍ନ ସବୁ ଥିଲା। କିଛିରେ ଚିନ୍ତାଦକ ନଥିଲା। ସେ ଦେଖୁଥିଲା ଫୁଲକୁ, ମହୁମାଛିକୁ,କଙ୍କି ଓ ପ୍ରଜାପତିଙ୍କୁ..ଆମ୍ବ ଡାଳରେ ଛନ୍ନଛନ୍ନ ହୋଇ ବଢିଉଠୁଥିବା ବଉଳମାନଙ୍କୁ। ଏହି ସମୟରେ ମହୁମାଛିମାନେ ବେଶୀ ମହୁ ସଂଗ୍ରହ କରନ୍ତି ବୋଲି ମହୁମାଛି ପୁଳେ ରଖିଥିଲା ହାଟରୁ କିଣିଆଣିଥିବା ଗୋଟେ ଛୋଟିଆ କାଠଘରେ। କୁନିକୁନି ଆୟତାକାର ଭଳି କାଠ ଫ୍ରେମ୍‌ଗୁଡିକୁ ଖଞ୍ଜିଦେଇଥିଲା ଭିତରେ। ମହୁମାଛି ମାନେ ଛୋଟ ଛୋଟ କୋଷରେ ଅଣ୍ଡା ଦେଉଥିଲେ। ସେ ବେଳ ଉଣ୍ଡି ଅଣ୍ଡାମାନଙ୍କୁ କାଢି ଦେଉଥିଲା। ନୂଆ ରାଣୀ ମହୁମାଛି ଜନ୍ମ ହେଲେ କାଳେ ମହୁପଲ ଦୁଇଭାଗ ହୋଇ ଉଡିଯିବେ ତା ଘରୁ। ରାଣୀ ମହୁମାଛିକୁ ଦେଖୁଥିଲା ଘଡିଘଡି ଧରି। ମାଆ ଚିଡୁଥିଲା। ହେଲେ ସେ ଦେଖୁଥିଲା ସେ କିପରି ଲୁଚିରହିଛି ଅନ୍ୟ ମହୁମାଛିମାନଙ୍କ ମେଳରେ। ସେ କାଳେ ତାଙ୍କ ଦଳର ମୁଖିଆ। ସେ ଚାଲିଗଲେ ଅନ୍ୟମାନେ ବି ଉଡିଯିବେ। ଅନ୍ୟମାଛିମାନେ ମହୁ ଧରି ଫେରୁଥିଲେ ଫେଣାରେ ସାଇତିବାକୁ।

ସ୍କୁଲରୁ ଫେରି ଦେବଦାସ ମହୁମାଛିଙ୍କୁ ନିରୀକ୍ଷଣ କରେ। ସେମାନଙ୍କ ଭାବକୁ ବୁଝିବାକୁ ଚେଷ୍ଟା କରେ। ବେଳବେଳେ କେହି କେହି ମହୁମାଛି ତାର ଅନଧିକାର ପ୍ରବେଶକୁ ସହିନପାରି ଦଂଶି ଦେଉଥିଲେ। ଆଉ ଖୁବ୍ ଯନ୍ତ୍ରଣା ହେଉଥିବା ଜାଗାଟିରେ ଫୁଟିଯାଇଥିବା ମହୁମାଛିର ନାହୁଡକୁ ସେ ପରଖୁଥିଲା। ମାରିଥିବା ମହୁମାଛଟିକୁ ଆଘାତ କରିବା ପୂର୍ବରୁ ସେ ବି ମରିଯାଉଥିଲା। ଖୁବ୍ ବିଚିତ୍ର ଏ ଦୁନିଆଁ। ମହୁମାଛି ଭିତରେ ନାହୁଡ ଓ ନାହୁଡ ଭିତରେ ତାର ଜୀବନ..ଠିକ୍ ରାବଣ ନାଭିରେ ତାର ଜୀବନ ଥିବା ଭଳି। ହେଟ୍ ମହୁମାଛି କିଏ ଆଉ ରାବଣ କିଏ ?

କିନ୍ତୁ ମାଆ ମଲାପରେ ସେ ଉଡେଇଦେଲା ମହୁପଲଙ୍କୁ। ଆଉ କିଛିରେ ଆଗ୍ରହ ବି ତ ନଥିଲା। ହସ କୁଦ ଖେଳ ସବୁ ସରିଯାଇଥିଲା। ମାଆ ମରିବା ଦୁଇବର୍ଷ ହୋଇଯିବ। ଖୁବ୍ କଷ୍ଟ ହୋଇପଡିଥିଲା ତା ପାଠପଢା,ଖାଇବା ଖର୍ଚ୍ଚ। ମାଣେ ମାତ୍ର ଜମିରେ ଭାଗଚାଷ କରୁଥିଲା ମାଆ। ଗାଈଦୁଇଟା ଓ ସାତଟା ଛେଳି ରଖିଥିଲା। କଷ୍ଟେ ମଷ୍ଟେ ଚଳିଯାଉଥିଲେ ମାଆ ପୁଅ। ହେଲେ ମାଆ ଅଚାନକ ଚାଲିଗଲା ତାକୁ ଛାଡି..। କିଏ କହିଲା ତାକୁ ସାପ କାମୁଡିଲା,କେହି କହିଲା ବିଚାରୀ ବିଷ ଖାଇଦେଲା..! ହେଲେ ସେ ଜାଣିଛି ତା ମାଆ ଜୀବନକୁ ଲୋଭ କରେ। ଖାଲି ତା ପାଇଁ ସେ ବଂଚିଥିଲା ଓ ତାକୁ ମଣିଷ କରିବାକୁ ସେ ଆହୁରି ବଂଚି ରହିବାକୁ ଚାହୁଁଥିଲା।

(କ୍ରମଶଃ...)

ବିଶେଷ କବିତା



# ଯାତ୍ରା ଯତିପାତ



ରକ୍ଷକ ନାୟକ





ଷ୍ଟିଅରିଂ ଉପରେ ପ୍ରଜାପତି ।
ପ୍ରଜାପତିର ପ୍ରଜାତି ଏଠିକାର ନୁହଁ
ସେ ପରପଞ୍ଚ ପର୍ଯ୍ୟଟକଟିଏ
ଆମ ଇଲାକାରେ।

ଏଇ ରାସ୍ତାରେ ଆଗରୁ କେତେ ହଂପ୍
ଖାଲ, ଖମା, ଟ୍ରାଫିକ୍ ଥିଲା
ଏବେ କିଛି ଜଣାପଡୁନାହିଁ।

ରାସ୍ତା ବି ବେଶିବାଟ ଯାଏ ଦିଶୁନି
ନଈରେ ଡଙ୍ଗା ଯେମିତି ପାଣି କାଟି
ବାଟ କରେ; ସେମିତି
ଗାଡ଼ି ବଡ଼ ଆରାମରେ ଆଗକୁ ଆଗକୁ ଗଡୁଛି।

ପ୍ରଜାପତିର ଡେଣାରେ ହରେକ ରଙ୍ଗ।
କାର୍ ଭିତରେ ରଙ୍ଗର ହୋଲି।



ମିରରରେ ଆମ ମୁହଁ ଟିକେ ବଦଳିଗଲା
ଭଳି ଲାଗୁଛି । ଶୁଖିଲା ପରସ୍ତ ପରସ୍ତ ଚମ
ବୋଧେ ଉଡ଼ିଯାଇଛି।
ସତେଜ, ସାବଲୀଳ, ପ୍ରାଞ୍ଜଳ।
ଭଲ ଲାଗୁଛି, ଡର ବି।

ଗାଡ଼ି ଗଡ଼ିଚାଲିଛି; ଲହୁଣୀରେ
ଗରମ ଛୁରୀ ଭଳି, ଆମ ଗାଡ଼ି
ଆମେ ଆଗେଇ ଚାଲିଛୁ।

କୁଆଡ଼େ ଯାଉଛୁ ?

କୋଉ ଆଡ଼େ ଯିବାର ଥିଲା
ଏବେ ଭୁଲି ଯାଇଛୁ।
ଗାଡ଼ି ଗଡୁଛି ତ ଗଡୁ।

ଆଗକୁ ଦେଖାଯିବ।
ଗାଡ଼ି ଗଡୁଛି।

ରାଜ୍ୟପାଳଙ୍କ ଲୋକସଂପର୍କ ଅଧିକାରୀ
ରାଜଭବନ, ଭୁବନେଶ୍ୱର-୮
rakshaknayak@ymail.com
ମୋ: ୯୪୩୭୧୭୧୪୪୦

# କୁନାବାପାଙ୍କ କୁନିକଥା

୪୦



କୁନାର ପରୀକ୍ଷା ସରିଲାଣି, ଏଥର ଉପର କ୍ଲାସକୁ ଯିବ। ତେବେ କୁନାବାପା କିନ୍ତୁ ଅନ୍ୟ ବାପା ମାନଙ୍କଠୁ ଅଲଗା। କୁନାକୁ ସରକାରୀ ସ୍କୁଲରେ ପାଠ ପଢ଼ିବାର ବୟସ ହେଇନି ବୋଲି, କୁନାର ଘରପାଖ ପ୍ଲେ ସ୍କୁଲରେ ପଢ଼ା ଚାଲିଛି। ତେବେ, ସେଦିନ ଦିପହରେ ଅଫିସ ପାଖ ଚାକୁଣ୍ଡା ଗଛମୂଳ ଦୋକାନକୁ ଯାଇ ଦେଖିଲା ବେଳକୁ, ଦୋକାନ ଖାଲି। ପାଖାପାଖି ଖୋଜିଲା ବେଳକୁ, ଦୋକାନି ବନ୍ଧୁ ଝାଳନାଳ ହୋଇ ତାଙ୍କର ଜଣେ ବନ୍ଧୁଙ୍କ ସହ ଏକ ଗମ୍ଭୀର ଆଲୋଚନାରେ ବ୍ୟସ୍ତ। କୁନାବାପା ଥଣ୍ଡା ପିଇବା ଇଚ୍ଛାକୁ ଭୁଲି, ଆଲୋଚନାକୁ ମନଦେଇ ଶୁଣିଲେ। କଥା ପଡିଥିଲା, ଦୋକାନି ବନ୍ଧୁଙ୍କର ଜଣେ ଗ୍ରାହକ ବନ୍ଧୁଙ୍କର ପୁଅର ଇଂରାଜୀ ମାଧ୍ୟମ ସ୍କୁଲରେ ଆଡମିସନ। ଦୋକାନି ବନ୍ଧୁ ସୁବଳ ବାବୁ ତାଙ୍କ ଗ୍ରାହକ ବନ୍ଧୁ ସୁମିତ ବାବୁଙ୍କ ସହ ଏଇ ଉଦୁଉଦିଆ ଖରାବେଳଟାରେ ଚାରିଟା ବଡ ନାମଯାଦା ସ୍କୁଲର ଚକ୍କର କାଟି ଫେରିଛନ୍ତି। ସୁବଳ ବାବୁ ଆମର ଭାରି କରିତକର୍ମା ଲୋକ। କ୍ଷେତ୍ରସନାରି ଦୋକାନ ହେଲେ ବି ବହୁ ଉଚ୍ଚସ୍ତରରେ ତାଙ୍କର ଚିହ୍ନା ପରିଚୟ। ହେଲେ, କେବେ ଗର୍ବ କରନ୍ତିନି, କି କାହାକୁ ବାହାଦୁରି ମାରି କହିବାର ବି, କୁନାବାପା ଶୁଣିନାହାନ୍ତି। ତେଣୁ, ଦୋକାନକୁ ତାଲା ପକେଇ ଦୁଇ ବନ୍ଧୁ ଆଡମିଶନ ଚକ୍କରରେ ବ୍ୟସ୍ତଥିଲେ। ସୁମିତ ବାବୁ କହିଲେ, ଶହେ ଚାଳିଶ ସିଟକୁ, ଛଅଶହ ଆଶାୟୀ। ଛଃ, ଆମ ଭାଗ୍ୟରେ ନାହିଁ, ଆଚ୍ଛା ସୁବଳ ବାବୁ, ଏଇ ଖଣ୍ଡଗିରି ପାଖ ସ୍କୁଲରେ ଅନୁମାନ କେତେ ହାତଗୁଞ୍ଜା ଦେବାକୁ ପଡିବ ? ସୁବଳ ବାବୁ କହିଲେ, ସେଗୁଡା କ'ଣ ଗୋଟେ ଥରରେ ସେ କହିବେ, ଆମକୁ ଅଦିନିଆ ଟିକେ ମାଡିଯିବାକୁ ପଡିବ। ନହେଲେ, ସେଇ ପଟିଆ ପାଖ ସ୍କୁଲରେ ଦେଖିବା। ଡମଣା ତ' ହେଲାନି, ଟିକେ ଅଧିକ ଫିସ ଦେଇ ନଖରା ପାଖ ସ୍କୁଲରେ ଦେଖିବା କି ? ଜଣେ ଟାଣୁଆ ନେତାଙ୍କ ପାଖୁ ଆମ ସାହୁବାବୁ ଯାଇଥିଲେ ମାସେ ତଳେ। ତାଙ୍କର ଫରମାଇସ ଶୁଣିଲେ ଆଶ୍ଚର୍ଯ୍ୟ ହେବେ। ପୁରା ଦୁଇଲକ୍ଷ। ଶିଶୁଶ୍ରେଣୀ, ମାନେ କେଜିରେ ଆଡମିସନ କରିବା ପାଇଁ ସେ କେବଳ ଗୋଟେ ଫୋନ କରିବାକୁ ଯାହା ମାଗିଲେ, ତାର ଦାମ୍ ଏତିକିରୁ କମ ନୁହେଁ। ଆଉ ପଟ୍ଟନାୟକ ବାବୁଙ୍କର ସମସ୍ତେ ଚିହ୍ନାଥାଇ ମଧ ହାତଗୁଞ୍ଜା ବାବଦ ଆଡମିଶନ ଫିସ୍ ବାଦେ ପଚିଶିଟା ଦିହଜାରିଆ ଗୋଲାପି ନୋଟ ଗଣିଥିଲେ। ଆଉ ଫିସ୍, କାହାରବି ଚାଳିଶ ତଳକୁ ନାହିଁ। ଅବଶ୍ୟ ପିଲାଙ୍କ ଯତ୍ନ ଭଲ ନିଅନ୍ତି, ଏସବୁ ବଡସ୍କୁଲରେ ପୁଅ ପଢ଼ିବ, ଘରଣୀଙ୍କ ଜିଦ୍ କଥା ଶେଷରେ ସ୍ୱୀକାର କଲେ ସୁମିତ ବାବୁ ବନ୍ଧୁଙ୍କ ଆଗରେ, ଆଉ ସାକ୍ଷୀ ରହିଲେ କୁନାବାପା। ଏମିତି ଅନେକ କଥା ସ୍କୁଲର ବଡେଇ ଓ ପଢ଼ାଖର୍ଚ୍ଚ ଉପରେ ଚାଲିଲା।

ଏମିତି କଥାବାର୍ତ୍ତା ଭିତରେ କୁନାବାପା ନୀରବ ଶ୍ରୋତା ସାଜିଥିଲେ। ଚାରି ପାଞ୍ଚବର୍ଷର ଛୋଟ ପିଲାର ସ୍କୁଲ ଖର୍ଚ୍ଚ ଲକ୍ଷାଧିକରେ ପଡୁଥିବା କଥା ଶୁଣିଥିଲେ ବି, ବିଶ୍ୱାସ କରିପାରୁ ନଥିଲେ। ବକଟେ ଛୁଆ, ପଢ଼ିବାକୁ ଘରଠୁ ଘଣ୍ଟାଏ, ଦେଢ଼ଘଣ୍ଟା ବାଟ ବସ୍‌ରେ ଯିବ, ପୁଣି ପଢ଼ାସାରି ଫେରିଲା ବେଳକୁ ଦେଢ଼ଘଣ୍ଟା ଏଇ ଯିବା ଆସିବାରେ ଛୁଆ ହାଲିଆ ହେଇଯିବ ନିଶ୍ଚୟ। ଆଉ ତା ସାଙ୍ଗକୁ ଏକ୍ସଟ୍ରା କରିକୁଲାର ଆକ୍ଟିଭିଟି ବି ଅଛି। ସହଜେ ବହି ବସ୍ତାନିର ବୋଝ ଉପରେ ଏତେଦୂର ଯାତ୍ରାକଷ୍ଟ। ତେବେ ନାମିଦାମୀ ସ୍କୁଲରେ ନପଢ଼େଇଲେ, ପୁଅ ବଡହେଲେ ଦୋଷଦେବ। ତୁମେତ ମୋ ପଢ଼ାପାଇଁ ଖର୍ଚ୍ଚ କଲନି' ଏଇକଥା କହି ବାପା ମା'ଙ୍କୁ ଦାୟୀ କରିବ ଓ ସବୁ ସହିବାକୁ ବାଧ୍ୟହେବେ ବାପା ମା'। ତେଣୁ ବଡ ଦ୍ୱିଧା ଭିତରେ ପୁଅର ଭବିଷ୍ୟତ ପାଠପଢ଼ାର ଆର୍ଥିକ ଓ ମାନସିକ ବୋଝର ଚିନ୍ତାରେ, ମନଦୁଃଖରେ ଫେରିଲେ କୁନାବାପା। ଘରେ କୁନାବୋଉ ବି ବାରିଲେ ଯେ, ମନତଳେ କିଛି ଅସମାହିତ ପ୍ରଶ୍ନନେଇ ଦିପହରର ଘଟଣା ବୁଝେଇ କହିଲେ। କୁନାବୋଉ କହିଲେ, ଆମ ସକ୍ଷମ ଅନୁସାରେ ଆମେ ସ୍କୁଲ ଦେଖିବା, ପୁଅକୁ ପଢ଼ାରେ ଓ ଖେଳରେ ଉଭୟରେ ଗାଇଡ କରିବା। ତେବେ ସେ ନିଶ୍ଚୟ ଭଲ ମଣିଷ ହେବ। ସରକାରୀ ଶିକ୍ଷକତ ଧାରଣାରେ ବସୁଛନ୍ତି, ପାଠପଢ଼ା ସ୍କୁଲରେ କୋଉଠୁ ହେବ ? ତେଣୁ ଦକ୍ଷତା ଅନୁସାରେ ପୁଅକୁ ଯେଉଁ ସ୍କୁଲରେ ପଢ଼ିବାର ସୁଯୋଗ ମିଳିବ, ଆମେ ତାକୁ ସେଇଠି ପଢ଼େଇବା। ଆଉ ଆମ ବେଳର ଶିକ୍ଷକ ନାହାନ୍ତି। ତେଣୁ ଆମକୁ ଟିକେ ଅଧିକ ପରିଶ୍ରମ ପଡୁପଛେ, ଆମେ ପୁଅକୁ ଭଲ ମଣିଷ କରିବାକୁ ଚେଷ୍ଟା କରିବା। ସର୍ବେ ଭବନ୍ତୁ ସୁଖୀନଃ।

- ଶାରଦା ପ୍ରସାଦ ମହାପାତ୍ର, ଦୂରଭାଷ : ୯୭୭୮୭୬୭୩୭୪

# ଗାଁ

ଶଶାଙ୍କ ଶେଖର ମିଶ୍ର



ଦାଣ୍ଡରୁ, ହାଟରୁ, ପୋଖରୀ ହୁଡାରୁ ମନ୍ଦିର ବେଡାରୁ,
ମଶାଣୀରୁ, ଗାଁ ମୁଖିଆଙ୍କ ପାହାଚ ତଳୁ
ଉଠାଇ ଆଣ ମୁଠେ, ମୁଠେ ମାଟି
ବୋଳିପକାଅ ଦେହସାରା, ବୁଝିପାରିବ
ଗାଁ କ'ଣ, ଆପଣାପଣ କାହାକୁ କହନ୍ତି
ନିଜ ଲୋକଙ୍କ ଛୁଆଁ
କିପରି ଉଲୁସାଇ ଦିଏ ତନୁମନ।

ଜାଣିପାରିବ କେତେ କେତେ
ଅନୁଭୂତିର ସ୍ପର୍ଶରେ ମଗ୍ନ ଗାଁ ମାଟି,
ପାଣି ପବନ, ଦୁବଘାସ, ବରଗଛ, କୁଆ, କୋଇଲି
ହଳଦୀବସନ୍ତଙ୍କ କଳକାକଳୀ, କୋଳିବଣ।
ଖୋଜି ଜାଣିଲେ କେମିତି ପାଇହୁଏ
ଗାଁ ମଶାଣୀର ଜୁଇ ଗାତରୁ
ପୂର୍ବ ପୁରୁଷଙ୍କ ଅସ୍ଥିଖଣ୍ଡ
କେମିତି ଚଲାପଥ ସମର୍ପିଦିଏ
ଜେଜେ, ଜେଜେ ମା'ଙ୍କ ପଦଚିହ୍ନ।



ହାତଧରି ଚାଲି ଶିଖାଇଥିବା
ବାପା ମା'ଙ୍କ ଅଶରୀରୀ ଉପସ୍ଥିତି
ମନଭରି ଗାଁ ଦିଅଙ୍କ ପୋଖରୀରେ
ଗାଧୋଇପଡ ନା ଥରେ
ଅନୁଭବି ପାରିବ ପୂର୍ବ ପୁରୁଷଙ୍କ ଦେହ ଝାଳ
ଚନ୍ଦନ ହୋଇ ବୋଳି ହୋଇଯାଉଛି ଦେହସାରା
ଆଉ ସିଞ୍ଚି ହେଉଛି ଶୀତଳତା
ତାଳରୁ ତଳିପା ଯାଏଁ।

ଗାଁର ପବନ ନିଃଶ୍ୱାସରେ ମିଶି
ବଖାଣି ଚାଲିବ ତୁମ ଅତୀତର ଗାଥା
ଉଡାଇ ଆଣି ବିଛାଇ ଦେବ
ସ୍ମୃତିର ଗାଲିଚା ତୁମ ସାମ୍ନାରେ।

ପହଞ୍ଚିଯାଅ ଥରେ ଗାଁରେ
ଦେଖିବ ଦୁଇ ବାହୁ ମେଲି କିପରି
ଗାଁର ଆପଣାପଣ ସଂଖୋଳିନେବ ତୁମକୁ
ତୁମ ତନୁ, ମନ, ଚେତନାକୁ।

ଆଗରେ ଠିଆ ହୋଇ ପଡିବ
ଦୁଇବାହୁ ମେଲି
କୈଶୋରର କୁଞ୍ଜବନ, ଯୌବନର କୁରୁକ୍ଷେତ୍ର
ଆଉ ବାର୍ଦ୍ଧକ୍ୟର ବାରାଣସୀ ହୋଇ।

ନୀଳାଦ୍ରିବିହାର, ଭୁବନେଶ୍ୱର
ମୋ : ୮୭୬୩୭୦୦୭୦୪

# ପିଜୁଳି ଗଛ

ଲିପ୍‌ସା ପଟେଲ



କଥାଟା ଶୁଣିଲେ ବୋଧହୁଏ ଯେ କେହି ହସିବେ, ମାତ୍ର ଯାହା ଆଖିରେ ଦେଖି ନିଜେ ଅନୁଭବୀ ସାରିଥିବ ତାକୁ ଅବା ବ୍ୟାଖ୍ୟା କରିବାର କି ସଙ୍କୋଚ। ଏଇ ନୂଆ ପିଢ଼ି, ବିଜ୍ଞାନ ଯୁଗରେ ଏ କଥାଟା ହୁଏତ ଅପ୍ରାସଙ୍ଗିକ ଲାଗିପାରେ। ଗପ ପରି ବି ଲାଗିପାରେ। ତେବେ କଥାଟା ହେଲା, ଅଚ୍ୟୁତବାବୁଙ୍କ ଦିନ ବିତୁଥିଲା ଏକ ନିରୂପାୟ ଅସହାୟତାରେ କାହିଁକି ନା ଆଖି ସାମ୍ନାରେ ନିଜ ପ୍ରିୟ ମଣିଷ ଏମିତି ଦୁସ୍ଥ, କାକୁସ୍ଥ ଅବସ୍ଥାରେ କେବଳ କଲବଲ ଚାହିଁ ରହିଥିଲେ। ସେ ମଣିଷଟି ଥିଲେ ଅଚ୍ୟୁତଙ୍କର ବାପା। ସୁରୁଖୁରୁରେ ସୁଖରେ ଚାଲିଥିଲା ସଂସାର। ଅଚ୍ୟୁତଙ୍କ ମା' ଅକାଳରେ ଇହଲୀଳା ତ୍ୟାଗ କଲେ ଯେତେବେଳେ ତାଙ୍କ ବୟସ ହୋଇଥିଲା ମାତ୍ର ବତିଶ ଓ ଅଚ୍ୟୁତଙ୍କୁ ଏଗାର ବର୍ଷ। ବୋଉ ବିନା ବଡ କଷ୍ଟରେ ବାପା ତାଙ୍କୁ ମଣିଷ କରିଥିଲେ। ବାପାଙ୍କ ଆଦର୍ଶ, ଅନୁଶାସନ ଜୀବନ ନିଷ୍ଠାର ପ୍ରଭାବରେ ସେ ଯୋଗ୍ୟ ମଣିଷ ହୋଇ ଭଲ ଚାକିରୀଟିଏ କରିଥିଲେ। ଘରଟିଏ ମଧ୍ୟ କରିଥିଲେ। ହସଖୁସିରେ ସଂସାର ଚାଲିଥିଲା। ଜ୍ୟୋତ୍ସ୍ନାଙ୍କ ହାତଧରି ଦୁଇ ସନ୍ତାନର ଜନକ ମଧ୍ୟ ହୋଇ ସାରିଥିଲେ। ଅଚ୍ୟୁତବାବୁ ଖୁବ୍ ଭଲ ପାଉଥିଲେ ତାଙ୍କ ବାପାଙ୍କୁ। ତାଙ୍କ ସ୍ତ୍ରୀ ଓ ପିଲାମାନେ ମଧ୍ୟ ଖୁବ୍ ଆଦର ଯତ୍ନ କରୁଥିଲେ ତାଙ୍କୁ। କିନ୍ତୁ ଏତେ ସୁଖ ବେଶୀଦିନ ଚାଲିଲାନି। ଏକ ଚରମ ଅସହାୟତା ଭିତରେ ବାନ୍ଧି ହୋଇଗଲେ ଅଚ୍ୟୁତବାବୁ। ତାଙ୍କୁ କିଛି ବାଟ ଦିଶୁନଥିଲା, ବାତୁଳପ୍ରାୟ ହୋଇସାରିଥିଲେ।

ଅଚ୍ୟୁତବାବୁଙ୍କ ବାପା ହଠାତ ଅସୁସ୍ଥ ହୋଇପଡିଲେ। ରାତି ରାତି ତାଙ୍କ ଆଖିରେ ନିଦ ନଥିଲା। କିଲିବିଲେଇ ହେଉଥିଲେ ତ ପୁଣି କେବେ କେବେ ପଛକଥା ସବୁ କହି କାନ୍ଦୁଥିଲେ। ଖିଆପିଆ ମଧ୍ୟ ଛାଡି ବସିଲେ। କେବଳ କିଛି ଚାମଚ ଗ୍ଲୁକୋଜ ପାଣି ଓ ଫଳରସ ହିଁ ଆଧାର ଥିଲା ତାଙ୍କ ଜୀବନର। ଅଚ୍ୟୁତବାବୁ ବଡ ବଡ ଡାକ୍ତରଙ୍କୁ ଦେଖାଇଲେ, ଚିକିତ୍ସା କରାଇଲେ; ମାତ୍ର ଡାକ୍ତର ଅସଲ କାରଣ ଜାଣିପାରୁ ନଥିଲେ। ସବୁ ପ୍ରକାରର ପରୀକ୍ଷା ଓ ଔଷଧ ଖାଇବା ସତ୍ତ୍ୱେ ବାପାଙ୍କ ଦେହ ଠିକ୍ ହେଉନଥିଲା। ଓଡ଼ିଶା ବାହାରକୁ ନେଇ ମଧ୍ୟ ଚିକିତ୍ସା କରାଇଲେ। ଏମିତିରେ ବିତି ସାରିଥିଲା ପ୍ରାୟ ଆଠମାସ। ଅଚ୍ୟୁତବାବୁ ବ୍ୟସ୍ତ ହୋଇ ପଡୁଥିଲେ। ଉଚ୍ଚପଦସ୍ଥ ଅଧିକାରୀ ଭଲ ଲୋକ ଥିଲେ ବୋଲି ତାଙ୍କ ଦୁଃଖ ବୁଝି ଛୁଟି ଦେଉଥିଲେ ଓ ଅଗ୍ରିମ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦେଇଥିଲେ। ଅଚ୍ୟୁତବାବୁ ଦିନକୁ ଦିନ ହତାଶାରେ ଭାଙ୍ଗି ପଡିଥିଲେ। ଏତେଦିନର ଚିକିତ୍ସା ବିଫଳ ହେଲା। ବାପାଙ୍କ ଜୀର୍ଣ୍ଣ ଶରୀର ଓ ଶୁଖିଲା ମୁହଁ ଦେଖିଲେ ସେ ପିଲାଙ୍କ ପରି କଇଁ କଇଁ କାନ୍ଦୁଥିଲେ। ଡାକ୍ତରମାନଙ୍କର ଜ୍ଞାନ, ବିଜ୍ଞାନ, କୌଶଳ ବିଜ୍ଞାନ ଉପରୁ ତାଙ୍କର ଆସ୍ଥା ତୁଟି ସାରିଥିଲା। ଏବେ ଛାତିକୁ ପଥର କରି କେବଳ ଅପେକ୍ଷା କରିବାକୁ ହେବ ସେଇ ଚରମ ସତ୍ୟକୁ। ବାପା ସେମିତି କଙ୍କାଳସାର ହୋଇ ବିଛଣାରେ ପଡି ରହିଥିଲେ। ଅଚ୍ୟୁତଙ୍କ ଅବସ୍ଥା ଦେଖି ବନ୍ଧୁବାନ୍ଧବ, ସାଙ୍ଗସାଥୀ କେତେ ଉପାୟ ପରାମର୍ଶ ଦେଉଥିଲେ। ଅଚ୍ୟୁତଙ୍କର ଏସବୁ କଥାରେ ବିଶ୍ୱାସ ନଥିଲା। ଭାଗ୍ୟ, ଜ୍ୟୋତିଷ, ଦିଅଁ, ହୋମଯଜ୍ଞ ସେ ବୁଝନ୍ତିନି। କେବଳ ବିଶ୍ୱାସ କରନ୍ତି ବିଶ୍ୱବିଦିତ ଈଶ୍ୱରଙ୍କୁ। ମନୁଷ୍ୟକୃତ ଅନ୍ଧବିଶ୍ୱାସକୁ ନୁହେଁ। ବାପା ସର୍ବଦା ସଦାଚାରରେ ବଞ୍ଚନ୍ତି, ଯାହା ତାଙ୍କ ସ୍ୱଭାବଗତ। ସେ ଜଣେ ମାର୍ଜିତ, ଶୃଙ୍ଖଳିତ ମଣିଷ, କାହାରି ଅନିଷ୍ଟ ଚାହାନ୍ତି ନାହିଁ। ତେବେ ତାଙ୍କୁ ପୁଣି ଏ ଦଣ୍ଡ କାହିଁକି ? ଜ୍ୟୋତ୍ସ୍ନା ଦିନେ କହୁ କହୁ କହିଲେ, ବାପାଙ୍କ ଜାତକ ଦେଖାଇଥିଲି। ବଡ ଦୋଷ ଅଛି, କିଛି ଉପାୟ କଲେ ଦେହର ଅବସ୍ଥା ସୁଧରିବ। ଅଚ୍ୟୁତ ଚିଡିଗଲେ। କାହାକୁ ପଚାରି ଜ୍ୟୋତିଷ, ଜାତକ ଭିତରେ ଧନ୍ଦି ହେଉଛ ବୋଲି ଓଲଟା ଦୋଷାରୋପ କଲେ।

ସେଦିନ ସଂଧ୍ୟାରେ ବଡ ଦୁଃଖରେ ଗଲେ ଡା. ସୁକାନ୍ତ ରାୟଙ୍କୁ ଦେଖା କରିବାକୁ। ସେ ତାଙ୍କ ବାପାଙ୍କ ମିତ୍ର ଓ ତାଙ୍କ ପାରିବାରିକ ଡାକ୍ତର। ତାଙ୍କ ପରାମର୍ଶ କ୍ରମେ ଅଚ୍ୟୁତ ବାପାଙ୍କୁ ଓଡ଼ିଶା ବାହାକୁ ନେଇଥିଲେ। ସେ ଜାଣନ୍ତି ବାପ-ପୁଅଙ୍କ ସ୍ନେହ। ଅଚ୍ୟୁତର ଦୁଃଖ ଲାଘବ କରିବାକୁ ଅନେକ କଥାବାର୍ତ୍ତା, ଚର୍ଚ୍ଚା କଲେ, ମାତ୍ର କୌଣସି ସମାଧାନର ସୂତ୍ର ବାହାରି ପାରିଲାନି। ତାଙ୍କ ଟେବୁଲରେ କଟା ପିଜୁଳି କେଇଖଣ୍ଡ ଦେଇଯାଇଥିଲା ପିଅନ। ଅଚ୍ୟୁତଙ୍କୁ ଖାଇବା ପାଇଁ ବଢ଼ାଇଲେ। ସେଥିରୁ ବାହାରିଲା ପୁରୁଣା କଥାସବୁ। ଅଚ୍ୟୁତଙ୍କ ଘରେ ମଧ୍ୟ ଗୋଟିଏ ପିଜୁଳି ଗଛ ଅଛି। ଖୁବ୍ ସୁଆଦିଆ ପିଜୁଳି ଫଳେ ଓ ମଞ୍ଜି ମଧ୍ୟ କମ। ତାଙ୍କ ବୋଉ ହିଁ ଲଗେଇଥିଲେ ସେ ଗଛ। କଥା ହଉ ହଉ ଡାକ୍ତର ଗୋଟିଏ ପରାମର୍ଶ ଦେଲେ। ଅଚ୍ୟୁତ ମଧ୍ୟ ସେଥିରେ ରାଜି ହୋଇଗଲେ। ପରଦିନ ସକାଳୁ ଅଳ୍ପ ଅଳ୍ପ ଖରାରେ ହ୍ୱିଲ୍ ଚେୟାରରେ ବସାଇ ଅଚ୍ୟୁତ୍ ନେଇଗଲେ ବାପାଙ୍କୁ ପିଜୁଳି ଗଛ ତଳକୁ। କିଛି ସମୟ ବସିଲେ, ଅନେକ ପୁରୁଣା ସ୍ମୃତି ସବୁ ଆଖିରେ ଭାସି ଚାଲିଥିଲା। ବାପା ସେମିତି ମୁଣ୍ଡ ପୋତି ବସି ରହିଥିଲେ, କିନ୍ତୁ ସେ ସବୁ ଶୁଣୁଥିଲେ ବୋଲି ଅଚ୍ୟୁତବାବୁ ମଧ୍ୟ କହି ଚାଲିଥିଲେ। ପ୍ରତିଦିନ ଏମିତି ତାଙ୍କୁ ଆଣି ପିଜୁଳି ଗଛ ମୂଳରେ ବସାଇଥିଲେ। ତାଙ୍କ ପିଲାମାନେ ମଧ୍ୟ ଜେଜେବାପା ପାଖରେ ବସି ଅନେକ ଗପସପ କରୁଥିଲେ। ଏମିତିରେ ବିତିଗଲା କିଛିଦିନ। ଜ୍ୟୋସ୍ନା ଆଶ୍ଚର୍ଯ୍ୟ ହୋଇ ଅଚ୍ୟୁତଙ୍କୁ ପଚାରିଲେ ଓ ଅଚ୍ୟୁତ ଉତ୍ତର ଦେଲେ ବାପାଙ୍କ ଗ୍ରହତୁଷ୍ଟି ପାଇଁ ଏହାହିଁ ପ୍ରତିକାର। ଜ୍ୟୋସ୍ନା ଆହୁରି ଆଶ୍ଚର୍ଯ୍ୟ ହେଲେ ଅଚ୍ୟୁତ ପୁଣି ଜ୍ୟୋତିଷ, ଗ୍ରହ, ଜାତକ ଉପରେ କେବେଠାରୁ ବିଶ୍ୱାସ କଲେ।

ଅଚ୍ୟୁତବାବୁ ଓ ପୂରା ପରିବାର ଅପେକ୍ଷାରେ ଥିଲେ ବାପାଙ୍କ କିଛି ପରିବର୍ତ୍ତନ ହେବ ଓ କିପରି ପ୍ରତିକ୍ରିୟା ପ୍ରକାଶ କରିବେ। ପିଜୁଳି ଗଛ ତଳେ ନିତ୍ୟ ବସିବାର ଅଭ୍ୟାସରେ ବେଳେବେଳେ ଅଚ୍ୟୁତବାବୁଙ୍କୁ ଲାଗୁଥିଲା ଗଛ କିଛି କହୁଛି ଓ ବାପା ଧ୍ୟାନ ଦେଇ ଶୁଣୁଛନ୍ତି। ଗଛରୁ ଶୁଖିଲା ପତ୍ର ପଡିଲେ ବାପା ଏକା ଆଖିରେ ଚାହିଁ ରହୁଥିଲେ। ପବନ ଦଲକାଏ ବଢ଼ିଲେ ସତେ ଯେମିତି ତାଙ୍କ ମୁଣ୍ଡ ଆଉଁସି ଦେଉଥିଲା। ଦି'ପହର ସମୟରେ ଅଚ୍ୟୁତବାବୁ ସେଇଠି ବାପାଙ୍କୁ ଖଟିଆରେ ଶୁଆଇ ଦେଉଥିଲେ ଓ ବାପାଙ୍କ ମୁହଁରେ ଏକ ଆନନ୍ଦର ରେଖା ଦେଖାଯାଉଥିଲା। ଖୁବ୍ ଶାନ୍ତିରେ ଶୋଇ ପଡୁଥିଲେ ତାରି ତଳେ; ଏବେ ଆଉ କିଲିବିଲେଇ ହେଉନଥିଲେ। ତାଙ୍କ ସ୍ୱାସ୍ଥ୍ୟର ଆଶ୍ଚର୍ଯ୍ୟଜନକ ଉନ୍ନତି ଦେଖି ପରିବାର ବର୍ଗ ଓ ଡାକ୍ତର ମଧ୍ୟ ଚକିତ ହୋଇଗଲେ। ଏତେ ବଡ ବଡ ଡାକ୍ତର ଫେରାଇ ଦେଇଥିବା କତରାଳଗା ବାପା ଏବେ ଭାତ ଖାଇ ନିଜେ ଖଟିଆରେ ବସୁଥିଲେ, ପାଦେ ପାଦେ ଚାଲୁଥିଲେ। ଏତେଦିନ ପରେ ତାଙ୍କ ଶବ୍ଦ ଶୁଣାଯାଉଥିଲା ଏଇ ଘରେ। ବାପାଙ୍କ ଶେଷ ମୁହୂର୍ତ୍ତକୁ ଅପେକ୍ଷା କରିଥିବା ପରିବାର ଏବେ ପିଜୁଳି ଗଛ ପ୍ରତି ଅଜାଡି ଦେଉଥିଲେ ନିଜ କୃତଜ୍ଞତା। ସତେ ଯେମିତି ବୋଉର ଆତ୍ମା ବସିଛି ତାରି ଭିତରେ। ଏଇଗଛ ହିଁ ପୁନର୍ଜନ୍ମ ଦେଇଛି ବାପାଙ୍କୁ।

ଦିନେ ସକାଳୁ ଜ୍ୟୋସ୍ନା ପାଟିକଲେ, ଦେଖ ନା ପିଜୁଳି ଗଛର ପତ୍ରସବୁ କେମିତି ହୋଇଛି। ସତେ ଯେମିତି ଗଛକୁ କିଏ ଡାଳି ଦେଇଛି। ମୁଣ୍ଡପୋତି ରହିଲା ପରି ପତ୍ରସବୁ ନତମସ୍ତକ। ବାପା ଭଲ ହୋଇ ଆସୁଥିଲେ ଓ ଗଛଟି ଦିନକୁ ଦିନ ମରିଚାଲୁଥିଲା। କିଛି ଔଷଧ ଗଛ ମୂଳେ ଛିଞ୍ଚା ହେଲା, ସବୁଦିନ ପାଣି ଦିଆ ହେଲା। ତଥାପି ଏତେବଡ ଗଛଟା ହଠାତ୍ ଏମିତି କ'ଣ ? ବାପାଙ୍କୁ ନୂଆ ଜୀବନ ଦେଇ ତାଙ୍କ ସବୁତକ ରୋଗ ଦୁଃଖ ସେ ହିଁ ମୁଣ୍ଡେଇ ନେଇଥିଲା। ଅବିଶ୍ୱାସ ହେଲେ ମଧ୍ୟ ସତ - ଗଛଟି ତା' ଋଣ ପରିଶୋଧ କରିଛି ନା ବୋଉ ନିଜ ଭଲ ପାଇବା ଅଜାଡି ଦେଇ ଚାଲିଯାଇଛି।

ଇରିଗେସନ କଲୋନୀ,
ଭବାନୀପାଟଣା
ମୋ-୯୪୩୯୪୦୦୩୪୮

# ସରକାରୀ ଜମିକୁ ହାତେଇଲେ ତହସିଲ କର୍ମଚାରୀ




**ଖୋରଧା :** ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ଜୈନକ କିରାଣୀ ଚଞ୍ଚକତା କରି ସରକାରୀ ଜମିକୁ ନିଜ ଦଖଲକୁ ନେଇଥିବା ସହର ସାରା ଚର୍ଚ୍ଚା ହେଉଛି। ବିଶେଷ ଅନୁସନ୍ଧାନରୁ ଜଣାପଡ଼ିଛି ଖୋରଧା ତହସିଲରେ କାର୍ଯ୍ୟକରୁଥିବା ଜଣେ ପୂର୍ବତନ କର୍ମଚାରୀ ସରକାରୀ ଚାକିରୀରେ ଥାଇ ଜଳ ସେଚନ ବିଭାଗର ବଙ୍ଗଳା ନିକଟରେ ସରକାରୀ ଜମି ଜବରଦଖଲ କରି ଏବଂ ସରକାରୀ କଳର ଅପବ୍ୟବହାର କରି ସେହି ଜମିକୁ ନିଜ ନାମରେ ରେକର୍ଡ଼ ଭୁକ୍ତ କରିବାକୁ ସକ୍ଷମ ହୋଇଥିଲେ। ଯାହାକି ବେଆଇନ ଅଟେ। ସମ୍ପୃକ୍ତ କର୍ମଚାରୀ ଜଣକ ନିଜର ସ୍ୱାର୍ଥ ସାଧନ କରି ସାରିବା ପରେ ଅଧାରୁ ଚାକିରୀ ଛାଡ଼ି ରାଜ୍ୟ ସରକାରଙ୍କ ଥଇଥାନ ନୀତିରେ ନିଜର ସୁପୁତ୍ରକୁ ସେହି ଚାକିରୀରେ ରଖିବାକୁ ସକ୍ଷମ ହୋଇଥିଲେ। ଫଳରେ ସେହି ସୁପୁତ୍ର ଜଣକ ନିଜର ଚତୁର ପଣିଆରେ ପୁନର୍ବାର ନିଜର କାୟା ବିସ୍ତାର କରିଚାଲିଲେ। ବିଭିନ୍ନ ଦୁର୍ନୀତିରେ ସମ୍ପୃକ୍ତ ରହିବା ଯୋଗୁଁ ତାଙ୍କୁ ଅନ୍ୟତ୍ର ବଦଳି କରାଗଲା। କିଛି ଦିନ ବାହାରେ ରହିଲା ପରେ ପୁନର୍ବାର ଖୋରଧା ତହସିଲରୁ ବଦଳି ହୋଇ ଆସିଲେ। ଖୋରଧା ତହସିଲଦାର ତାଙ୍କ ଉପରେ ଭରଷା ରଖି ସବୁ ଗୁରୁତ୍ୱ ପୂର୍ଣ୍ଣ ବିଭାଗର ଦାୟିତ୍ୱ ସେ ମହାଶୟଙ୍କୁ ଅର୍ପଣ କଲେ। ଫଳରେ ସାଧାରଣ ଲୋକେ ନାହିଁ ନଥିବା ହଇରାଣର ସମ୍ମୁଖୀନ ହେଲେ। ଏପରିକି ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର ଉତ୍ତରାଧିକାରୀ ଆୟ ସମ୍ପର୍କିତ ପ୍ରମାଣପତ୍ର, ମ୍ୟୁଟେସନ୍ କେଶ ଗୁଡ଼ିକର ଦାୟିତ୍ୱ ସେ ମହାଶୟଙ୍କୁ ଅର୍ପଣ କରାଗଲା। ଫଳରେ ସାଧାରଣ ଲୋକେ ଏହି ସବୁ ପ୍ରମାଣ ପତ୍ର ଗୁଡ଼ିକ ପାଇବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡ଼ିଲା। ଏପରିକି ଖୋରଧା ତହସିଲ କାର୍ଯ୍ୟାଳୟକୁ ଧାଇଁ ଧାଇଁ ନୟାନ୍ତ ହୋଇ ପଡ଼ିଲେ ସାଧାରଣ ଲୋକେ ଏବେ ସେହି କର୍ମଚାରୀଙ୍କ କଳା କାରନାମାର ପର୍ଦ୍ଦାଫାସ୍ ହୋଇଛି। ଖୋରଧା ନୂଆବସଷ୍ଟାଣ୍ଡ ଠାରୁ ବାଟମଙ୍ଗଳା ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ସମ୍ପ୍ରସାରଣ ଯୋଗୁଁ ଜଳସେଚନ ବଙ୍ଗଳା ନିକଟରେ ଓ ଆଖଣ୍ଡଳମଣିଙ୍କ ମନ୍ଦିର ସମ୍ମୁଖରେ ଘର କରିଥିବା ଏବଂ ସରକାରୀ ଜମି ଦଖଲ କରି ପଥର ପାଚେରୀ ନିର୍ମାଣ କରି ଅବରୋଧ କରିଥିବା ସ୍ଥାନକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜେସିବି ମେସିନ୍ ଲଗାଇ ଭାଙ୍ଗି ଦିଆଗଲା। ଫଳରେ ସମ୍ପୃକ୍ତ ତହସିଲ କର୍ମଚାରୀ ଅତି ତରବରିଆ ଭାବରେ ଜଳ ସେଚନ ବଙ୍ଗଳାର ପଥର ପାଚେରୀକୁ ଭାଙ୍ଗି ଦିତାଲା କୋଠା ନିର୍ମାଣ କଲେ ଏବଂ ସରକାରଙ୍କ ଠାରୁ ଚଞ୍ଚକତା କରି ଏବଂ କ୍ଷମତାର ଦୁରୁଉପଯୋଗ କରି ହାତେଇ ଥିବା ସରକାରୀ ଜାଗାଟିକୁ ଚିହ୍ନଟ କରିବା ନିମନ୍ତେ ଆର.ଆଇ ଏବଂ ଅମିନଙ୍କୁ ଆଣି ସେମାନଙ୍କୁ ହାତକରି ଜଳ ସେଚନ ବିଭାଗର ବଙ୍ଗଳା ଭିତରୁ ଆହୁରି ୨ରୁ ୩ ଗୁଣ୍ଠ ଜାଗା ଥିବା ମାପ ଚିହ୍ନଟ କରିବାକୁ ଆସିଥିବା ଆର.ଆଇ ଓ ଅମିନ ଚିହ୍ନଟ କରିଥିଲେ। ଯାହାକି ଆଶ୍ଚର୍ଯ୍ୟ ମନେ ହେଉଛି। ଏଠାରେ ପ୍ରଶ୍ନ ଉଠୁଛି ଯେ, ଏତେ ଦିନ ଧରି ସେହି ବ୍ୟକ୍ତିଙ୍କ ଜାଗା ବଙ୍ଗଳା ଭିତରୁ ବାହାରି ନଥିବା ବେଳେ ହଠାତ୍ କେମିତି ୨ରୁ ୩ ଗୁଣ୍ଠ ଜାଗା ମାପ ଓ ଚିହ୍ନଟ ବେଳେ ବାହାରିଲା। ମାପ ଓ ଚିହ୍ନଟ ସମୟରେ ଖୋରଧା ଜଳ ସେଚନ ବିଭାଗର କର୍ମକର୍ତ୍ତା ଉପସ୍ଥିତ ଥିଲେ ମଧ୍ୟ ଏହାର କୌଣସି ପ୍ରତିରୋଧ କରି ନଥିଲେ। ସମୟ ଆସିବ ସମ୍ପୃକ୍ତ ତହସିଲ କର୍ମଚାରୀ ଜଣକ କହିବେ ଜଳସେଚନ ବିଭାଗର ବଙ୍ଗଳାଟି ତାଙ୍କର ବୋଲି। ଏହା ଅସମ୍ଭବ ନୁହେଁ ଯେହେତୁ ସେ ମହାଶୟ କ୍ଷମତାରେ ଅଛନ୍ତି। ଏ ସମସ୍ତ ବିଷୟ ଗୁଡ଼ିକ ପ୍ରତି ପୁଙ୍ଖାନୁ ପୁଙ୍ଖ ଭାବରେ ତଦନ୍ତ କରିବାକୁ ଜଳ ସେଚନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ରାଜସ୍ୱ ସଚିବ ତଥା ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଦୃଷ୍ଟି ଦେବା ସହ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

# ଧୁମ୍‌ଧାମରେ ପାଳିତ ହେଲା ଶ୍ରୀରାମନବମୀ

**କେନ୍ଦ୍ରାପଡ଼ା :** ଦେଶର ବିଭିନ୍ନ ସ୍ଥାନ ଭଳି କେନ୍ଦ୍ରାପଡାରେ ମଧ୍ୟ ପବତ୍ର ଶ୍ରୀରାମ ନବମୀ ପର୍ବ ଅନେକ ଉତ୍ସାହ ଉଦ୍ଦିପନା ମଧ୍ୟରେ ସହର ଏବଂ ଏହାର ଆଖପାଖରେ ଅଂଚଳରେ ମହାସମାରୋହରେ ପାଳିତ ହୋଇଯାଇଛି। ସହରର ବିଭିନ୍ନ ରାମ ମନ୍ଦିର ଓ ହନୁମାନ ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତ ରହି ଶଙ୍ଖତୂରୀ ହୁଳହୁଳି ଶବ୍ଦରେ ଏହି ଉତ୍ସବ ମନାଇଛନ୍ତି। ପ୍ରଥମେ ଗରାପୁରସ୍ଥିତ ହନୁମାନ ମନ୍ଦିରର ଶ୍ରୀରାମ ହନୁମାନ ରଥ ଓ ବଡ଼ହାଟର ଶ୍ରୀରାମ ହନୁମାନଙ୍କ ରଥ ଶହ ଶହ ଭକ୍ତଙ୍କ ଜ୍ରହଣରେ ସହର ପରିକ୍ରମା କରିଥିଲା। ସେହିପରି ତିନିମୂହାଣୀସ୍ଥ ରାମମନ୍ଦିର, ଗରାପୁରସ୍ଥ ହନୁମାନ ମନ୍ଦିର, କାକଟସ୍ଥ ରାମ ହନୁମାନ ମନ୍ଦିର, ସାନ୍ତସାହିରେ ଥିବା ପଞ୍ଚମୂଖୀ ହନୁମାନ ମନ୍ଦିର ଏବଂ ସହର ନିକଟସ୍ଥ ଗ୍ରାମଞ୍ଚଳରେ ମଧ୍ୟ ରାମନବମୀ ଧୂମଧାମରେ ପାଳନ ହୋଇଯାଇଛି। ହେଲେ ପ୍ରବଳ ଜନସମାଗମ ହେତୁ ପ୍ରଶାସନ ସ୍ତରରେ ସେହିଭଳି କୌଣସି ସୁବ୍ୟବସ୍ଥା କରାଯାଇନଥିଲା। ପ୍ରବଳ ଗ୍ରୀଷ୍ମପ୍ରବାହ ହେତୁ ପାନୀୟ ଜଳର ଅଭାବ ଦେଖିବାକୁ ମିଳିଥିଲା। ଅନେକ ସ୍ଥାନରେ ଭକ୍ତମାନେ ମୂର୍ଚ୍ଛା ହେବାର ଦେଖିବାକୁ ମିଳିଥିଲା ମାର୍ଚ୍ଚ ମାସ ହେତୁ ବିଦ୍ୟୁତ ବିଭାଗ ତରଫରୁ ବିଜୁଳି ଘନଘନ ବିଚ୍ଛିନ୍ନ ହେତୁ ଶ୍ରଦ୍ଧାଳୁ ମାନେ ଦହଗଞ୍ଜ ହେଉଥିଲେ। ସେହିପରି ସହରର ଟ୍ରାଫିକ୍ ବ୍ୟବସ୍ଥାରେ ଅବହେଳା ହେତୁ ଛୋଟ ବଡ଼ ଦୁର୍ଘଟଣା ଘଟିଥିବାର ଅଭିଯୋଗ ହୋଇଛି। ବିଭିନ୍ନ ସ୍ୱଚ୍ଛାସେବୀ ଅନୁଷ୍ଠାନ ତରଫରୁ ପାଣି ପ୍ୟାକେଟ ବିତରଣ କରାଯାଇଥିଲା ବେଳେ ଗରାପୁରସ୍ଥ ହନୁମାନ ମନ୍ଦିରଠାରେ ମୁସଲମାନ ସଂମ୍ପ୍ରଦାୟର ସ୍ୱଚ୍ଛାସେବୀ ମାନେ ସହଯୋଗ କରିଥିଲେ। ଏହି ଅବସରରେ ସହରର ବିଭିନ୍ନ ନାଟ୍ୟମଣ୍ଡପରେ ଶ୍ରୀରାମଲୀଳା ଗୀତିନାଟ୍ୟ ପରିବେଷଣ ହେବା ସହ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନର ସୁବନ୍ଦୋବସ୍ତ କରାଯାଇଥିଲା।

## ବ୍ଲକ୍‌ସ୍ତରୀୟ ପାଇକ ଆଖଡ଼ା ସମାରୋହ

**ଖୋରଧା :** ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଖୋରଧା ବ୍ଲକ୍‌ସ୍ତରୀୟ ପାଇକ ଆଖଡ଼ା ସମାରୋହ ନିଜିଗଡ଼ ଟାପଙ୍ଗ ଠାରେ ବ୍ଲକ୍ ପ୍ରଶାସନ ସଂସ୍କୃତି ବିଭାଗ ଓଡ଼ିଶା ସରକାର ଓ ନିଜିଗଡ଼ ଟାପଙ୍ଗ ପରିଚାଳନା କମିଟିର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ପାଇକ ବିଦ୍ରୋହର ଅନ୍ୟତମ ଯୋଦ୍ଧା ମାଧବଚନ୍ଦ୍ର ରାଉତରାୟଙ୍କ ପ୍ରତିମୂର୍ତ୍ତି ନିକଟରେ ଖୋରଧା ବିଧାୟକ ରାଜେନ୍ଦ୍ର କୁମାର ସାହୁ ପ୍ରଦୀପ ପ୍ରଜ୍ୱଳନ କରି ଏହି ଉତ୍ସବଟିକୁ ଉଦ୍‌ଘାଟନ କରିଥିଲେ। ଅରାଙ୍ଗର ଜୁନିୟର ପାଇକ ଷ୍ଟାର, ଅର୍ଜୁନପୁରର ଉତ୍କଳ ପାଇକ ଆଖଡ଼ା, ଉଇଲକିସନ୍ ନଗର ଅଁଳେଇ ପାଇକ ଆଖଡ଼ା, ଆଡ଼ଖଣ୍ଡିଆର ଭୈରବି ପାଇକ ଆଖଡ଼ା ଖୋରଧା ପାଇକ ଆଖଡ଼ା ସଂଘ ଓ ପାଇକତିଗିରିଆର ଜୟୀ ରାଜଗୁରୁ ପାଇକ ଆଖଡ଼ା ସଂଘର ଗୁରୁ ଓ କଳାକାରମାନେ ଉପସ୍ଥିତ ଥିଲେ। ବିଭିନ୍ନ ପାଇକ ଆଖଡ଼ା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ପାଇକ ଆଖଡ଼ା ଦେଖିବା ପାଇଁ ବହୁ ସଂଖ୍ୟାରେ ଜନ ସମାଗମ ଦେଖିବାକୁ ମିଳିଥିଲା।

# ନିମ୍ନମାନର ରାସ୍ତା କାମ : ଲୋକଙ୍କ ବିରୋଧ



**ଖୋରଧା :** ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଗୁରୁଜଙ୍ଗ ଠାରୁ କୁମାରବସ୍ତ ଦେଇ ପିତା ପଲ୍ଲୀ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଯୋରସୋରରେ ଚାଲିଛି। ଦେଖିବାକୁ ମିଳିଛି ଯେଉଁ ଅନୁସାରେ ରାସ୍ତାଟିର କାର୍ଯ୍ୟ ହେବା କଥା ସେପରି ହେଉ ନାହିଁ। ଫଳରେ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଅତି ତରବରିଆ ଭାବରେ ଏହି ରାସ୍ତା କାମ ଚାଲିଥିବା ବେଳେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଛି। ମେଣ୍ଟାଲିଂ କରାନଯାଇ ମାଟି ରାସ୍ତା ଉପରେ ପିଚୁ ଢାଳି କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଫଳରେ ଗାଡ଼ି ମଟର ଯିବା ଆସିବା କରିବା ଯୋଗୁଁ ପିଚୁ ସବୁ ଚକା ଚକା ହୋଇ ଉଠି ଯାଉଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଖୋରଧା ଗ୍ରାମ୍ୟ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗା ଯୋଗ କରାଯିବାରୁ ସେ ମହାଶୟ କୌଣସି ଉତ୍ତର ଦେଇ ପାରି ନଥିଲେ। ରାସ୍ତା କାମ ଆରମ୍ଭ ପୂର୍ବରୁ ସୂଚନା ଫଳକ ଲେଖାଯିବାର ନିୟମ ଥିବା ବେଳେ ଏହି ନିୟମକୁ ବେଖାତିର କରାଯାଇଛି। ପ୍ରକଳ୍ପ ଟିର ଅଟ୍ଟକଳ ମୂଲ୍ୟ ଠିକାଦାରଙ୍କ ନାମ କି ପ୍ରକାର କାର୍ଯ୍ୟ କରାଯିବ ସେ ସମ୍ପର୍କିତ କୌଣସି ସୂଚନା ଲେଖା ଯାଇନାହିଁ। ଫଳରେ ନିମ୍ନ ମାନର କାମ କରି ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରାଯିବାର ଯୋଜନା ଚାଲିଛି। ଏ ନିମ୍ନମାନର କାର୍ଯ୍ୟକୁ ଗ୍ରାମବାସୀମାନେ ବିରୋଧ କରିଥିବା ବେଳେ ଖୋରଧା ଜିଲ୍ଲାପାଳ ଏହାର ପୁଙ୍ଖାନୁ ପୁଙ୍ଖ ଭାବରେ ତଦନ୍ତ କରି ସମ୍ପୃକ୍ତ ଠିକାଦାର ଓ କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

# ୧୫ତମ ଜାତୀୟ ନାଟକ ମହୋତ୍ସବ 'କ୍ୟାନ୍‌ଫେଷ୍ଟ' ଉଦ୍‌ଯାପିତ



**ପାରାଦୀପ :** ପାରାଦୀପର ସ୍ଥାନୀୟ ଜୟଦେବ ସଦନଠାରେ କ୍ୟାନମାସ ଦ୍ୱାରା ଗତ ୧୯ ତାରିଖ ଠାରୁ ଆରମ୍ଭ ହୋଇଥିବା ୧୫ତମ ଜାତୀୟ ନାଟକ ମହୋତ୍ସବ ୨୬ ତାରିଖ ଦିନ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଂଧ୍ୟାରେ ମୂଖ୍ୟ ଅତିଥି ଭାବେ ଯୋଗଦାନ କରି ପାରାଦ୍ୱୀପ ବିଧାୟକ ଡା. ଦାମୋଦର ରାଉତ କହିଥିଲେ କି ଓଡିଆ ମଂଚ ନାଟକରେ ଯାହା ଦେଖାଯାଉଛି ତାହା ଆମ ସଂସ୍କୃତିର ପରିପ୍ରକାଶ। ଓଡିଆ ମଂଚ ହିନ୍ଦୀ ସିନେମାକୁ ଅନୁକରଣ କରୁଥିବା ବେଳେ ଓଡିଆ ମଂଚ ନାଟକ ଆମର ସାହିତ୍ୟ, ସଂସ୍କୃତି ତଥା ଆମର କଳାକୁ ବଂଚାଇ ରଖିପାରିଛି। ଓଡିଶାର ସଂସ୍କୃତି ନାଟକୀୟ କଳାକୁ ଋଦ୍ଧିମନ୍ତ କରିବା କ୍ଷେତ୍ରରେ କ୍ୟାନମାସର ଉଦ୍ୟମ ସର୍ବଦା ପ୍ରଶଂସନୀୟ ବୋଲି ସେ କହିଥିଲେ। କ୍ୟାନମାସର ସଭାପତି କ୍ୟାପଟେନ୍ ଅତୁଲ୍ୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାପନ ସମାରୋହରେ ପୌରାଧ୍ୟକ୍ଷ ଶ୍ରୀ ବସନ୍ତ କୁମାର ବିଶ୍ୱାଳ, ନାଟ୍ୟ ନିର୍ଦ୍ଦେଶକ ଲାଲା ବିରେନ ରାୟ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

ଏହାପରେ ଆମେ ସୃଷ୍ଟି, ଭୁବନେଶ୍ୱରର କଳାକାରମାନଙ୍କ ଦ୍ୱାରା ଲାଲା ବିରେନ ରାୟଙ୍କ ନିର୍ଦ୍ଦେଶନାରେ ଓଡିଆ ନାଟକ ଆତ୍ମଲିପି ମଂଚସ୍ତ ହୋଇଥିଲା, ଏହି ନାଟକଟି ଜଣେ ନାଟ୍ୟକାର, ନିର୍ଦ୍ଦେଶକ, ପ୍ରଡ୍ୟୁସର, ହିରୋଇନଙ୍କୁ ନେଇ ଲେଖା ଯାଇଛି ଯାହାକି ନାଟ୍ୟକାରଙ୍କ ସୃଷ୍ଟି ମଧ୍ୟରେ ହିଁ ସିମୀତ ରହିଛି। ଆତ୍ମଲିପିରେ ନାଟ୍ୟକାର କୁହନ୍ତି ତାହା ତାଙ୍କର ଜୀବନ ବୃତାନ୍ତ। ଅନ୍ୟ ପଟରେ ନିର୍ଦ୍ଦେଶକ, ପ୍ରଡ୍ୟୁସର, ଜଣେ ପ୍ରଶାସନିକ ଅଧିକାରୀ କୁହନ୍ତି କି ନାଟକରେ ସେମାନଙ୍କର ଜୀବନ ବୃତାନ୍ତକୁ ମଧ୍ୟ ସାମିଲ କରାଯାଇଛି। ସେମାନଙ୍କୁ ଗୌଣ କରାଯାଇଛି ପରଶେଷରେ ନାଟକର ମୂଖ୍ୟ ନାୟିକା ଶିଲା ଦାସ ଦାବି କରିଛନ୍ତି କି ନାଟକର ସ୍କ୍ରିପଟ ତାର ଜୀବନ କାହାଣୀକୁ ନେଇ ଲେଖାହୋଇଛି ଏବଂ ଏପରି ଦ୍ୱନ୍ଦ୍ୱ ଭିତରେ ସେ ସ୍କ୍ରିପଟକୁ ପୋଡି ଦିଏ ଯାହା ଫଳରେ ସ୍କ୍ରିପଟଟି ନାଟକର ବାସ୍ତବିକ ରୂପ ନେଇ ମଂଚକୁ ଆସିପାରେ ନାହିଁ ଏବଂ ଆତ୍ମଲିପି ରହିଯାଏ ଆତ୍ମଲିପି ହୋଇ। ଶେଷରେ କ୍ୟାନମାସ ସଂପାଦକ ଶ୍ରୀମନ୍ ମିଶ୍ର ଓ ମିଡିଆ ସଂଯୋଜକ ଶ୍ରୀ ନୀରୋଜ କୁମାର ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବଦ ଜଣାଇବା ସଙ୍ଗେ ସଙ୍ଗେ ଆସନ୍ତା ବର୍ଷ ନାଟକ ମହୋତ୍ସବକୁ ଆୟେଜିତ କରିବା ପାଇଁ ସମସ୍ତଙ୍କର ପୁର୍ନବାର ସହଯୋଗ କାମନା କରିଥିଲେ।

# ବଢ଼ିଛି ପଞ୍ଚାୟତସ୍ତରରେ ଆର୍ଥିକ ଅନିୟମିତତା

**ଭୁବନେଶ୍ୱର :** ପ୍ରଶାସନିକ କାର୍ଯ୍ୟରେ ଜିରୋ ଟଲରାନ୍ସକୁ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପରାମର୍ଶର କୌଣସି ପ୍ରଭାବ ରାଜ୍ୟର ପଞ୍ଚାୟତ ଅନୁଷ୍ଠାନଗୁଡ଼ିକରେ ପଡ଼ିନଥିବା ଜଣାପଡିଛି। ପଞ୍ଚାୟତରାଜ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଦୁର୍ନୀତି ଓ ଆର୍ଥିକ ଅନିୟମିତତା ବଢ଼ିଥିବା ସାମ୍ନାକୁ ଆସିଛି। ଆର୍ଥିକ କାରବାରର ସମୀକ୍ଷା କରୁଥିବା ଡାଇରେକ୍ଟୋରେଟ୍ ଅଫ୍ ଲୋକାଲ୍ ଫଣ୍ଡ ଅଡିଟ୍ ଏହିଭଳି ରିପୋର୍ଟ ପ୍ରଦାନ କରିଛି। ରିପୋର୍ଟ ଅନୁସାରେ ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି ଓ ପଞ୍ଚାୟତଙ୍କୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ବଣ୍ଟନ କରାଯାଇଥିବା ଅର୍ଥ ଖର୍ଚ୍ଚ ହୋଇନପାରି ପଡ଼ିରହିଛି। ଅନ୍ୟପକ୍ଷରେ ଜିଲ୍ଲା ଡିଆରଡିଏ କାର୍ଯ୍ୟାଳୟରେ ଆର୍ଥିକ କାରବାର ପରିଚାଳନା ପାଇଁ ଆକାଉଣ୍ଟସ୍ ଜ୍ଞାନ ନଥିବା ଅନଭିଜ୍ଞ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିବା ଜଣାପଡ଼ିଛି। ଓଏଫ୍‌ଏସ୍ କିମ୍ବା ଆକାଉଣ୍ଟସ୍ ଅଫିସରଙ୍କୁ ପଦବୀରେ ନିଯୁକ୍ତ କରାନଯାଇ ଏମ୍‌ଏ କିମ୍ବା ଏମ୍‌ବିଏଙ୍କୁ ଡିଆରଡିଏ ଅଫିସ୍‌ରେ ଏପିଡି(ଫାଇନାନ୍ସ) ଭାବେ ନିଯୁକ୍ତ ଦଇେଛି। ଯେଉଁମାନେ କେନ୍ଦ୍ରୀୟ ପାଣ୍ଠିଗୁଡ଼ିକର ପରିଚାଳନା ଓ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି। ଏଭଳି ସାଧାରଣ ଅଧିକାରୀଙ୍କୁ ନିଯୁକ୍ତ କରି ଅଧିକାଂଶ ଜିଲ୍ଲା ପ୍ରଶାସନ ଅର୍ଥ ବାଟମାରଣାର ଗଳା ବାଟ ତିଆରି କରିଛନ୍ତି। ଯାହା ଏବେ ଲୋକାଲ୍ ଫଣ୍ଡ୍ ଅଡିଟ୍ ରିପୋର୍ଟରେ ଧରାପଡ଼ିଛି। ମିଳିଥିବା ତଥ୍ୟ ଅନୁଯାୟୀ ରାଜ୍ୟର ୩୦ ଜିଲ୍ଲା ମଧ୍ୟରୁ ୨୫ ଜିଲ୍ଲାରେ ଏଭଳି ଆକାଉଣ୍ଟସ୍ ପରିଚାଳନାରେ ଅନଭିଜ୍ଞମାନଙ୍କୁ ଏପିଡି (ଫାଇନାନ୍ସ) ଭାବେ ନିଯୁକ୍ତ କରାଯାଇଛି। ଯେଉଁ ୨୫ ଜଣ ଚୁକ୍ତି ଭିତ୍ତିକ ନିଯୁକ୍ତି ପାଇଛନ୍ତି। ନିୟମିତ ନିଯୁକ୍ତିରେ ଥିବା ଅନ୍ୟ ୫ ଜିଲ୍ଲାର ଡିଆରଡିଏ କାର୍ଯ୍ୟାଳୟର ଏପିଡି (ଫାଇନାନ୍ସ) ଅଧିକାରୀ ମଧ୍ୟ ଆକାଉଣ୍ଟସ୍ ପରିଚାଳନାରେ ଅନଭିଜ୍ଞ। ଜିଲ୍ଲା ଡିଆରଡିଏ କାର୍ଯ୍ୟାଳୟରେ ଆର୍ଥିକ କାରବାର୍ ପରିଚାଳନା ପାଇଁ ମେରୁଦଣ୍ଡ କୁହାଯାଉଥିବା ଏପିଡି (ଫାଇନାନ୍ସ) ପଦବୀରେ ସରକାର କାହିଁକି ଓ କେଉଁ ଉଦ୍ଦେଶ୍ୟରେ ସାଧାରଣ ପାଠ୍ୟକ୍ରମର ଅଧିକାରୀମାନଙ୍କୁ ଚୁକ୍ତି ଭିତ୍ତିକ ନିଯୁକ୍ତି ଦେଇଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। କେଉଁ ଭରସାରେ ଏମାନଙ୍କ ହାତରେ ବିଭିନ୍ନ କେନ୍ଦ୍ରୀୟ ଅନୁଦାନ ଅର୍ଥର ସମସ୍ତ ପରିଚାଳନା ଓ ଅଡିଟ୍ ଦାୟିତ୍ୱ ଟେକି ଦିଆଯାଇଛି ତାହା ମଧ୍ୟ ବିଡ଼ମ୍ବନାର ବିଷୟ ହୋଇଛି। ଏ ସମ୍ପର୍କରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍ ମତ ହେଉଛି, 'ଡିଆରଡିଏ ଭଳି ସଂସ୍ଥାରେ ଫାଇନାନ୍ସ କଥା ବୁଝିବା ପାଇଁ ଜଣେ ଅଭିଜ୍ଞ ଓ ଆକାଉଣ୍ଟସ୍ ଜ୍ଞାନ ଥିବା ଅଧିକାରୀଙ୍କୁ ନିଯୁକ୍ତି ଦେବା ଜରୁରୀ। ଯଦି ଏହାର କୌଣସି ବ୍ୟତିକ୍ରମ ହୋଇଛି ତେବେ ବୁଝିବାକୁ ହେବ ଆକାଉଣ୍ଟସ୍ ପରିଚାଳନାରେ ମୁଖ୍ୟତଃ ଅନିୟମିତତା ପାଇଁ ବାଟ ଖୋଲା ରଖାଯାଇଛି। କୌଣସି ପରିସ୍ଥିତିରେ ସ୍ୱଚ୍ଛତା ରକ୍ଷା କରିବା ଉଦ୍ଦେଶ୍ୟ ନାହିଁ'। ଏହାର ପ୍ରଭାବ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ଅନୁଷ୍ଠାନମାନଙ୍କରେ ପଡ଼ିଥିବା ନେଇ ଲୋକାଲ୍ ଫଣ୍ଡ୍ ଅଡିଟ୍ ତାଙ୍କ ରିପୋର୍ଟରେ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି।

# ଦାବି ପୂରଣ ପାଇଁ ଉପଜିଲ୍ଲାପାଳଙ୍କ ଅଫିସ୍ ଆଗରେ ବିକ୍ଷୋଭ

**ବାରିପଦା (ରାଇରଙ୍ଗପୁର) :** ଗୁରୁବାର ବାମନଘାଟୀ ଉପଖଣ୍ଡର ବିଜାତୋଳା ବ୍ଲକ୍ ଚଢ଼େଇ ପାହାଡ଼ୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦୁର୍ଗମ ଫୁଲବାଡ଼ିଆ ଗ୍ରାମବାସୀ ଓ ବିଶେଷକରି ମହିଳାମାନେ ହାତରେ କଳସୀ ଧରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଫୁଲବାଡ଼ିଆ ଗ୍ରାମରେ ଦୀର୍ଘଦିନ ଧରି ପାନୀୟ ଜଳର ସମସ୍ୟା ରହିଛି। ଗ୍ରାମର ନଳକୂପ ନଥିବାରୁ ଗ୍ରାମବାସୀ ନିକଟସ୍ଥ ନାଳ ଓ ଚୁଆରୁ ଦୂଷିତ ପାଣି ପିଇବାକୁ ବାଧ ହେଉଛନ୍ତି। ଏନେଇ ଗ୍ରାମବାସୀ ବହୁବାର ପ୍ରଶାସନକୁ ଅନୁରୋଧ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏହାପରେ ଫୁଲବାଡ଼ିଆଗ୍ରାମକୁ ନିତିଦିନିଆ ଯାତାୟତ ପାଇଁ ଭଲ ରାସ୍ତାଟିଏ ନାହିଁ। ଫଳରେ ଗ୍ରାମକୁ ୧୮, ୧୦୨ ଆମ୍ବୁଲାନ୍ସ, ଅଗ୍ନିଶ୍ରମ ଗାଡ଼ି ଯାଇପାରୁନାହିଁ। ଫଳରେ ବହୁତ ଅସହାୟ ଲୋକ ଏହି ସବୁ ସେବାରୁ ବଞ୍ଚିତ ହେଉଛନ୍ତି। କୁସୁମ ଘାଟିଠାରୁ ଫୁଲବାଡ଼ିଆ, ଡାହୁପାଣି, କିଣବେଡ଼ା ରାସ୍ତାର ଉନ୍ନତିକରଣ ପାଇଁ ଲୋକମାନେ ଦାବି କରିଛନ୍ତି। ଗ୍ରାମବାସୀମାନଙ୍କର ଏହି ସବୁ ସମସ୍ୟାର ସମାଧାନ ନକଲେ ଗ୍ରାମବାସୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ଦୂତୀ ଓ ଶ୍ରାବଣୀଙ୍କୁ ସରକାରୀ ନିଯୁକ୍ତି



**ଭୁବନେଶ୍ୱର :** ଆନ୍ତର୍ଜାତୀୟସ୍ତରରେ ପଦକ ବିଜେତା ଓ ଭାଗ ନେଇଥିବା କ୍ରୀଡ଼ାବିତ୍ ତଥା ଓପନ ନ୍ୟାସନାଲ ପ୍ରତିଯୋଗିତାରେ ପଦକଧାରୀ କ୍ରୀଡ଼ାବିତ୍‌ମାନଙ୍କୁ ସିଧାସଳଖ ଓଡ଼ିଶା ପୋଲିସ୍ ବିଭାଗରେ ନିଯୁକ୍ତି ଦେବାପାଇଁ ଗୃହ ବିଭାଗ ପକ୍ଷରୁ ଦୁଇଗୋଟି ଅଧିସୂଚନା ଜାରି କରାଯାଇ ନିଯୁକ୍ତି ସୁଯୋଗ ଦିଆଯାଉଅଛି। ଏତଦ୍‌ବ୍ୟତୀତ ସାଧାରଣ ପ୍ରଶାସନ ବିଭାଗ ସଂକଳ୍ପ ଅନୁଯାୟୀ ଅର୍ଦ୍ଧସରକାରୀ ସଂସ୍ଥାର ୨ଜଣ କୃତୀ କ୍ରୀଡାବିତ୍ ଯଥା ଦୂତୀ ଚାନ୍ଦଙ୍କୁ ଓ.ଏମ୍.ସି. ଓ ଶ୍ରାବଣୀ ନନ୍ଦଙ୍କୁ ଓ.ଏଚ୍.ପି.ସି.ରେ ନିଯୁକ୍ତି ପ୍ରଦାନ କରାଯାଇଛି। କ୍ରୀଡ଼ାବିତ୍‌ମାନଙ୍କର ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପୋଲିସ୍ ବିଭାଗ ଏବଂ ସାଧାରଣ ପ୍ରଶାସନ ବିଭାଗ ପରିସରଭୁକ୍ତ ଅଟେ। ରାଜ୍ୟସ୍ତରରେ ଖ୍ୟାତି ଅର୍ଜନ କରିଥିବା କ୍ରୀଡ଼ାବିତ୍‌ଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯିବା ପାଇଁ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗର କୌଣସି ଯୋଜନା ନାହିଁ। ଏହା ବ୍ୟତୀତ ସରକାରୀ ଓ ଅର୍ଦ୍ଧସରକାରୀ ସଂସ୍ଥାରେ ପ୍ରଥମ ଶ୍ରେଣୀ (ଜୁନିୟର), ଦ୍ୱିତୀୟ ଶ୍ରେଣୀ, ତୃତୀୟ ଶ୍ରେଣୀ ଓ ୪ର୍ଥ ଶ୍ରେଣୀ ବର୍ଗରେ ନିଯୁକ୍ତି ପାଇଁ କ୍ରୀଡ଼ା ପରିଚୟ ପତ୍ରଧାରୀ କ୍ରୀଡାବିତ୍‌ମାନଙ୍କ ପାଇଁ ଏକ ଶତାଂଶ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ରହିଅଛି ବୋଲି କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କର ଏକ ପ୍ରଶ୍ନର ଉତ୍ତରରେ କ୍ରୀଡାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ପ୍ରକାଶ କରିଛନ୍ତି।

# ୨୭ ହୋଟେଲ୍‌କୁ ବନ୍ଦ ନୋଟିସ୍

**ଭୁବନେଶ୍ୱର :** ୨୦୧୭-୧୮ ମସିହାରେ ରାଜ୍ୟରେ ଥିବା ହୋଟେଲ୍‌ଗୁଡ଼ିକ ମଧ୍ୟରୁ ୨୭ଟି ହୋଟେଲ୍‌କୁ ନର୍ଦ୍ଦମାଜଳକୁ ବିନା ବିଶୋଧନରେ ନିଷ୍କାସନ କରୁଥିବା ଯୋଗୁଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବିହୀତ କାର୍ଯ୍ୟାନୁଷ୍ଠାନ ନେଇଛି। ସେହି ହୋଟେଲ୍‌ଗୁଡ଼ିକୁ ବନ୍ଦ କରିବା ନିମନ୍ତେ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ଦ ନିର୍ଦ୍ଦେଶ ସତ୍ତ୍ୱେ ହୋଟେଲ୍‌ଗୁଡ଼ିକ ଚାଲୁଛନ୍ତି କି ନା ତାହା ବୋର୍ଡ ତରଫରୁ ଯାଞ୍ଚ କରାଯାଉଛି। ଏ ପର୍ଯ୍ୟନ୍ତ କରାଯାଇଥିବା ଯାଞ୍ଚରୁ ଗୋଟିଏ ହୋଟେଲ୍ ମାନ୍ୟବର ଅଦାଲତଙ୍କ ନିର୍ଦ୍ଦେଶ ବଳରେ ଚାଲୁଥିବା ଓ ୧୧ଟି ହୋଟେଲ୍ ବନ୍ଦ ନିର୍ଦ୍ଦେଶ ସତ୍ତ୍ୱେ ଚାଲୁଥିବାର ବୋର୍ଡର ଦୃଷ୍ଟିଗୋଚର ହୋଇଛି ଏବଂ ଏ ସଂକ୍ରାନ୍ତରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କୁ ବୋର୍ଡ ତରଫରୁ ପରାମର୍ଶ ଦିଆଯାଇଛି ବୋଲି କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କର ଏକ ପ୍ରଶ୍ନର ଉତ୍ତରରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ପ୍ରକାଶ କରିଛନ୍ତି।

# କୃଷି ବିଭାଗରେ ଖାଲି ପଡିଛି ୬୦୦୦ରୁ ଅଧିକ ପଦବୀ

**ଭୁବନେଶ୍ୱର :** କୃଷି ବିଭାଗରେ ପ୍ରାୟ ୬ ହଜାର ପଦପଦବୀ ଖାଲି ପଡ଼ିଛି। ଏଥିଯୋଗୁ ରାଜ୍ୟ ସଚିବାଳୟରୁ ଆରମ୍ଭ କରି କ୍ଷେତ୍ର ଦପ୍ତର ଏମିତିକି କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ସମସ୍ୟା ଲାଗି ରହୁଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧିନରେ ଗ୍ରାମାଞ୍ଚଳରୁ ସଚିବାଳୟ ଏବଂ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ କେତେ ପଦବୀ ଖାଲି ରହିଛି ସେ ସଂକ୍ରାନ୍ତରେ ବିଧାନସଭାରେ ବିଧାୟକ ଦିଲିପ ରାୟ ପ୍ରଶ୍ନ ଉତ୍ଥାପନ କରିବା ସହିତ ତିନି ମାସ ମଧ୍ୟରେ ସମସ୍ତ ଖାଲି ପଦବୀ ପୂରଣ ଲାଗି ଦାବି କରିଛନ୍ତି। ଏହାର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ମହାରଥୀ କେଉଁଠି କେତେ ପଦବୀ ତାଙ୍କ ବିଭାଗରେ ଖାଲି ପଡ଼ିଛି ତାହାର ବିସ୍ତୃତ ବିବରଣୀ ଦେବା ସହିତ ଏଗୁଡ଼ିକ ପୂରଣ ଲାଗି ସରକାର ବିହିତ ପଦକ୍ଷେପ ଗ୍ରହଣ କରୁଥିବା ସୂଚାଇଛନ୍ତି। କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ତାହାର ଅନୁବନ୍ଧିତ ଶିକ୍ଷାନୁଷ୍ଠାନ ଓ ଗବେଷଣାଗାରଗୁଡ଼ିକରେ ୨୦ଟି ପ୍ରଫେସର ସମେତ ପ୍ରାୟ ୨୦୦ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ବେଳେ ଏହି ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ଶ୍ରେଣୀ ପାହ୍ୟାର ୧୬୯, ତୃତୀୟ ଶ୍ରେଣୀର ୧୨୭ ଓ ଚତୁର୍ଥ ଶ୍ରେଣୀ ପାହ୍ୟାର ୩୨ଟି ପଦବୀ ଖାଲିପଡ଼ିଛି। ମୋଟାମୋଟି ଭାବେ ବିଶ୍ୱବିଦ୍ୟାଳୟରେ ଏହି ପାହ୍ୟାଗୁଡ଼ିକରେ ଅଧାରୁ ଅଧିକ ପଦବୀ ଖାଲି ପଡ଼ିଥିବା ମନ୍ତ୍ରୀଙ୍କ ଉତ୍ତରରୁ ଜଣାପଡ଼ିଛି। ସଚିବାଳୟରେ କୃଷି ବିଭାଗ ଲାଗି ୩୧୧ଟି ମଞ୍ଜୁରୀପ୍ରାପ୍ତ ପଦବୀ ଥିବା ବେଳେ ସେଥିରୁ ୧୩୫ଟି ଖାଲି ପଡ଼ିଛି। କୃଷି ବିଭାଗର ଅତିରିକ୍ତ ନିର୍ଦ୍ଦେଶକଠାରୁ ଜିଲ୍ଲା କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ ପର୍ଯ୍ୟନ୍ତ ବିଭିନ୍ନ ପାହ୍ୟାରେ ବି ୨୬୪ ପଦବୀ ଖାଲି। ୩୦ଟି ଜିଲ୍ଲାର ୩୦ଟି କୃଷି ରେଞ୍ଜର ଉପନିର୍ଦ୍ଦେଶକଙ୍କ ଅଧିନରେ ୩୦୮ଟି ପଦବୀ ଖାଲି ରହିଛି। କ୍ଷେତ୍ରରେ କାର୍ଯ୍ୟ କରୁଥିବା ଗ୍ରାମ୍ୟ କୃଷି କର୍ମୀ ପଦବୀରୁ ୮୯୭ ପୂରଣ ହୋଇପାରୁନାହିଁ। କୃଷି ନିର୍ଦ୍ଦେଶାଳୟରେ ତୃତୀୟ ଓ ଚତୁର୍ଥ ଶ୍ରେଣୀ ପାହ୍ୟାର ୧୫୯ଟି ପଦବୀ ଖାଲି ପଡ଼ିଥିବା ବେଳେ ଗେଜେଟେଡ୍ ଏଷ୍ଟାବ୍ଲିସ୍‌ମେଣ୍ଟରେ ୨୩୨ ଓ ଅଣଗେଜେଟେଡ୍ କ୍ଷେତ୍ରରେ ୩୦୨ଟି ପଦବୀ ଖାଲି। ମୃତ୍ତିକା ସଂରକ୍ଷଣ ଓ ଜଳ ଛାୟା ଉନ୍ନୟନ ନିର୍ଦ୍ଦେଶାଳୟ ଅଧିନରେ ଅନ୍ୟୁନ ୧୧୫୨ ପଦବୀ ଖାଲି ପଡ଼ିଛି। ଏଥିରୁ ପ୍ରଥମ ଶ୍ରେଣୀ ପାହ୍ୟାର ୪୩, ଦ୍ୱିତୀୟ ଶ୍ରେଣୀ ପାହ୍ୟାର ୧୩୯, ତୃତୀୟ ଶ୍ରେଣୀ ପାହ୍ୟାର ୭୮୭ ଓ ଚତୁର୍ଥ ଶ୍ରେଣୀ ପାହ୍ୟାର ୧୮୩ ପଦବୀ ଅନ୍ତର୍ଭୁକ୍ତ। ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଅଧିନରେ ନିର୍ଦ୍ଦେଶକ ପଦବୀ ସମେତ ମୋଟ୍ ୨୨୦ ପଦବୀ ଖାଲି ପଡ଼ିଛି। କୃଷି ବିଶ୍ୱବିଦ୍ୟାଳୟ ଓ ଏହାର ଅନୁବନ୍ଧିତ ଶିକ୍ଷାନୁଷ୍ଠାନ ତଥା ଗବେଷଣାଗାର ସଂସ୍ଥାଗୁଡ଼ିକରେ ବ୍ୟାପକ ସଂଖ୍ୟକ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଖାଲି ରହିବା ଯୋଗୁ ଶିକ୍ଷା ଓ ଗବେଷଣା କାର୍ଯ୍ୟ ବ୍ୟାହତ ହେଉଛି। ଏହାଛଡ଼ା କୃଷି ବିଭାଗରେ ଗ୍ରାମାଞ୍ଚଳରୁ ସଚିବାଳୟ ପର୍ଯ୍ୟନ୍ତ ହଜାର ହଜାର ପଦବୀ ଖାଲି ରହିବା ଫଳରେ ଅଚଳାବସ୍ଥା ସୃଷ୍ଟି ହେଉଛି। ଗୋଟିଏ ପଟେ ରାଜ୍ୟରେ ଯୋଗ୍ୟ ବେକାର ଯୁବକ ଯୁବତୀମାନେ ଚାକିରି ପାଉନଥିବା ବେଳେ ହଜାର ହଜାର ସଂଖ୍ୟକ ସରକାରୀ ଚାକିରି ଖାଲି ରଖାଯିବା ଦୁର୍ଭାଗ୍ୟ ଜନକ ବୋଲି ବିଧାୟକ ଶ୍ରୀ ରାୟ ଏକ ବିବୃତ୍ତିରେ ଉଲ୍ଲେଖ କରିବା ସହିତ ତୁରନ୍ତ ଏ ସବୁ ପୂରଣ କରିବାକୁ ଦାବି କରିଛନ୍ତି।

ପର୍ଯ୍ୟଟନ ଚକ୍ର

# ଫେନିର ମଜା ନିଆରା

ଆପଣଙ୍କର ମନେଥିବ ଯେ, ଗତ ସଂଖ୍ୟାରେ ମାପୁସାରେ ମୋର କିଭଳି ଅଚାନକ ବାର୍ଥ ଡେ' ସେଲିବ୍ରେସନ ହୋଇଥିଲା। ଏପରିକି ମୋ ଗାଡି ଚାଳକଙ୍କ ଠାରୁ ଆରମ୍ଭ କରି ଗେଷ୍ଟ ହାଉସ୍ ମାଲିକଙ୍କ ପରିବାର ସମସ୍ତେ ମୋ ଜନ୍ମଦିନ ପାଳନରେ ଲାଗି ପଡିଥିଲେ। ତା'ପରେ ମୁଁ ନିଜେ ରୋଷେଇ କରିବି ବୋଲି ସ୍ଥିର କରି ବାହାରିଥିଲି ମାର୍କେଟ। ମେନ୍ୟୁ ସମ୍ପର୍କରେ ବି ମୁଁ ସୂଚନା ଦେଇଥିଲି ଯେ ଅଦାହେଙ୍ଗୁ ଖେଚୁଡି, ମାଛ ବେସର, ଡାଲମା ଏବଂ ଦହି ପାଚେଡି। ଏହିସବୁ ଖାଦ୍ୟ ସାଧାରଣତଃ ମୋ ଜନ୍ମ ସ୍ଥାନ ପୁରୀରେ ବିଭିନ୍ନ ପର୍ବପର୍ବାଣୀରେ ଓ ଉତ୍ସବ ମାନଙ୍କରେ ହୋଇଥାଏ। ସେଦିନ ମାପୁସାର ହାଟ ପାଳି ନଥିଲା ତେଣୁ ଗାଡି ଚାଳକ ମୋତେ ପାଖରେ ଥିବା ଏକ ଛୋଟ ମାର୍କେଟକୁ ନେଇଗଲେ। ମୁଁ ଦୋକାନରୁ ଆବଶ୍ୟକ ସାମଗ୍ରୀ କିଣିଲି ହେଲେ ଡାଲମା ପାଇଁ ନାଡି ପାଇଲି ନାହିଁ। ତା'ପରେ ମାଛ ମାର୍କେଟକୁ ଆସି ମାଛ କିଣିଲି। ସେତେବେଳେ ଭଲ ଚୁଙ୍ଗୁଡି ମୋ ଦୃଷ୍ଟିକୁ ଆସିଥିଲା ତେଣୁ ମୋ ମେନ୍ୟୁରେ ଚିଙ୍ଗୁଡି ଯୋଡି ହୋଇଗଲା। ତେବେ ମାର୍କେଟରୁ ବାହାରକୁ ଆସିବା ବେଳକୁ ମହୁରାଡି ମାଛ ଭଳି କିଛି ମାଛ ଦେଖିଥିଲି ଲୋଭ ସମ୍ବରଣ କରି ନପାରି ସେଥିରୁ କିଛି ମଧ୍ୟ ଆଣିଲି। କଙ୍କଡା ଦେଖିଥିଲେ ମଧ୍ୟ ଯେହେତୁ ଖାଇସାରି ମୋର ପାଣାଜୀ ଯିବାର ଥିଲା, ତେଣୁ ସମୟ ଅଭାବ ହେବ ବୋଲି ଭାବି ଆଉ କିଣିଲି ନାହିଁ। ଏବେ ଗେଷ୍ଟ ହାଉସରେ ଆମେ ପହଞ୍ଚିବା ବେଳକୁ ରୋଷେଇ ପାଇଁ ସବୁ ପ୍ରସ୍ତୁତି ସରିଥିଲା। ତା'ପରେ ଆରମ୍ଭ ହେଲା ରୋଷେଇ। ଶେଷରେ ପ୍ରାୟ ୨ଘଣ୍ଟାର ପରିଶ୍ରମ ପରେ ଖାଦ୍ୟ ପ୍ରସ୍ତୁତି ସରିଥିଲା। ତିନିଜଣ ସହଯୋଗୀଙ୍କ ପାଇଁ ଏହା ସମ୍ଭବ ହେଲା। ଶେଷରେ ଅଦାହେଙ୍ଗୁ ଖେଚୁଡି, ଡାଲମା, ମାଛବେସର, ଚିଙ୍ଗୁଡିରାଇ ଏବଂ ମହୁରାଡି ମାଛ ହଳଦୀ ପାଣି ତା ସହ କଦଳୀ ପତ୍ର ଖାଇବା ପାଇଁ। ଗେଷ୍ଟ ହାଉସ୍ ମାଲିକଙ୍କ ପରିବାର ଏକ ମିଠା ମଧ୍ୟ ପ୍ରସ୍ତୁତ କରିଥିଲେ। ଯାହାକୁ ଗୋଆରେ ଡୋସ୍ ବୋଲି କହିଥାନ୍ତି। ବେସନ, ଗୁଡ ଓ ନଡିଆ ରସ ଆଦିରେ ପ୍ରସ୍ତୁତ ହୋଇଥାଏ ଏହି ମିଠା। ସମୟ ସେତେବେଳକୁ ପ୍ରାୟ ୧ଟା ବାଜି ସାରିଥିଲା। ହେଲେ ସେତେବେଳେ ଗେଷ୍ଟ ହାଉସ ମାଲିକଙ୍କ ପୁଅ ଗୋଟେ ଗ୍ଲାସରେ କିଛି ପାନୀୟ ଆଣି ମୋତେ ପିଇବା ପାଇଁ ଦେଇଥିଲେ। ତା'ର ଗନ୍ଧ ମୋତେ ସାମାନ୍ୟ ଅପ୍ରସ୍ତୁତ କରିଥିଲା ଏବଂ ମୁଁ ପଚାରିବାରେ ସେ ମୋତେ କହିଲେ ଯେ, ଏହା ହେଉଛି ଗୋଆର ଦେଶୀ ନିଶାପୂର୍ଣ୍ଣ ପାନୀୟ ଫେନି। ଅବଶ୍ୟ ଫେନି ସମ୍ପର୍କରେ ମୁଁ ପୂର୍ବରୁ ଜାଣିଥିଲି। ମୁଁ ତାଙ୍କୁ ମନା କରିଥିଲି ଏବଂ ମୁଁ ପାନ ଛଡା ଆଉ କୌଣସି ନିଶାଦ୍ରବ୍ୟ ଖାଏନାହିଁ ବୋଲି ଜଣାଇଥିଲି। ହେଲେ ସେ ଏତେ ଅନ୍ତରଙ୍ଗତାର ସହ ମୋତେ ଦେଉଥିଲେ ଯେ ମୁଁ ରାଜି ହେଲି ସାମାନ୍ୟ ନେବା ପାଇଁ। ନିଶାଦ୍ରବ୍ୟ ସେବନ ଶରୀର ପାଇଁ ନିହାତି କ୍ଷତିକାରକ ଜାଣି ମଧ୍ୟ ମୁଁ ରାଜି ହୋଇଥିଲି। ଗୋଆର ନିଶାଯୁକ୍ତ ପାନୀୟ ବିଷୟରେ ଏତିକି କହିବି କି ଏହା ଗୋଆର ଦେଶୀ ମଦର ମାନ୍ୟତା ଲାଭ କରିଛି ଆଉ ଏହା କାଜୁବାଦାମ କିମ୍ବା ନଡିଆରୁ ହିଁ ପ୍ରସ୍ତୁତ ହୋଇଥାଏ। ମୁଁ ଯେତେବେଳେ ଆପଣମାନଙ୍କୁ ଗୋଆର ଖାଦ୍ୟ ଓ ପାନୀୟ ବିଷୟରେ ଏହି ସ୍ତମ୍ଭରେ ସୂଚନା ଦେବି ସେତେବେଳେ ଏହା ସମ୍ପର୍କରେ ସବିଶେଷ ବିବରଣୀ ପ୍ରଦାନ କରିବି। ତେବେ ଫେନିରୁ ସାମାନ୍ୟ ପାନ କରିବା ପରେ ଆମେ ଖାଇବାକୁ ବସିଥିଲୁ। ଆମ ଖାଦ୍ୟର ବାସ୍ନାରେ ଆକର୍ଷିତ ହୋଇ ଗେଷ୍ଟ ହାଉସ୍ ପଡୋଶୀ ବନ୍ଧୁ ଦୁଇଜଣ ମଧ୍ୟ ଆସିଥିଲେ। ଜାଣିବାକୁ କ'ଣ ଖାଦ୍ୟ ହୋଇଛି। ତେବେ ସେମାନେ ମଧ୍ୟ ଆମ ସହ ଖାଇବାରେ ସାମିଲ ହୋଇଥିଲେ। ପ୍ରକୃତରେ କୁହାଯାଇଛି 'ଦାନେ ଦାନେ ପେ ଲିଖା ହେ ଖାନେ ବାଲୋଁ କା ନାମ୍'। ତେବେ ପୁରୀର ପାରମ୍ପରିକ ଖାଦ୍ୟ ଖାଇ ସେମାନେ ବହୁତ ଖୁସିଥିବା ମୁଁ ଅନୁଭବ କରୁଥିଲି। ହେଲେ ସମସ୍ତେ ଅଧିକ ମାତ୍ରାରେ କିନ୍ତୁ ଖାଇ ପାରୁନଥିଲେ। କାରଣ ଏହା ହୋଇପାରେ ଯେ, ଖାଦ୍ୟରେ ଭଲ ଘିଅର ବ୍ୟବହାର ବୋଲି ମୁଁ ଅନୁମାନ କଲି। ତେବେ ଯାହା ହେଉ ଖାଇସାରିବା ପରେ ଗେଷ୍ଟହାଉସର ମାଲିକାଣୀ ମୋ ଠାରୁ ଡାଲମା, ବେସର ଏବଂ ମହୁରାଡି ମାଛ ହଳଦୀପାଣିର ପ୍ରସ୍ତୁତି ଏକ ଖାତାରେ ଟିପି ରଖିଲେ। ମୁଁ ମଧ୍ୟ ଗୋଆର ପଂପ୍ଲେଟ୍ ମାଛ ତରକାରୀର ପ୍ରସ୍ତୁତି ଟିପି ରଖିଥିଲି। ଖାଇବା ପରେ ସାମାନ୍ୟ ବିଶ୍ରାମ ପରେ ଆମେ ବାହାରିଥିଲୁ ପାଣାଜୀ ଅଭିମୁଖେ। ହେଲେ ଗେଷ୍ଟ ହାଉସରୁ ବିଦାୟ ନେବାର ମୁହୂର୍ତ୍ତ ସତରେ ଖୁବ୍ ଦୁଃଖପୂର୍ଣ୍ଣ ଥିଲା। ବିଶେଷକରି ଗେଷ୍ଟ ହାଉସ୍ ମାଲିକଙ୍କ ପୁଅର ଆଖିରେ ଲୁହ ଦେଖିବାକୁ ପାଇ ମୋତେ ଭଲ ଲାଗି ନଥିଲା। ମୁଁ ତାଙ୍କୁ ପ୍ରତିଶ୍ରୁତି ଦେଲି ଆମେ ଫୋନ୍ ଯୋଗାଯୋଗରେ ରହିବା ଏବଂ ତାଙ୍କୁ ଓଡ଼ିଶା ଆସିବା ପାଇଁ ନିମନ୍ତ୍ରଣ ମଧ୍ୟ କରିଥିଲି। ତା'ପରେ ଆମେ ବାହାରିଥିଲୁ ପାଣାଜୀ ଅଭିମୁଖେ। ଆପଣମାନଙ୍କୁ ସୂଚନା ଦେବିକି ମାପୁସାରୁ ପାଣାଜୀର ଦୂରତା ପ୍ରାୟ ୧୭ରୁ ୧୮ କିଲୋମିଟର। ରାସ୍ତା କିନ୍ତୁ ବହୁତ ଭଲ ତେବେ ଗାଡିରେ ବସିବା ପରେ ମୁଁ ପ୍ରଥମେ ଜାଣିବାକୁ ଚାହିଁଲି ଯେ, ମୋ ଗାଡି ଚାଳକ ଫେନି ପିଛନ୍ତି ନା ନାହିଁ। ହେଲେ ସେ ମୋତେ ମନା କଲେ ଏବଂ ଜଣାଇଲେ ହୋଟେଲରେ ପହଞ୍ଚିବା ପରେ ସେ ପିଇବେ ଆଉ ସେ ସାଙ୍ଗରେ ଧରି ଆସିଛନ୍ତି। ଯାହା ହେଉ ଗାଡି ଚାଳକ ଆମ ଯାତ୍ରାକୁ ନିରାପଦ କରିବା ପାଇଁ କେତେ ଯତ୍ନବାନ ତାହା ଜାଣି ମୁଁ ଆଉ ମୋ ବନ୍ଧୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲୁ। ଏହା ମଧ୍ୟ ସ୍ଥିର କଲୁ ଯେ, ଆମେ ପାଣାଜୀରେ ହୋଟେଲରେ ନ ରହି ଭଲ ଗେଷ୍ଟ ହାଉସରେ ରହିବା। ସେହି ଅନୁସାରେ ଆମ ଗାଡି ଚାଳକ ପାଣାଜୀର ଏକ ଗେଷ୍ଟ ହାଉସ୍‌କୁ ଆମକୁ ନେଇଥିଲେ ଯାହା ଥିଲା ଏକ ଆପାର୍ଟମେଣ୍ଟ। ସେଥିରେ ମଧ୍ୟ ରୋଷେଇ କରିବାର ସମସ୍ତ ସୁବିଧା ଥିଲା ଦୁଇଟି ବେଡ୍ ରୁମ୍ କିଚିନ୍ ଡ୍ରଇଁରୁମ୍ ... ଏହା ଦେଖି ମୋତେ ବହୁତ ଭଲ ଲାଗିଲା। ମୋର ବନ୍ଧୁ ମଧ୍ୟ ଏଠାରେ ରହିବା ପାଇଁ ଇଚ୍ଛା ପ୍ରକାଶ କଲେ। ସବୁଠାରୁ ବଡ କଥା ହେଲା ମୋ ଗାଡି ଚାଳକ ଆଉ ଘରକୁ ନଯାଇ ଆମ ସହ ରହିବେ ବୋଲି ଇଚ୍ଛା ପ୍ରକାଶ କଲେ। ମୁଁ ଆଶ୍ଚର୍ଯ୍ୟ ହେଲେ ମଧ୍ୟ ମନା କରିନଥିଲି।






କ୍ରମଶଃ...

ଆସ ବୁଲିଯିବା

ଗୋଆ

ଉପସ୍ଥାପନା
ଜାହ୍ନବୀସୁତ



# ଜିଲ୍ଲାରେ 'ଆମ ଗାଁ ଆମ ବିକାଶ' ଯୋଜନାର ଶୁଭାରମ୍ଭ

**ଖୋରଧା :** ଜିଲ୍ଲାରେ ଆମ ଗାଁ ଆମ ବିକାଶ ଯୋଜନାର ଭିଡ଼ିଓ କନଫରେନସିଂ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଖୋରଧା ବ୍ଲକ୍ ଅଧିନସ୍ଥ ପଲ୍ଲାତୋଟାପଡ଼ା ଗ୍ରାମପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀ ସିଧା ସଳଖ ଭାବରେ ସରପଞ୍ଚ ସେଖ୍ ଅକତର ଅଲ୍ଲୀଙ୍କ ସହିତ ଭିଡ଼ିଓ କନ୍‌ଫରେନସିଂ ମାଧ୍ୟମରେ କଥା ବାର୍ତ୍ତା ହୋଇ ୭ଗୋଟି ପ୍ରକଳ୍ପ ନିମନ୍ତେ ୩୧ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏହି ଆଲୋଚନା ମାଧ୍ୟମରେ ସରପଞ୍ଚ ୯ ଗୋଟି ପ୍ରକଳ୍ପ ପାଇଁ ୫୦ ଲକ୍ଷ ଟଙ୍କା ପ୍ରଦାନ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଥିବା ୭ ଗୋଟି ପ୍ରକଳ୍ପ ମଧ୍ୟରୁ ତୋଟାପଡ଼ା ମୁସଲିମ୍ ବସ୍ତିରେ ଥିବା ମସଜିଦ୍‌ର ପୁନଃରୁଦ୍ଧାର ନିମନ୍ତେ ୫ ଲକ୍ଷ ପଲ୍ଲା ନୂଆ ପୋଖରୀର ପୁନଃରୁଦ୍ଧାର, ଗାଧୁଆ ତୁଠ ପାହାଚ ଓ ଗାଧୁଆ ଗୃହ ପାଇଁ ୭ ଲକ୍ଷ ଟଙ୍କା ଛୋଟରାୟପୁର ମଙ୍ଗଳା ମନ୍ଦିରର ମଣ୍ଡପ ନିର୍ମାଣ ପାଇଁ ୫ଲକ୍ଷ ଜରିପୁଟ ନୂଆସାହିର କମ୍ୟୁନିଟି ହଲ ପାଇଁ ୫ ଲକ୍ଷ, ଜାମୁ ସାହି ପ୍ରାଥମିକ ବିଦ୍ୟାଳୟର ପ୍ରାଚୀର ନିର୍ମାଣ ପାଇଁ ୪ ଲକ୍ଷ ମଙ୍ଗରାଜ ପୋଖରୀର ପୁନଃରୁଦ୍ଧାର ଓ ଗାଧୁଆତୁଠ ପାହାଚ ପ ାଇଁ ୬ ଲକ୍ଷ ଟଙ୍କା ବେରୁଆଁ ଗାଁରେ କମ୍ୟୁନିଟି ହଲ ପାଇଁ ୫ ଲକ୍ଷ ଟଙ୍କା କୋଣାର୍କ ନଗରରେ ସୌରଚାଳିତ ପମ୍ପ ଦ୍ୱାରା ପାନୀୟ ଜଳ ଯୋଗାଣ ଓ ନଳ କୂପ ଖନନ ନିମନ୍ତେ ୫ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରିବାକୁ ପ୍ରସ୍ତାବ ସରପଞ୍ଚ ସେଖ୍ ଆକତର ଅଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିଲେ। ପ୍ରକଳ୍ପ ଗୁଡ଼ିକ ମଧ୍ୟରୁ ଜାମି ସାହି ପ୍ରାଥମିକ ବିଦ୍ୟାଳୟର ପ୍ରାଚୀର ନିମନ୍ତେ ୪ ଲକ୍ଷ କୋଣାର୍କ ନଗରରେ ସୌରଚାଳିତ ପମ୍ପ ଦ୍ୱାରା ପାନୀୟ ଜଳ ଯୋଗାଣ ଓ ନଳକୂପ ଖନନ ନିମନ୍ତେ ୫ଲକ୍ଷ ଟଙ୍କାର ଅନୁଦାନ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଆଗ୍ରାହ୍ୟ କରିଦେଇଥିବା ବେଳେ ସମସ୍ତ ପ୍ରକଳ୍ପର ଅନୁଦାନରୁ କାଟଛାଣ୍ଟ କରି ଅନୁଦାନ ରାଶି ମଞ୍ଜୁର କରିଥିଲେ ଏବଂ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ସାରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମପଞ୍ଚାୟତର ସମସ୍ତ ନିର୍ବାଚିତ ପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଉତ୍କଳ ଦିବସ ଅବସରରେ ସ୍ୱଚ୍ଛ ଭାରତ ଅଭିଯାନ

# ସାମିଲ ହେଲେ ଜିଲ୍ଲାପାଳ




**କେନ୍ଦ୍ରାପଡ଼ା :** ପବିତ୍ର ଉତ୍କଳ ଦିବସ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସପ୍ତାହବ୍ୟାପୀ ସଫେଇ ଅଭିଯାନ ହୋଇଯାଇଛି। ଗତ ତା୨୪ରିଖରେ ସହରର କାକଟଲକ କେନାଲ କୂଳ ଠାରୁ ଆରମ୍ଭ ହୋଇଥିଲା ଏହି ସଫେଇ କାର୍ଯ୍ୟକ୍ରମ। ଏହି ସଫେଇରେ ଜିଲ୍ଲାପାଳ ରଘୁଜୀ ନିଜେ ଉପସ୍ଥିତ ରହି ସଫେଇ କାଯ୍ୟ କରିଥିଲେ। ଯାହାକି ସାରା ଦେଶରେ ଖୁବ୍ ବିରଳ। ସେହିପରି ଉକ୍ତ କାର୍ଯ୍ୟରେ ଜିଲ୍ଲା ପୌରପାଳିକାର ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ ଓ କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ସଫେଇ କରିଥିବା ବେଳେ ଅନେକ ସରକାରୀ କର୍ମଚାରୀଗଣ ସହଯୋଗ କରିଥିଲେ। ତେବେ ପରବର୍ତ୍ତି ଦିନ ମାନଙ୍କରେ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମ ଜିଲ୍ଲାର ବିଭିନ୍ନ ସ୍ଥାନରେ କରାଯାଇଥିଲା। ସୂଚନାଯୋଗ୍ୟ ଏବେ ଉକ୍ତ କେନାଲକୁ ସମ୍ପୁର୍ନ୍ନ ସଫେଇର ଆବଶ୍ୟକତା ରହିଛି, ହେଲେ ଏପ୍ରତି ପ୍ରଶାସନ ତଥା ଜଳ ସଂପଦ ବିଭାଗ ଗୁରୁତ୍ୱ ଦେଉନାହିଁ। ଯାହାକି ହାସ୍ୟସ୍ପଦ ଭଳି ମନେହୁଏ।

# ନାଟକୀୟ ଅଭିବୃଦ୍ଧି : ପଣ୍ୟ କାରବାରରେ ୨ୟ ସ୍ଥାନ

## ପୂର୍ବଭାରତ ବିକାଶ ପଥ ପାରାଦୀପ ବନ୍ଦର




**ପାରାଦୀପ :** ପାରାଦୀପ ବନ୍ଦର ୨୦୧୩-୧୪ ଆର୍ଥିକ ବର୍ଷରେ ୬୮ମିଲିୟନ ମେଟ୍ରିକଟନ୍‌ରୁ ଚଳିତ ୨୦୧୭-୧୮ ଆର୍ଥିକ ବର୍ଷରେ ରେକର୍ଡ ୧୦୦.୧୨ଏମ.ଏମ.ଟି ପଣ୍ୟ କାରବାର କରି ଗତ ୪ବର୍ଷରେ କାରବାରର ୫୦ପ୍ରତିଶତ ବୃଦ୍ଧି ଘଟାଇ ଏକ ମାଇଲ ଖୁଣ୍ଟ ଦ୍ରୁତ ଅଭିବୃଦ୍ଧି ଘଟାଇ ଭାରତ ବର୍ଷରେ ସୁନାମ ଅର୍ଜନ କରିପାରିଛି । ଏହି ପରିପେକ୍ଷୀରେ ନୂଆଦିଲ୍ଲୀଠାରେ କେନ୍ଦ୍ରୀୟ ପେଟ୍ରୋଲିୟ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବନ୍ଦର ଅଧକ୍ଷ ରିଙ୍କେଶ ରଏଙ୍କୁ ଅଭିନନ୍ଦନ ଜଣାଇଛନ୍ତି ଏବଂ ପାରାଦୀପ ବନ୍ଦରକୁ ପୂର୍ବଭାରତର ବିକାଶର ପେଣ୍ଠସ୍ଥଳି ଭାବେ ପରିଣତ କରିବାକୁ ଭିତ୍ତିଭୂମିର ବିକାଶ ସହ ଆନୁସଙ୍ଗିକ ଆବଶ୍ୟକତାକୁ ନେଇ ସମୀକ୍ଷା କରିଥିଲେ । ଏହି ବିରାଟ କୃତିତ୍ୱ ହାସଲ ପରେ ରାଜ୍ୟର ପୂର୍ବତନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଡା ଦାମୋଦର ରାଉତ , ପାରାଦୀପ ପୌରପରିଷଦର ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ବନ୍ଦର ଟ୍ରଷ୍ଟି ଅଜୟ ଦାସ ଓ ପ୍ରତାପ ମିଶ୍ର, ଶ୍ରମିକନେତା ସନ୍ତୋଷ ପଟ୍ଟନାୟକ , ବହୁ ବୃଦ୍ଧିଜୀବୀ, ଶ୍ରମିକ ସଂଗଠନ ଓ ବନ୍ଦର ବ୍ୟବହାରି ସଂସ୍ଥା ପ୍ରମୁଖ ବନ୍ଦର ଅଧକ୍ଷ ରିଙ୍କେଶ ରଏଙ୍କୁ ଅଭିବାଦନ ଜଣାଇଛନ୍ତି । ଏହି ବିରଳ କୃତିତ ହାସଲପରେ ଗତ ରବିବାର ମାର୍ଚ୍ଚ ୨୫ତାରିଖ ସ୍ଥାନୀୟ ଅଫିସରର୍ସ କ୍ଲବଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବନ୍ଦର ଅଧକ୍ଷ ଶ୍ରୀ ରଏ ବନ୍ଦରର ରେକଡ ପଣ୍ୟକାରବାର ଓ ଭବିଷ୍ୟତରେ ବନ୍ଦରର ଅଭିବୃଦ୍ଧି ସମ୍ପର୍କରେ ବିବରଣୀ ଦେଇଥିଲେ । ଏହି ସଫଳତା ପାଇଁ ଶ୍ରୀ ରଏ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଜାହାଜ ଚଳାଚଳ ମନ୍ତ୍ରୀ ନିତିନ ଗଡକରିଙ୍କ ଉଦ୍ୟମ ଦ୍ୱାରା ପ୍ରଣିତ ସାଗରମେଳା ପ୍ରୋଜେକ୍ଟର ରୂପାୟନକୁ ଭୂୟଶି ପ୍ରଂଶସା କରିଥିଲେ । ବନ୍ଦରର ଟ୍ରଷ୍ଟି ବୃନ୍ଦ, ବନ୍ଦର ବ୍ୟବହାର କାରି ସଂସ୍ଥା , ରାଜ୍ୟ ସରକାର, ପୂର୍ବ ଭାରତୀୟ ରେଳ ବିଭାଗ ସମସ୍ତ ଶ୍ରମିକ ସଂଘ, ବନ୍ଦର ସମସ୍ତ ଅଧିକାରୀ, କର୍ମଚାରୀ ଓ ପ୍ରତ୍ୟେକ୍ଷ ଓ ପରୋକ୍ଷ ଭାବେ ବନ୍ଦର କାରବାରରେ ସଂଶ୍ଲିଷ୍ଟ ଥିବା ସଂସ୍ଥା ମାନଙ୍କୁ କୃତଜ୍ଞତା ଜଣାଇଥିଲେ । ବନ୍ଦରର ସୂଚାରୁରୂପେ କାର୍ଯ୍ୟକ୍ଷମ ଓ ଉନ୍ନତିରେ ଗଣମାଧ୍ୟମର ଭୂମିକାକୁ ଶ୍ରୀ ରଏ ପ୍ରଂଶସା କରିବା ସହିତ ସେମାନଙ୍କୁ କୃତଜ୍ଞତା ଜଣାଇଥିଲେ ।

# ବାଇକ୍ ସାଉଣ୍ଡରେ ଥରୁଛି କେନ୍ଦ୍ରାପଡ଼ା

**କେନ୍ଦ୍ରାପଡ଼ା :** ଜିଲ୍ଲାପାଳ ରଘୁ ଜୀଙ୍କ କେତେକ ଜନହିତକର କାର୍ଯ୍ୟରେ ଜନସାଧାରଣ ଖୁସି ଥିବାବେଳେ ଆଉ କେତେକ କାର୍ଯ୍ୟରେ ଅସନ୍ତୋଷ ଚର୍ଚ୍ଚା ହେଉଛି।ଏବେ ସହରର ବିଭିନ୍ନ ସ୍ଥାନରେ କେତେକ ଯୁବ ଗୋଷ୍ଠୀ ନିଜ ବାଇକ୍ ତଥା ବୁଲେଟ୍‌ରେ ବିଭିନ୍ନ ପ୍ରକାର ଆଧୁନିକ ଶବ୍ଦ ତଥା ଗଡ଼ମା ଓ ବିସ୍ଫୋରକ ବମ୍ ଭଳି ଶବ୍ଦରେ ସହରକୁ ଚମକାଇ ଦେଉଛନ୍ତି। ଏ ସମ୍ପର୍କରେ ଅଭିଯୋଗ ହେବା ହେତୁ ଜିଲ୍ଲାପାଳ ଏହାକୁ ଗୁରୁତ୍ୱ ଦେଇ ଜିଲ୍ଲାପୋଲିସ୍ ଓ ଆରଟିଓଙ୍କୁ ନେଇ ଏକ ବୈଠକ କରି ଦୃଢ କଟକଣା କରିଥିଲେ। ଯାହାକି ଥଣ୍ଡା ପଡ଼ିଯାଇଥିଲା ହେଲେ ଏହାର ଠିକ୍ ଏକ ମାସ ପରେ ପୂର୍ବବତ୍ ଭଳି ସମସ୍ୟା ଦେଖାଗଲା। ଆଜିର ଦିନରେ ଉକ୍ତ ଲଗାମ୍ ଛଡ଼ା ଯୁବପିଢ଼ିମାନେ ଭୟଙ୍କର ଶବ୍ଦରେ ଓ କ୍ଷିପ୍ର ବେଗରେ ତିନି ରୁ ଚାରି ଜଣ ଗାଡି ଚଳାଇବା ଦ୍ୱାରା ଏଠାକାର ଲୋକେ ତଥା ନିକଟସ୍ଥ ଗ୍ରାମାଞ୍ଚଳରୁ ଆସୁଥିବା ସାଧାରଣ ଲୋକ ଭୟଭୀତ ହୋଇପଡୁଛନ୍ତି। ତେବେ ଏହି କାର୍ଯ୍ୟ ଏକ ଅସାମାଜିକ ଗୋଷ୍ଠୀର ଯୁବକଙ୍କ କାର୍ଯ୍ୟ ବୋଲ ଜାଣିବାକୁ ମିଳେ। ଏଭଳି ପରିସ୍ଥିତିରେ ଉକ୍ତ ଯୁବକଙ୍କୁ ବାଧା ଦେଲେ ଲୋକଙ୍କୁ ଅଶ୍ଲିଳ ଭାଷାରେ ଗାଳି ତଥା ମାଡ଼ଖାଇବାକୁ ପଡ଼େ ବୋଲି ଶଣିବାକୁ ମିଳୁଛି। ତେଣୁ ପ୍ରଶାସନ ଏହାକୁ ଗୁରୁତ୍ୱ ଦେବା ନିହାତି ଆବଶ୍ୟକ।



## ପବିତ୍ର ଉତ୍କଳ ଦିବସ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ - 'ଏକମାତ୍ର' ପରିବାର



ସତ୍ୟମେବ ଜୟତେ

## ବାର୍ତ୍ତା

ପବିତ୍ର ଉତ୍କଳ ଦିବସ - ୨୦୧୮ ଉପଲକ୍ଷେ ମୁଁ ରାଜ୍ୟବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ମୁଁ ଏହି ଅବସରରେ ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବାକୁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଜଣାଉଛି।

Satya Pal Malik

(ସତ୍ୟ ପାଲ ମଲିକ)



## ନିବେଦନ

*'ଆପଣଙ୍କ ସ୍ନେହ ପ୍ରେମ କରୁଣାର ଦାନ ବଞ୍ଚାଇ ପାରିବ ଏକ ଶିଶୁର ଜୀବନ'*

ଧାମନଗର ବ୍ଲକ ଅନ୍ତର୍ଗତ ଧୁଷୁରୀ ପଞ୍ଚାୟତ ବ୍ରାହ୍ମଣପାଳ ଗ୍ରାମର ଗୋଟିଏ ଗରିବ ପରିବାରର ୬ ବର୍ଷର ଶିଶୁପୁତ୍ର ସ୍ୱାଗତ ଗତ ୩ମାସ ହେବ ରକ୍ତ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଏବେ ଭୁବନେଶ୍ୱର ସମ୍ ହସ୍ପିଟାଲରେ ଚିକିତ୍ସାଧୀନ ରହିଛି। 'ସ୍ୱାଗତ'ର ଚିକିତ୍ସା ପାଇଁ ବହୁ ଟଙ୍କାର ଆବଶ୍ୟକତା ଥିଲା ବେଳେ ତାଙ୍କ ପରିବାର ନିକଟରେ ସମ୍ବଳ ନଥିବାରୁ ଏଥିପାଇଁ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ ଆବଶ୍ୟକ ହେଉଛି। ତେଣୁ ଗୋଟିଏ କୋମଳମତି ଶିଶୁର ଜୀବନ ରକ୍ଷା କରିବା ପାଇଁ ସମସ୍ତେ ଆଗେଇ ଆସିବାକୁ ନିବେଦନ କରୁଛୁ। ଯେଉଁମାନେ ଏହି ଶିଶୁଟିକୁ ଆର୍ଥିକ ସାହାଯ୍ୟ ଦେବାକୁ ଚାହୁଁଛନ୍ତି ସେମାନେ ଶିଶୁଟିର ପିତା ସଞ୍ଜୀବ କୁମାର ସାହୁଙ୍କ ସହିତ ଯୋଗାଯୋଗ କରିପାରିବେ। ନଚେତ୍ ଏହି ବ୍ୟାଙ୍କ ଆକାଉଣ୍ଟ ନମ୍ବରରେ ଆର୍ଥିକ ସହାୟତା ପ୍ରଦାନ ପାଇଁ ନିବେଦନ।

Account No. : 34235540458
SBI, Dhusuri Branch
IFSC Code - SBIN0013587
CIF Number - 87726597641
S. Sahoo - 9348073610

- 'ଏକମାତ୍ର' ପରିବାର


ପବିତ୍ର ଉତ୍କଳ ଦିବସ ଅବସରରେ ଓଡ଼ିଶାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

ପବୀତ୍ର ରାଉତରାୟ
ଚେୟାରମ୍ୟାନ୍
ଶ୍ରୀକ୍ରୀଷ୍ଣା ଇଣ୍ଟରନ୍ୟାସନାଲ ସ୍କୁଲ
ଭୁବନେଶ୍ୱର





ପବିତ୍ର ଉତ୍କଳ ଦିବସ ଉପଲକ୍ଷେ ଖୋରଧା ଜିଲ୍ଲାର ସମସ୍ତ ଭାଇ, ଭଉଣୀ ଓ ଗୁରୁଜନମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ପ୍ରଫୁଲ୍ଲ କୁମାର ଦଳେଇ
ଅଧ୍ୟକ୍ଷ, ଜିଲ୍ଲା ପରିଷଦ, ଖୋରଧା



ଉତ୍କଳ ଦିବସ ଅବସରରେ ସିମୁଳିଆବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ।

ଶଶୀ କୁମାର ସାହୁ
ବିଧାୟକ ପ୍ରାର୍ଥୀ, ସିମୁଳିଆ ନିର୍ବାଚନ ମଣ୍ଡଳୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ


## ଉତ୍କଳ ଦିବସ ଉପଲକ୍ଷେ ବାର୍ତ୍ତା

'ବନ୍ଦେ ଉତ୍କଳ ଜନନୀ' ଉତ୍କଳ ମାତାର ଜୟଗାନ ଶୁଣିବା ମାତ୍ରେ ସମସ୍ତ ଓଡ଼ିଆଙ୍କ ମନ ଭିତରେ ଖେଳିଯାଏ ଏକ ଅପୂର୍ବ ଭକ୍ତିପୂତ ଜାଗରଣ। ସେଇ କ୍ଷଣିକ ପାଇଁ ଜନ୍ମଭୂମୀ ପ୍ରତି ଥିବା ମମତା ସ୍ୱତଃ ଜାଗ୍ରତ ହୋଇଯାଏ ସଭିଙ୍କ ଭିତରେ। ତେଣୁ ପବିତ୍ର ଉତ୍କଳ ଦିବସକୁ ମନେ ପକାଇବା ଉଦ୍ଦେଶ୍ୟରେ ପ୍ରତ୍ୟେକ ଅପ୍ରେଲ ମାସ ପହିଲା ଦିନଟିକୁ ସମଗ୍ର ଓଡ଼ିଶାରେ ପାଳନ କରାଯାଏ। ଏହି ଅବସରରେ ଓଡ଼ିଶାର ସମସ୍ତ ଜନସାଧାରଣ ତଥା କଳାହାଣ୍ଡି ଜିଲ୍ଲାର ସମସ୍ତ ଭାଇ, ଭଉଣୀ ଓ ମା'ମାନଙ୍କୁ ମୋର ଅଭିନନ୍ଦନ। ଆସନ୍ତୁ ଯେଉଁ ମାନଙ୍କ ଆପ୍ରାଣ ଚେଷ୍ଟା ଫଳରେ ବ୍ରିଟିଶ ଶାସନରୁ ମୁକ୍ତି ହୋଇ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲା, ସେଇ ମହାମନୀଷିମାନଙ୍କୁ ଯଥା ମଧୁସୂଦନ ଦାସ, ଫକୀର ମୋହନ ସେନାପତି, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଗଙ୍ଗାଧର ମେହେର, ରାଧାନାଥ ରାୟ, ବାସୁଦେବ ସୁଢଳ ଦେଓ ଓ କୃଷ୍ଣଚନ୍ଦ୍ର ଗଜପତିଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ଉଦ୍ଦେଶ୍ୟରେ ଅପ୍ରେଲ ପହିଲାକୁ ଉତ୍କଳ ଦିବସ ରୂପେ ପାଳନ କରିବା।

**ଜଗଦୀଶ ମଣ୍ଡଳ**

ଦ୍ରୌପଦୀ ନିବାସ, କଷାକେନ୍ଦୁ ରୋଡ, ଭବାନୀପାଟଣା, କଳାହାଣ୍ଡି ।। ମୋ - ୯୭୩୭୦୭୦୮୮୨


ରାଜ୍ୟର ପ୍ରଥମ ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ୍ ଭାବେ କେନ୍ଦ୍ରାପଡ଼ା ଅର୍ବାନ କୋ-ଅପରେଟିଭ୍ ବ୍ୟାଙ୍କ୍ ସର୍ବଭାରତୀୟ ଏଟିଏମ୍ କାର୍ଡ ସେବା ଆରମ୍ଭ କରିଛି। ସମସ୍ତ ଗ୍ରାହକ ଓ ଜନସାଧାରଣ ଏହି ସୁବିଧା ହାସଲ କରିବାକୁ ଅନୁରୋଧ।




ମନ୍ମଥନାଥ ରାଉତ - ସିଇଓ
ଭାଗବତ ପ୍ରସାଦ ମହାନ୍ତି - ସଭାପତି

କେନ୍ଦ୍ରାପଡ଼ା ଅର୍ବନ କୋ-ଅପରେଟିଭ ବ୍ୟାଙ୍କ୍

**Heartiest Greetings**
**Happy Utkal Divas**

Evos
EVOS BUILDCON PVT.LTD.



କଳିଙ୍ଗ କେଶରୀ ରଥ

www.evos.co.in
E-mail : support@evos.co.in
Cell : 9438383699/ 9040051152


## ପବିତ୍ର ଅଶୋକାଷ୍ଟମୀ ଉପଲକ୍ଷେ 'ଓଁ ସ୍ୱୟଂସହାୟିକା ଗୋଷ୍ଠୀ'ର ଜଳଛତ୍ର



**ଭୁବନେଶ୍ୱର :** ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପବିତ୍ର ଅଶୋକାଷ୍ଟମୀ ପର୍ବରେ ପୁରୁଣା ଭୁବନେଶ୍ୱର ଓଁ ସ୍ୱୟଂସହାୟିକା ଗୋଷ୍ଠୀ ପକ୍ଷରୁ ଜଳଛତ୍ର ଖୋଲାଯାଇଥିଲା। ଏଥିରେ ଅନୁଷ୍ଠାନର ସଦସ୍ୟା ପୁଷ୍ପିତା ସାହୁ, ନିବେଦିତା ଦାସ, ବାସନ୍ତୀ ପଟ୍ଟନାୟକ ମିନିକୁମାରୀ ମିଶ୍ର, ପ୍ରତିଭା ରଥ, ସଞ୍ଜୁକ୍ତା ଦାସ, ମଧୁଲିତା ରାୟ ମହାପାତ୍ର କନିକା ମଲ୍ଲିକ, ପ୍ରମିଳା ସାହୁ, ଚୁମୁକି ରାଉତ, ଶ୍ରଦ୍ଧାଞ୍ଜଳୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମର ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିଥିଲେ। ଉଲ୍ଲେଖଯୋଗ୍ୟ ଗତ ୪ବର୍ଷ ଧରି ଏହି ଅନୁଷ୍ଠାନ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ସମେତ ବହୁ ସାମାଜିକ ସେବା କାର୍ଯ୍ୟରେ ନିୟୋଜିତ ରହିଛନ୍ତି।




ପବିତ୍ର ଉତ୍କଳ ଦିବସ ଅବସରରେ କଳାରାହାଙ୍ଗ ପଞ୍ଚାୟତବାସୀଙ୍କୁ ଆନ୍ତରିକ ଅଭିନନ୍ଦନ ଓ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି।

ସନ୍ତୋଷ କୁମାର ନାଥ
ପୂର୍ବତନ ସରପଞ୍ଚ
କଳାରାହାଙ୍ଗ ଗ୍ରାମ ପଞ୍ଚାୟତ, ଭୁବନେଶ୍ୱର




## ଉତ୍କଳ ଦିବସ ଓ ପୋଲିସ ପ୍ରତିଷ୍ଠା ଦିବସର ବାର୍ତ୍ତା

୮୩ ତମ ପବିତ୍ର ଉତ୍କଳ ଦିବସ ତଥା ପୁଲିସ ପ୍ରତିଷ୍ଠା ଦିବସ ପାଳନ ଅବସରରେ କଳାହାଣ୍ଡି ଜିଲ୍ଲାର ଅଗଣିତ ଭାଇ, ଭଉଣୀ ଓ ମା ମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଉଛି। ୧୯୩୬ ମସିହାରେ ଏହି ଦିନରେ ଭାଷା ଭିତ୍ତିକ ସ୍ୱତନ୍ତ୍ର ଓଡିଶା ରାଜ୍ୟ ଗଠନ କରିବାରେ ଯେଉଁ ମହାମନିଷୀମାନେ ସେମାନଙ୍କର ତ୍ୟାଗ, ପ୍ରଚେଷ୍ଟା ଓ ଆତ୍ମବଳିଦାନ ଦେଇଥିଲେ ସେମାନଙ୍କ ମଧ୍ୟରେ ଉତ୍କଳ ଗୌରବ ମଧୁସୁଦନ ଦାସ, ଫକୀର ମୋହନ ସେନାପତି, ଗୋପବନ୍ଧୁ ଦାସ, ନିଳକଣ୍ଠ ଦାସ, ରାଧାନାଥ ରାୟ ଓ ବାସୁଦେବ ସୁଢଳ ଦେବ, କୃଷ୍ଣଚନ୍ଦ୍ର ଗଜପତି ସର୍ବାଗ୍ରେ ସ୍ମରଣୀୟ। ଉକ୍ତଦିନ ମଧ୍ୟ ଓଡିଶା ପୋଲିସ ବିଭାଗ ଜନ୍ମ ନେଇଥିଲା। ଚାହୁଁ ଚାହୁଁ ଜନ୍ମ ନେଇଥିବା ଏହି ବିଭାଗଟି ସୁନାମ, କାର୍ଯ୍ୟଦକ୍ଷତା ଓ ଆତ୍ମବଳୀ ରୂପକ ବନ୍ଧୁରିତଶିଳାର ଘାତ ପ୍ରତିଘାତ ସହନ କରି ଆଜି ଆପଣମାନଙ୍କର ଶ୍ରଦ୍ଧାଭାଜନ ହୋଇ ପାରିଛି। ପୋଲିସ ବିଭାଗ କେବଳ ଚୋର ଧରିବା ଓ ଆଇନ ଶୃଙ୍ଖଳା ରକ୍ଷା କରିବା ଭିତରେ ସୀମିତ ନ ରହି ଜନସାଧାରଣଙ୍କୁ ବନ୍ୟା, ଦୁର୍ଭିକ୍ଷ ଓ ଦୁର୍ବିପାକରେ ମଧ୍ୟ ସାହାଯ୍ୟ କରି ଆସିଛି। ଅବିଭକ୍ତ କୋରାପୁଟ, କଳାହାଣ୍ଡି, ଫୁଲବାଣୀ ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ଅରାଜକତା ଚଳାଇଥିବା ଅସାମାଜିକ ଗୋଷ୍ଠୀ ମାନଙ୍କର ଦୃଢ ମୁକାବିଲା ପାଇଁ ପ୍ରତିକୂଳ ପରିବେଶରେ ରହି ନିଜର ଜୀବନ ଉତ୍ସର୍ଗ କରିବାକୁ ପ୍ରତିଶ୍ରୁତି ବଦ୍ଧ। ରେଳ ଦୁର୍ଘଟଣା ଠାରୁ ଆରମ୍ଭ କରି ସାଇବର କ୍ରାଇମ ତଥା ସାମୁଦ୍ରିକ ତଟ ରକ୍ଷା ପାଇଁ ମଧ୍ୟ ଓଡିଶା ପୋଲିସ ସତତ ଚେଷ୍ଟିତ ଓ ଜାଗ୍ରତ। ଏହି ଅବସରରେ ଆମେମାନେ ଉକ୍ତ ମହାମନିଷୀ ମାନଙ୍କର ସ୍ମୃତି ଚାରଣ କରିବା ସଙ୍ଗେ ସଙ୍ଗେ ନିଜର ଉତ୍ତମ ବ୍ୟବହାର, ସାଧୁତା ତଥା କର୍ତ୍ତବ୍ୟ ନିଷ୍ଠା ମାଧ୍ୟମରେ ଜନସାଧାରଣଙ୍କର କିପରି ଆସ୍ଥା ଭାଜନ ହୋଇପାରିବା ସେଥିପାଇଁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ କରୁଛି। ତତ୍‌ସହିତ ଜନସାଧାରଣ, ପୋଲିସ ବନ୍ଧୁମାନଙ୍କୁ ସାହାଯ୍ୟ ଓ ସହାନୁଭୂତିର ହାତ ବଢ଼ାଇବା ପାଇଁ ନିବେଦନ କରୁଛି।

*ବନ୍ଦେ ଉତ୍କଳ ଜନନୀ*

**ସନ୍ଦିପ୍ ମାଡକର ସମ୍ପତ**
ଆରକ୍ଷୀ ଅଧିକ୍ଷକ
କଳାହାଣ୍ଡି

## ଉତ୍କଳ ଦିବସ ଉପଲକ୍ଷେ ବାର୍ତ୍ତା

ଓଡିଶାବାସୀ ଓ କଳାହାଣ୍ଡି ଜିଲ୍ଲାର ସମସ୍ତ ଭାଇ, ଭଉଣୀ ଓ ମା'ମାନଙ୍କୁ ମୋର ୮୩ତମ ଉତ୍କଳ ଦିବସ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି। ଏହି ଦିବସଟି ଆମ ସମସ୍ତଙ୍କ ପାଇଁ ଏକ ସ୍ମରଣୀୟ ଦିନ। କାରଣ ୧୯୩୬ ଅପ୍ରେଲ ୧ ତାରିଖ ଦିନ ଭାରତରେ ଓଡ଼ିଶା ଏକମାତ୍ର ଭାଷାଭିତ୍ତିକ ପ୍ରଥମ ରାଜ୍ୟ ଭାବେ ସ୍ୱୀକୃତିଲାଭ କରିଥିଲା। ୧୫୬୮ରେ ଶେଷ ହିନ୍ଦୁ ରାଜା ମୁକୁନ୍ଦ ଦେବଙ୍କ ଦେହାନ୍ତ ପରେ ବ୍ରିଟିଶ ଶାସନରୁ ଅଲଗା ହୋଇ ଓଡିଶାକୁ ଏକ ଅଲଗା ରାଜ୍ୟ କରିବା ପ୍ରଚେଷ୍ଟା ମଧୁସୂଦନ ଦାସ, ଫକୀର ମୋହନ ସେନାପତି, ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଗଙ୍ଗାଧର ମେହେର, ରାଧାନାଥ ରାୟ ଓ ବାସୁଦେବ ସୁଢଳ ଦେଓ ଓ କୃଷ୍ଣ ଚନ୍ଦ୍ର ଗଜପତିଙ୍କୁ ନେଇ ଆନ୍ଦୋଳନ ତେଜିଥିଲା। ପ୍ରଥମେ ଛଅଟି ଜିଲ୍ଲା କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, କୋରାପୁଟ ଓ ଗଞ୍ଜାମକୁ ନେଇ ଓଡ଼ିଶା ରାଜ୍ୟ ଗଠନ ହୋଇଥିଲା। ସାର୍ ଅଷ୍ଟିନ୍ ହବାକ୍ ଓଡିଶାର ପ୍ରଥମ ରାଜ୍ୟପାଳ ଭାବେ ଶପଥ ନେଇଥିଲେ। ଅପ୍ରେଲ ମାସ ପହିଲା ଦିନ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ମିଳିଥିଲା। ୧୯୯୨ ମସିହାରେ ଓଡିଶାର ୧୩ ଗୋଟି ଜିଲ୍ଲାକୁ ପୁନର୍ବିଭାଜନ କରି ୩୦ ଟି ଜିଲ୍ଲାରେ ଭାଗ କରାଗଲା। ତେଣୁ ଉକ୍ତଦିନ ଠାରୁ ପ୍ରତିବର୍ଷ ଅପ୍ରେଲ ପହିଲା ଦିନଟିକୁ ଓଡିଶା ଦିବସ ରୂପେ ପାଳନ କରାଯାଇ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନର କର୍ଣ୍ଣଧାର ମାନଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରାଯାଉଅଛି। ଆସନ୍ତୁ ସେହି ବରପୁତ୍ରଙ୍କ ସ୍ମୃତିରେ ଏହି ପବିତ୍ର ଦିବସକୁ ପାଳନ କରିବା ସହିତ ଏକ ସୁନ୍ଦର ଓଡ଼ିଶା ଗଠନ କରିବାକୁ ଜିଲ୍ଲାବାସୀଙ୍କୁ ନିବେଦନ କରୁଛି।



**ଅଞ୍ଜନ କୁମାର ମାଣିକ**
ଜିଲ୍ଲାପାଳ, କଳାହାଣ୍ଡି

## ପବିତ୍ର ଉତ୍କଳ ଦିବସ - ୨୦୧୮ ଅବସରରେ ସର୍ବପୁରାତନ କେନ୍ଦ୍ରାପଡ଼ା ପୌରପାଳିକା ତରଫରୁ ହାର୍ଦ୍ଦିକ ଅଭିନନ୍ଦନ

### ପୌର ଅଧିବାସୀଙ୍କୁ ନିମ୍ନଲିଖିତ କାର୍ଯ୍ୟମାନ ଉତ୍ସର୍ଗୀକୃତ

୧- ୪୦ ଲକ୍ଷଟଙ୍କା ବ୍ୟୟରେ ହଜାରି ବଗିଚାସ୍ଥିତ ରାତ୍ର ଆଶ୍ରୟସ୍ଥଳୀ।

୨- ୨୦ ଲକ୍ଷଟଙ୍କା ବ୍ୟୟରେ ୪୭ଗୋଟି ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇଅଛି ଏବଂ ୨୦ ଲକ୍ଷ ଟଙ୍କା ବିନିମୟରେ ଭେଣ୍ଡିଂ ଜୋନ୍ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଅଛି।

୩- ୩୫ ଲକ୍ଷ ଟଙ୍କା ବ୍ୟୟରେ ୨ ଗୋଟି ନୂଆ ପାର୍କ ନିର୍ମାଣ ଓ କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ନିକଟସ୍ଥ ବିଜୁ ପଟ୍ଟନାୟକ ପାର୍କର ପୁନରୁଦ୍ଧାର।

୪- ୭୧ ଲକ୍ଷ ଟଙ୍କା ବ୍ୟୟରେ ଉଦୟନଗର ଠାରେ ମାର୍କେଟ୍ କମ୍ପ୍ଲେକ୍ସର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ।

୫- ୨କୋଟି ୫୦ଲକ୍ଷ ଟଙ୍କା ବ୍ୟୟରେ ମହାଭୋଇ ପୁଷ୍କରିଣୀର ସୌନ୍ଦର୍ଯ୍ୟ କରଣ ନିମନ୍ତେ ଉଚଜ ପ୍ରସ୍ତୁତ।

୬-୩ କୋଟି ଟଙ୍କା ବ୍ୟୟରେ କେନ୍ଦ୍ରାପଡ଼ାର ବିଭିନ୍ନ ୱାର୍ଡ଼ରେ ରାସ୍ତା ଓ ଡ୍ରେନ୍ ନିର୍ମାଣ।

୭- କେନ୍ଦ୍ରାପଡ଼ା ପୌରପାଳିକାରେ ଇଣ୍ଟରନାଲ ଡ୍ରେନେଜ ସିଷ୍ଟମର ଯୋଜନା ରହିଛି।

୮- ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୮୭ ଜଣ ହିତାଧିକାରୀଙ୍କର ଗୃହକାର୍ଯ୍ୟ ଚାଲୁଅଛି।

ଶ୍ରୀଯୁକ୍ତ ଦେବପ୍ରସାଦ ବଳ
ନିର୍ବାହୀ ଅଧିକାରୀ
କେନ୍ଦ୍ରାପଡ଼ା ପୌରପାଳିକା

ଡ଼ଃ. କାହ୍ନୁ ଚରଣ ଧୀର (ଓ.ପ୍ର.ସେ-୧)
ଅଧ୍ୟକ୍ଷ
ଉପ-ଜିଲ୍ଲାପାଳ, କେନ୍ଦ୍ରାପଡ଼ା




ଶର୍ମିଷ୍ଠା ମେମୋରିଆଲ ହସ୍ପିଟାଲ
କନ୍ହେଇଁପୁର, ଯାଜପୁର ରୋଡ଼, ଯାଜପୁର
ଭ୍ରାମ୍ୟଭାଷ : ୯୪୩୭୬୩୨୨୧୦

ଉତ୍କଳ ଦିବସ ଅବସରରେ ନୟାଗଡ଼ ଜିଲ୍ଲାବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।



ଇଂ. ଶିଶିର କୁମାର ନାୟକ
ସଭାପତି
ତାପଙ୍ଗ ଦଳବେହେରା ସ୍ମୃତି ପରିଷଦ

Evos EVOS BUILDCON PVT.LTD.

Upcoming Appartment Project
Mahaveer Enclave
Patrapada (Udayagiri Vihar)
300 Mts. from N.H., Petrol Pump




Construction will Start from March 2017
Member Of AFORD
3200/- Sq.ft
State Bank of India
Finance Available
27-40 Lakhs
www.evos.co.in

Upcoming Mini Township Project (Duplex & Appartment)
HILL VIEW HEAVEN
DEULIAPATANA
2 K.M. from Madanpur, Near Jagasara, BDA Housing Project



Mob.: 9438383699, 9040051152



Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra**
ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ

Editor : **Tarak Mohanty**
ସମ୍ପାଦକ : ତାରକ ମହାନ୍ତି